

ISSN - 3139 - 9940 (ONLINE)

# ପକ୍ଷଧର

ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ
ଅକ୍ଟୋବର ୨୦୨୬- ମାର୍ଚ୍ଚ ୨୦୨୭

ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

ISSN - 3139 - 9940 (ONLINE)

# The Panchara

# ପଞ୍ଚରା

## ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

A half - yearly Odia folk literary research journal.

ସତ୍ୟମେବେଶ୍ୱରୋ ଲୋକେ ସତ୍ୟେ ଧର୍ମଃ ସଦାଶ୍ରିତ ।
ସତ୍ୟମୂଳନି ସର୍ବାଣି ସତ୍ୟାନ୍ନାସ୍ତି  ପରଂ ପଦମ ।।
"ଜଗତରେ ସତ୍ୟ ହିଁ ଏକମାତ୍ର ଈଶ୍ୱର; ଧର୍ମ ମଧ୍ୟ ସତ୍ୟ ଉପରେ ନିର୍ଭର କରେ; ସତ୍ୟ ସମସ୍ତ ଅସ୍ତିତ୍ୱ
ଏବଂ ସମୃଦ୍ଧିର ମୂଳ; ସତ୍ୟଠାରୁ ବଡ଼କିଛି ନାହିଁ ।"
୧୩ ଶ୍ଳୋକ ,୧୦୯ ସର୍ଗ
ବାଲ୍ମୀକି ରାମାୟଣ ଅଯୋଧ୍ୟା କାଣ୍ଡ

ପ୍ରଥମ ବର୍ଷ ।। ଦ୍ୱିତୀୟ  ଅର୍ଘ୍ୟ
ଅକ୍ଟୋବର ୨୦୨୬ -  ମାର୍ଚ୍ଚ ୨୦୨୭

Volume No - 01, Issue No - 02
October 2026 - March 2027

ସମ୍ପାଦକ ଓ ପ୍ରକାଶକ
ସୁବାସ ଚନ୍ଦ୍ର ଭୋଇ

Editor & Publisher
Subash Chandra Bhoi

ଯୋଗାଯୋଗ ଠିକଣା
ସୁବାସ ଚନ୍ଦ୍ର ଭୋଇ
ଗ୍ରାମ- ସାହୁପଡ଼ା, ପୋ.ଅ.- ମନୁପାଲି, ଜିଲ୍ଲା- ବୌଦ୍ଧ
ପିନ୍ - ୭୬୨୦୧୫

Communication Adress
Subash Chandra Bhoi
At -  Sahupada, PO- Manupali, Dist- Boudh
Pin - 762015
Contact Mail I'D - Pancharamagazine@gmail.com
Website - pancharamagazine.com

The Panchara
ପଞ୍ଚରା
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

Scan this QR code to submit your research article.

Scan this QR code to visit our website.

# ABOUT US

1. Panchara is a half- yearly folk literary research journal.
2. Only original research articles related to folk literature and folk culture will be published in it.
3. In addition, there will be interviews with researchers and critics involved in folk literature and folk culture re -search and reviews of books related to the subject.
4. Articles published elsewhere will not be accepted.
5. Panchara does not charge any fee for publishing articles.
6. Since the journal is halfyearly, wait for at least two issues after sending your article.

## Rules for submitting articles-

1. The article must be prepared in Kalinga font using Microsoft Word.
2. The author will provide an abstract of the article in 150-200 words and 5-7 keywords related to the article.
3. The length of the entire article should be limited to 5-7 pages.
4. References used during the preparation of the article should be prepared in MLA style.
5. Submit the article prepared based on the above guidelines and fill in the acknowledgement letter prepared by the journal and send its scanned copy to us.

# ଆମ ବିଷୟରେ

୧. ପଞ୍ଚରା ଏକ ଷାଣ୍ମାସିକ ଲୋକସାହିତ୍ୟଧର୍ମୀ ଗବେଷଣାମୂଳକ ପତ୍ରିକା ।
୨. ଏଥିରେ କେବଳ ଲୋକସାହିତ୍ୟ ଓ ଲୋକ ସଂସ୍କୃତି ସମ୍ପର୍କିତ ମୌଳିକ ଗବେଷଣାମୂଳକ ଆଲେଖ୍ୟ ପ୍ରକାଶ ପାଇବ।
୩. ଏତଦ ବ୍ୟତୀତ ଲୋକସାହିତ୍ୟ ଓ ଲୋକ ସଂସ୍କୃତି ସହ ଜଡ଼ିତ ଗବେଷକ ତଥା ବ୍ୟକ୍ତିତ୍ୱଙ୍କ ସାକ୍ଷାତକାର ଏବଂ ବିଷୟ ସଂଶ୍ଳିଷ୍ଟ ପୁସ୍ତକର ସମୀକ୍ଷା ସ୍ଥାନ ପାଇବ ।
୪. ଅନ୍ୟତ୍ର ପ୍ରକାଶିତ ଲେଖା ଗ୍ରହଣୀୟ ହେବନାହିଁ ।
୫. ଲେଖା ପ୍ରକାଶନ ପାଇଁ ପଞ୍ଚରା କୌଣସି ଦେୟ ଗ୍ରହଣ କରେନାହିଁ ।
୬. ପତ୍ରିକାଟି ଷାଣ୍ମାସିକ ହୋଇଥିବାରୁ ଆପଣ ଲେଖା ପ୍ରେରଣ କଲାପରେ ସର୍ବନିମ୍ନ ଦୁଇଟି ସଂଖ୍ୟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

## ଲେଖା ପ୍ରେରଣର ନିୟମ

୧. ଲେଖାଟି ମାଇକ୍ରୋସଫ୍ଟ ୱାର୍ଡ ମାଧ୍ୟମରେ କଳିଙ୍ଗ ଫଣ୍ଟରେ ପ୍ରସ୍ତୁତ ହୋଇଥିବା ବିଧେୟ ।
୨. ଲେଖା ସହ ଲେଖାର ସାରାଂଶ ( Abstract ) ୧୫୦- ୨୦୦ ଶବ୍ଦ ଭିତରେ ଓ ଲେଖା ସହ ଜଡ଼ିତ ୫-୭ଟି ମୂଳଶବ୍ଦ ଲେଖକ ପ୍ରଦାନ କରିବେ ।
୩. ସମ୍ପୂର୍ଣ୍ଣ ଲେଖାର କଳେବର ୫-୭ ପୃଷ୍ଠା ମଧ୍ୟରେ ସୀମିତ ହେବା ଉଚିତ ।
୪. ଲେଖା ପ୍ରସ୍ତୁତି ସମୟରେ ବ୍ୟବହୃତ ସହାୟିକା (ରେଫରେନ୍ସ) MLA ଶୈଳୀରେ ପ୍ରସ୍ତୁତ ହୋଇଥିବା ବିଧେୟ ।
୫. ଉପରୋକ୍ତ ମାର୍ଗଦର୍ଶିକା ଆଧାରରେ ପ୍ରସ୍ତୁତ ଲେଖାକୁ ପ୍ରେରଣ କରିବା ସହ ପତ୍ରିକା ପକ୍ଷରୁ ପ୍ରସ୍ତୁତ ସ୍ୱୀକାରୋକ୍ତି ପତ୍ର ପୂରଣ କରି ତାହାର ସ୍କାନ କପି ଆମକୁ ପଠାନ୍ତୁ ।

ISSN - 3139 - 9940 (ONLINE)

ପଞ୍ଚରା

ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭

Volume No -01 । Issue No - 02 । October 2026 - March 2027

ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

## ଉପଦେଷ୍ଟା

ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରାଧ୍ୟାପକ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

## ସମ୍ପାଦନା ମଣ୍ଡଳୀ

ତୁଷାର ରଞ୍ଜନ ଥନାପତି
ସହାୟକ ପ୍ରାଧ୍ୟାପକ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା

ଡକ୍ଟର ସୁମନ୍ତ କୁମାର ଭୋଇ
ଅଧ୍ୟାପକ
ଆଦିକବି ସାରଳାଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ
ଜଗତସିଂହପୁର

ଡକ୍ଟର ତରୁଣ କୁମାର ସା
ଅଧ୍ୟାପକ
ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟ, ଗୁରୁଡ଼ିଝାଟିଆ
କଟକ

ପ୍ରଦ୍ୟୁମ୍ନ ସାହୁ
ଅଧ୍ୟାପକ
ଏ. ଇ.ଏସ୍ ମହାବିଦ୍ୟାଳୟ, ତରଭା, ସୋନପୁର

ଆଲିଶ କୁମାର କର୍ଣ୍ଣ
ଗବେଷକ
ବିଶ୍ୱଭାରତୀ, ଶାନ୍ତିନିକେତନ

ଅମ୍ରିତା ଶତପଥି
ଗବେଷିକା
ଶିକ୍ଷା ଓ ଅନୁସନ୍ଧାନ, ଭୁବନେଶ୍ୱର

ନରେଶ ମହାନନ୍ଦ
ଗବେଷକ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି

## ମନ୍ତବ୍ୟ ଆପଣଙ୍କର...

ବୌଦ୍ଧ ଜିଲ୍ଲାର କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଚରା ଅଞ୍ଚଳରୁ ପ୍ରକାଶିତ ହେଉଥିବା ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା 'ପଞ୍ଚରା' ବିଷୟରେ ଜାଣି ଆନନ୍ଦିତ ହେଲି । ଜନଜୀବନ, ଲୋକସାହିତ୍ୟ, ଲୋକସଂସ୍କୃତିକୁ ଆଧାର କରି ଏଭଳି ଏକ ଗବେଷଣାତ୍ମକ ପତ୍ରିକା ଅବହେଳିତ ତଥା ଅନୁନ୍ନତ ତଥା ପଞ୍ଚରା ଅଞ୍ଚଳର ଜଣେ ସାହିତ୍ୟ ଅନୁରାଗୀ, ଉଦୀୟମାନ ଯୁବକଙ୍କଦ୍ୱାରା ସମ୍ପାଦିତ ହେବା ଖୁସିର କଥା । ମୋ ପଞ୍ଚରାର 'ପଞ୍ଚରା' ପତ୍ରିକାର ସମ୍ପାଦକ, ପୃଷ୍ଠପୋଷକ ତଥା ଶୁଭେଚ୍ଛୁମାନଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ପଞ୍ଚରାର ଅଧୀଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ଓ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ।

ଶ୍ରୀଯୁକ୍ତ କହ୍ନାଇଁ ଚରଣ ଡାଙ୍ଗ
ଅଧ୍ୟକ୍ଷ
ଜିଲ୍ଲା ଯୋଜନା ବୋର୍ଡ଼, ବୌଦ୍ଧ

ଓଡ଼ିଆ ଭାଷାରେ 'ପଞ୍ଚରା'ର ପ୍ରକାଶନ ଲୋକସାହିତ୍ୟ ଗବେଷଣାକୁ ନୂତନ ଆଶା ପ୍ରଦାନ କରିଛି। ପ୍ରଥମ ଲୋକସାହିତ୍ୟ ଗବେଷଣା ପତ୍ରିକା ଭାବରେ ଏହାର ପ୍ରକାଶନ ଓ ପ୍ରଥମ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ବହୁବର୍ଣ୍ଣୀ ହୋଇଥିବା ହେତୁ ପାଠକଗଣଙ୍କୁ ଆକର୍ଷିବା ସହିତ ସନ୍ତୁଷ୍ଟ କରିଥିବ ବୋଲି ମୋର ବିଶ୍ୱାସ। ଆଦିବାସୀ ଭାଷା, ପାରମ୍ପରିକ ବାଦ୍ୟଯନ୍ତ୍ର, ନାରୀ ମନସ୍ତତ୍ତ୍ୱ, ଗଣ୍ଡ ଜନଜାତି ଓ ଲୋକସଂସ୍କୃତି ଆଦିର ପ୍ରସଙ୍ଗକୁ ଧାରଣ କରି ପ୍ରକାଶିତ ପ୍ରବନ୍ଧ ସବୁ ଓଡ଼ିଶାର ବିବିଧତାପୂର୍ଣ୍ଣ ସଂସ୍କୃତିକୁ ପ୍ରକାଶ କରୁଛି। ଏଥିସହିତ ପୁସ୍ତକ ସମୀକ୍ଷା ଅଂଶଟିର ସଂଯୋଗ ପ୍ରାଚୀନ ଗବେଷଣାର ପରିଚୟ ଦେବାରେ ସମର୍ଥ ହୋଇଛି ବୋଲି ବିଶ୍ୱାସ, ଯେଉଁ ବିଭାଗରୁ ଛାତ୍ରଛାତ୍ରୀଗଣ ଉନ୍ନତମାନର ପୁସ୍ତକ ସମ୍ପର୍କରେ ସଚେତନ ହେବେ।

ସୁନ୍ଦର ପ୍ରଚ୍ଛଦ, ରାମାୟଣର ଉଦ୍ଧୃତି ତଥା ଯୁବ ସମ୍ପାଦକଙ୍କ ପ୍ରଭାବଶାଳୀସମ୍ପାଦକୀୟପତ୍ରିକାକୁଆକର୍ଷଣୀୟ କରିପାରିଛି। ଅଭିନବ ପ୍ରୟାସର ପ୍ରତୀକ 'ପଞ୍ଚରା' ଦୀର୍ଘାୟୁ ହେଉ ବୋଲି ପ୍ରଭୁ ଜଗନ୍ନାଥଙ୍କ ପାଖରେ ମୋର ଗୁହାରୀ।

ଦେବାଶିଷ ପ୍ରଧାନ
ଅଧ୍ୟାପକ, ମା ମଙ୍ଗଳା ମହାବିଦ୍ୟାଳୟ
କାକଟପୁର

ISSN - 3139 - 9940 (ONLINE)
ପଞ୍ଜରା
ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭
Volume No -01 । Issue No - 02 । October 2026 - March 2027
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ସମ୍ପାଦକୀୟ

## ମାଟିରୁ ମଣିଷ, ମଣିଷଠୁ ସଂସ୍କୃତି ଓ ସଂସ୍କୃତିରୁ ସାହିତ୍ୟ

ମଣିଷର ଶରୀର ପଞ୍ଚଭୂତର ସମାହାରରେ ତିଆରି। ମାଟି କେବଳ ଏକ ଜଡ଼ ପଦାର୍ଥ ନୁହେଁ। ତା' ଭିତରେ ମଧ ଜୀବନୀ ଶକ୍ତି ପ୍ରଦାନ କରିବାର କ୍ଷମତା ଅଛି। ତେଣୁ ସେ ମାତୃ ସ୍ଥାନୀୟା। ମାଆର ପ୍ରଭାବରେ ଶିଶୁ ଯେମିତି ତା' ର ଜୀବନ ଚର୍ଯାକୁ ଅଭିମନ୍ତ୍ରିତ କରେ, ତଦନୁରୂପେ ମାଟିର ପ୍ରଭାବରେ ତଥା ନିଜ ଭୌଗୋଳିକ ଭୂଖଣ୍ଡ କିମ୍ବା ମାତୃଭୂମିର ପ୍ରଭାବରେ, ସେ ଭୂଖଣ୍ଡରେ ଜନ୍ମିତ ବା ବାସ କରୁଥିବା ମଣିଷ ସେ ନିର୍ଦ୍ଦିଷ୍ଟ ଅଞ୍ଚଳ ତଥା ପ୍ରକୃତି ଆଧାରରେ ତା' ର ସାମାଜିକ, ସାଂସ୍କୃତିକ ଜୀବନକୁ ପରିଚାଳିତ କରେ। ପୃଥିବୀ ଯେହେତୁ ବିବିଧତାରେ ପରିପୂର୍ଣ୍ଣ, ତେଣୁ ଭିନ୍ନ ଭୌଗୋଳିକ ପରିବେଶରେ ମଣିଷର ଶାରୀରିକ ଗଠନ, ବର୍ଣ୍ଣ, ଆଚାର, ବ୍ୟବହାର ଓ ଜୀବନ ଚର୍ଯ୍ୟାରେ ଭିନ୍ନତା ପରିଲକ୍ଷିତ ହେବା ସ୍ୱାଭାବିକ କଥା। ନିରନ୍ତର ଭାବରେ ଏ ପରମ୍ପରା ସମୟ ସ୍ରୋତରେ ପରିମାର୍ଜିତ ହୋଇ ଚାଲେ। ମଣିଷର ଏହି ସାମାଜିକ ଓ ସାଂସ୍କୃତିକ ଚଳଣିକୁ ସଂସ୍କୃତି ବୋଲି କୁହାଯାଏ। ଏ ସଂସ୍କୃତି ହିଁ ସମ୍ପୃକ୍ତ ସମ୍ପ୍ରଦାୟ ତଥା ମଣିଷ ଜାତିର ପରିଚୟ। ଏହାହିଁ ମଣିଷ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ସହ ତାକୁ ସଂଘର୍ଷ କରିବାକୁ ଉତ୍ସାହ ଯୋଗାଏ। ଅନ୍ୟ ପକ୍ଷରେ ସାମାଜିକ ଓ ସାଂସ୍କୃତିକ ଧାରା ସହ କଳ୍ପନାର ସମ୍ମିଶ୍ରଣରେ ସଂଗଠିତ ସୃଜନାତ୍ମକ କର୍ମ ହିଁ ସାହିତ୍ୟ। ଅର୍ଥାତ୍ ସାହିତ୍ୟ ହେଉଛି ଏକ ସୁଦୃଢ଼ ଓ ଶକ୍ତ ସର୍ଜନାତ୍ମକ କଳାକର୍ମ, ଯେଉଁଥିରେ ସଂସ୍କୃତି ଓ ସମାଜର ବିଭିନ୍ନ ପ୍ରସଙ୍ଗକୁ କଳାତ୍ମକ ଭଙ୍ଗୀରେ ଉପସ୍ଥାପନା କରାଯାଏ। ସେଥିପାଇଁ ସାହିତ୍ୟକୁ ସମାଜର ପ୍ରତିଚ୍ଛବି ବୋଲି କୁହାଯାଏ।

ଅର୍ଥାତ୍ ସାହିତ୍ୟ ଏକ ପ୍ରକାର ମାଧମ ଯାହାଦ୍ୱାରା ସଂସ୍କୃତିକୁ ପ୍ରକାଶ କରିବା ସହଜ ହୁଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ମୌଖିକ ଧାରାରେ ପ୍ରକାଶ ପାଉଥିଲା, ତେଣୁ ଏ ଧାରାକୁ ଲୋକଧାରା ବା ଲୋକସାହିତ୍ୟ ଓ ପରବର୍ତ୍ତୀ ସମୟରେ ଯେତେବେଳେ ଏହା ଲିଖିତ ଆକାରରେ ପ୍ରକାଶ ପାଇବାକୁ ଲାଗିଲା, ତାହା ହୋଇଗଲା ଶିଷ୍ଟ ସାହିତ୍ୟ। ଅନେକ ସମୟରେ ପାଠକ ବର୍ଗ ଲିଖିତ ସାହିତ୍ୟକୁ ବିଦଗ୍ଧ ସାହିତ୍ୟ ବା ବୌଦ୍ଧିକ ସାହିତ୍ୟ ବୋଲି କୁହନ୍ତି। ଅର୍ଥାତ୍ ସେମାନଙ୍କ ମତରେ ଲୋକସାହିତ୍ୟ ଅବୌଦ୍ଧିକ ବା ବୈଦଗ୍ଧ୍ୟ ବହିର୍ଭୁକ୍ତ। ଯାହା ସବୁ ସମୟରେ ଖଣ୍ଡିତ ହେବ। କାରଣ ଅନେକ ପ୍ରକାର ଲୋକଗୀତ, ଲୋକନାଟକ, ଲୋକକାହାଣୀ ଅଛି ଯେଉଁଥିରେ ସୃଷ୍ଟି ରହସ୍ୟ ଭଳି ପ୍ରସଙ୍ଗକୁ ବର୍ଣ୍ଣନା କରିବା ସହ ଉପସ୍ଥାପନାରେ ଆଳଙ୍କାରିକତାର ପ୍ରୟୋଗ ଦେଖଯାଏ। ଯାହା ଲିଖିତ ସାହିତ୍ୟ ପାଇଁ ନିଅଁ ଭାବେ କାର୍ଯ୍ୟ କରିଛି ।

ଶେଷରେ ଏତିକି କୁହାଯାଇ ପାରେ ଯେ, ମାଟିରୁ ମଣିଷ, ମଣିଷରୁ ସଂସ୍କୃତି ଓ ସଂସ୍କୃତିରୁ ହିଁ ସାହିତ୍ୟର ଜନ୍ମ। ସାହିତ୍ୟ ସଂସ୍କୃତିହୀନ ହେଲେ ତାହା କାଳଜୟୀ ହୋଇ ପାରେନା। ମାତ୍ର ଆଧୁନିକତାର ପ୍ରଭାବ ଫଳରେ ସମସ୍ତେ ସଂସ୍କୃତି ପ୍ରତି ବୀତସ୍ପୃହତା ପ୍ରଦର୍ଶନ କରୁଛନ୍ତି। ଯାହା ମଣିଷକୁ ଦିଗଭ୍ରଷ୍ଟ କରୁଛି। ଏହା ହିଁ ସମାଜ ବା ଜାତିର ବିରାଟ ଓ ବିଶିଷ୍ଟ ବ୍ୟାଧି। ଏହାର ସ୍ଥାୟୀ ଚିକିତ୍ସା ନହେଲେ, ସଂସ୍କୃତି ନାମକ ଚିଜଟିର ଅସ୍ତିତ୍ୱ ରହିବ ନାହିଁ।

ବନ୍ଧୁଗଣ!!

ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା 'ପଞ୍ଜରା' ତା'ର ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟା International Standard Serial Number ଧାରଣ କରି ପ୍ରକାଶ ଲାଭ କରିଛି। ଏହା ଆମ୍ଭମାନଙ୍କ ପାଇଁ ଏକ ବିଶେଷ ସଫଳତା । ଏହାର ଶ୍ରେୟ ସମସ୍ତ ପାଠକ ବର୍ଗ ଓ ଗବେଷକଙ୍କୁ ପ୍ରଦାନ କରୁଛୁ।

ସମ୍ପାଦକ

# ପ୍ରସଙ୍ଗ ସୂଚୀ


୦୭ ।। ମର୍କା ପଣ୍ଡୁମ୍ : ଏକ ବିହଙ୍ଗାବଲୋକନ
ଯଶନ ଧରୁଆ

୧୦ ।। ଢେଙ୍କାନାଳର ଦଣ୍ଡନାଟ
ଡକ୍ଟର ସନ୍ତୋଷ ଭୋଇ

୧୪ ।। ଓଡ଼ିଆ ଲୋକଗୀତରେ ସମାଜ ଓ ସଂସ୍କୃତିର ପ୍ରତିଫଳନ
ଲିକୁ ବେହେରା

୧୮ ।। ଭଦ୍ରକ ଜିଲ୍ଲାର ଲୋକସଂସ୍କୃତି: ଏକ ଅଧ୍ୟୟନ
ଡକ୍ଟର ଚିନ୍ମୟ ସାମଲ

୨୨ ।। 'ଡଣ୍ଡନାଟ୍' : ଏକ ପରିଚୟ
କନକ ବର୍ଦ୍ଧନ ସାହୁ

୨୬ ।। ଓଷାବ୍ରତ ପର୍ବପର୍ବାଣିରେ ଶିବ
ବର୍ଷାରାଣୀ ସାହୁ

୩୦ ।। ଲୋକସଂସ୍କୃତି ଓ ଭୌତିକବିଜ୍ଞାନର ସମ୍ପର୍କ
ଆଲିଶ କୁମାର କର୍ଣ୍ଣ

୩୪ ।। ପ୍ରହ୍ଲାଦ ନାଟକର ହିରଣ୍ୟକଶିପୁ: ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର
ସୁବାସ ଚନ୍ଦ୍ର ଭୋଇ


## ପଞ୍ଚରା ପର୍ଯ୍ୟବେକ୍ଷଣ (ପୁସ୍ତକ ସମୀକ୍ଷା)


୩୭ ।। ବାୟାମନୁ ଚର୍ଚ୍ଚିଙ୍କ 'ଗଞ୍ଜାମର ଲୋକନାଟ୍ୟ ପରମ୍ପରା': ଏକ ମସ୍ୟାବଲୋକନ
ଅମ୍ରିତା ଶତପଥୀ





ପ୍ରଚ୍ଛଦ ପ୍ରସଙ୍ଗ -
ପ୍ରଚ୍ଛଦ ଶିଳ୍ପୀ - ଲିଜନ ପଧାନ

କଳାହାଣ୍ଡି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପ୍ରତ୍ୟକ ବର୍ଷ ଦୁର୍ଗାଷ୍ଟମୀ ଦିନ ଅନୁଷ୍ଠିତ ହୁଏ । ସେହି ଛତର ଯାତ୍ରାର ଦୃଶ୍ୟ ଏ ସଂଖ୍ୟାର ପ୍ରଚ୍ଛଦ ପୃଷ୍ଠାକୁ ମଣ୍ଡନ କରିଛି ।

## ପଞ୍ଚରା ପୁରୋଧା



ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭
Volume No -01 । Issue No - 02 । October 2026 - March 2027
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ମର୍କା ପଣ୍ଡୁମ୍: ଏକ ବିହଙ୍ଗାବଲୋକନ

**ଯଶନ ଧରୁଆ**
**ଅଧ୍ୟାପକ, ମାନବ ସମ୍ବଳ ବିକାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପୁର, କେନ୍ଦ୍ରାପଡ଼ା**
DOI- https://doi.org/10.5281/zenodo.23321432

## ସାରାଂଶ

ଭାରତର ଏକ ବିଶିଷ୍ଟ ବା କେନ୍ଦ୍ରୀୟ ଭାରତର ସର୍ବବୃହତ ଗଣ୍ଡ ଆଦିବାସୀଙ୍କ ସ୍ୱତନ୍ତ୍ର ପରିଚୟ, ସଭ୍ୟତା, ପରମ୍ପରା, ସର୍ବପ୍ରାଚୀନ ଗୋଣ୍ଡୱାନା ଭୂ-ଭାଗ (Gondwanaland) ସହିତ ପୁଙ୍ଖାନୁପୁଙ୍ଖ ଭାବରେ ଜଡ଼ିତ । ତାଙ୍କର ସାଂସ୍କୃତିକ ପରମ୍ପରା ପ୍ରକୃତି କୋଳରେ ହିଲ୍ଲୋଳିତ ଦୈନନ୍ଦିନ ଜୀବନ ଜୀବିକାର କାର୍ଯ୍ୟ କଳାପ, କୃଷି, ପରିବେଶଗତ ପରମ୍ପରା ଏବଂ ପେନ୍-ପୁରଖାଙ୍କ ପ୍ରତି ସମ୍ମାନ, କୃତଜ୍ଞତା, ଶ୍ରଦ୍ଧା ସହ ଗଭୀର ଭାବରେ ଜଡ଼ିତ । ଗଣ୍ଡ ଆଦିବାସୀଙ୍କ ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରାର ଅନ୍ୟ ଏକ ବିଶିଷ୍ଟ ପର୍ବ ହେଉଛି 'ମର୍କା ପଣ୍ଡୁମ୍' । ଏହି ଆଲେଖ୍ୟରେ ମର୍କା ପଣ୍ଡୁମର ବିସ୍ତୃତ ଅର୍ଥ, ପେନ୍-ପୁରଖା ଓ ପ୍ରକୃତି ପ୍ରତି ଥିବା ସମ୍ମାନ, ଋତୁ ଚକ୍ରର ପାରସ୍ପରିକ କ୍ରିୟା, ଭ୍ରାତୃତ୍ୱ ବନ୍ଧନ ଓ ସମସାମୟିକ ସମାଜରେ ଥିବା ଏହି ପର୍ବର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଛି ।

ମୂଳଶବ୍ଦ - ଗଣ୍ଡ, ମର୍କା ପଣ୍ଡୁମ୍, ଆଧ୍ୟାତ୍ମିକ, ପେନ୍-ପୁରଖା, ସଂସ୍କୃତି ଓ ପରମ୍ପରା, ପ୍ରକୃତି ।

## ପରିଚୟ :

ଭାରତ ଆଦିବାସୀ ସଂସ୍କୃତିର ଏକ ଉଲ୍ଲେଖନୀୟ ବିବିଧତାର ଭଣ୍ଡାର ଘର । ପ୍ରତ୍ୟେକ ଆଦିବାସୀଙ୍କ ନିଜସ୍ୱ ଭାଷା, ସଂସ୍କୃତି, ପରମ୍ପରା ଓ ଆଧ୍ୟାତ୍ମିକ ବିଶ୍ୱାସ ରହିଛି । ସର୍ବପ୍ରାଚୀନ ଗୋଣ୍ଡୱାନା ଭୂ-ଭାଗ ସହିତ ସର୍ବୋତ୍କୃଷ୍ଟ ଭାବରେ ଜଡ଼ିତ ଗଣ୍ଡ ଆଦିବାସୀଙ୍କ ସାଂସ୍କୃତିକ ପରମ୍ପରା, କଳା, ସ୍ଥାପତ୍ୟ, ଐତିହ୍ୟ ସୁପ୍ରସିଦ୍ଧ । ଗଣ୍ଡ ଆଦିବାସୀ ମଧ୍ୟ ପ୍ରଦେଶ, ଛତିଶଗଡ, ଓଡ଼ିଶା, ମହାରାଷ୍ଟ୍ର, ତେଲେଙ୍ଗାନା, ଗୁଜୁରାଟ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟମାନଙ୍କରେ ବ୍ୟାପକ ଉପସ୍ଥିତି ଥିବା ଯୋଗୁଁ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛନ୍ତି । ଗଣ୍ଡ ସମ୍ପ୍ରଦାୟ ନିଜସ୍ୱ ମୌଖିକ କଥା ଓ କାହାଣୀ, ଲୋକଗୀତ, ନୃତ୍ୟ, ରୀତିନୀତି, ସାଂସ୍କୃତିକ ପରମ୍ପରାକୁ ପ୍ରକୃତି ଓ ପରିବେଶ ସହିତ ଘନିଷ୍ଠ ସମ୍ବନ୍ଧ ସ୍ଥାପନ କରି ସମୃଦ୍ଧ ସହ ବଞ୍ଚାଇ ରଖିଛନ୍ତି ।

## ବର୍ଣ୍ଣନା :

ପ୍ରାଚୀନ ଗୋଣ୍ଡୱାନା ଭୂ-ଭାଗ ତଥା ବର୍ତ୍ତମାନର କେନ୍ଦ୍ରୀୟ ଭାରତର ସମୃଦ୍ଧ ଗଣ୍ଡ ଆଦିବାସୀଙ୍କ ସାଂସ୍କୃତିକ ପରମ୍ପରାରେ ମର୍କା ପଣ୍ଡୁମ୍ ଏକ ବିଶିଷ୍ଟ ପର୍ବ । ଏହି ପର୍ବ କେବଳ ଧରଣୀ ବକ୍ଷର ପ୍ରକୃତି କୋଳର ଜଙ୍ଗଲରେ ନୂତନ ଫୁଲ ଫଳ ଆସିବାର ଆନନ୍ଦର ପର୍ବ ନୁହେଁ, ବରଂ ପ୍ରକୃତି ପୂଜା, ସଂସ୍କୃତି, ପରମ୍ପରାର ବଜାୟ ରଖିବା ଏବଂ ପେନ୍-ପୁରଖାଙ୍କ ସହିତ ଆଧ୍ୟାତ୍ମିକ ଅନ୍ତରଙ୍ଗର ଗଭୀର ସଂଯୋଗ ସ୍ଥାପନ କରିବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ଏହି ପର୍ବ ମାନବ ଜୀବନର ମୌଳିକ ଜୀବନ ପ୍ରଣାଳୀ, ମୂଲ୍ୟବୋଧ, ପ୍ରେମ, ସମ୍ମାନ, ସ୍ମୃତି, କୃତଜ୍ଞତା ଏବଂ ଭ୍ରାତୃତ୍ୱଭାବକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଥାଏ ।

'ମର୍କା' ଶବ୍ଦର ଅର୍ଥ ଆମ୍ବ ଓ 'ପଣ୍ଡୁମ୍' ଶବ୍ଦର ଅର୍ଥ ପର୍ବ, ଅର୍ଥାତ୍ 'ମର୍କା ପଣ୍ଡୁମ୍'ର ଅର୍ଥ ହେଉଛି ଆମ୍ବର ପର୍ବ । ଧରଣୀ ବକ୍ଷର ପ୍ରକୃତି କୋଳରେ ଫାଲଗୁନ ମାସରେ ପୁଷ୍ପରେଣୁର ସମୀରଣ ସ୍ପର୍ଶରେ ଜଙ୍ଗଲରେ ବୃକ୍ଷଲତାମାନଙ୍କରେ ପୁଷ୍ପ ପ୍ରସ୍ଫୁଟିତ ହୋଇ, ଚୈତ୍ରମାସରେ ଫଳରେ ଆଭରଣ ହେଲେ ଆଦିବାସୀମାନଙ୍କର ମନ ଆନନ୍ଦରେ ଉତଫୁଲ୍ଲିତ ହୋଇ ଉଠେ । ସେତେବେଳେ ସେମାନେ ସେହି ଫୁଲ ଫଳକୁ ସିଧାସଳଖ ଗ୍ରହଣ ନକରି, ସର୍ବ ପ୍ରଥମେ ପ୍ରକୃତି ପ୍ରତି ସମ୍ମାନ ଓ ପେନ୍ ପୁରଖାଙ୍କ ପରିଦର୍ଶନ ପାଇଁ ସେବା, କୃତଜ୍ଞତା, ଏବଂ ଅନୁରୋଧ କରିବାକୁ ଏକତ୍ରୀତ ହୁଅନ୍ତି । ଏହି ଏକତ୍ରୀତ ହେବାରେ ସବୁଜ ବନାନୀ ପ୍ରକୃତି ପ୍ରତି ପ୍ରେମ ଓ ସମ୍ମାନ ଦେଇ ତାର ସଂରକ୍ଷଣ ପାଇଁ ମନ ବୋଲାଯାଏ । ଏହି ପର୍ବ କୌଣସି ଆନୁଷ୍ଠାନିକ ପର୍ବ ନୁହେଁ, ଏହା ହେଉଛି ପ୍ରକୃତି ଓ ପେନ୍ ପୁରଖାଙ୍କ ପ୍ରତି ଥିବା ଆନ୍ତରିକ ପ୍ରେମ-ସ୍ନେହ-ଶ୍ରଦ୍ଧା-ସମ୍ମାନ ତଥା ବିନମ୍ର ପ୍ରାର୍ଥନାର ପର୍ବ । ତେଣୁ ଆବାଳ ବୃଦ୍ଧ ବନିତାଙ୍କ କଣ୍ଠରୁ ଝରି ପଡେ ....

"ହେ ! ପ୍ରକୃତିମୟୀ ମା
ହେ ! ପିତୃ ପୁରୁଷ
ଆପଣଙ୍କ ଆଶୀର୍ବାଦ ସ୍ନେହ-ଶ୍ରଦ୍ଧା-ଦୟାରୁ
ଆମ୍ଭ ଜୀବନ ମହାନ,
ଅମୃତ ପ୍ରକୃତି କୋଳରେ
ଫୁଲ-ଫଳ ଆହାର ଭଣ୍ଡାର
ଆମ୍ଭପାଇଁ ଆପଣଙ୍କର ଆଶୀର୍ବାଦ ।"

ଏହିପରି କାକଳ୍ୟ କଣ୍ଠରେ ଗୀତ ଗାନ କରି ପ୍ରକୃତିକୁ ସମ୍ମାନ ଏବଂ ପେନ୍ ପୁରଖାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ଜଣାଇ ଆଶୀର୍ବାଦ ଭିକ୍ଷା କରନ୍ତି ।

ଭାରତର ଭୌଗୋଳିକ ପରିବେଶର ପ୍ରତି କୋଣ ଅଣୁକୋଣରେ ପ୍ରାପ୍ତ ଫଳ ହେଉଛି ଆମ୍ବ, ଏହି ଆମ୍ବ ପ୍ରକୃତରେ ମାଧୁର୍ଯ୍ୟ ଓ ମନୋହର । ଆଦିବାସୀ ସମ୍ପ୍ରଦାୟ ଓ ଭାରତୀୟ ସାଂସ୍କୃତିକ ପରମ୍ପରାରେ ଆମ୍ବଗଛ, ଆମ୍ବପତ୍ର, ଆମ୍ବଫୁଲ ପବିତ୍ରତାର ଆଭାର, ତେଣୁ ଆମ୍ବକୁ ଫଳ ମଧ୍ୟରେ ରାଜା ଭାବରେ ଗ୍ରହଣ କରାଯାଏ । ବସନ୍ତରେ ଯେତେବେଳେ ବଣଜଙ୍ଗଲର ବୃକ୍ଷ ରାଜିରେ ବିଭିନ୍ନ ଫୁଲ ଫଳ ଯଥା- ଆମ୍ବ, ଚାର, ଡିମିରି,

କେନ୍ଦୁ, କୁଶୁମ, ମହୁଲ, ପଳାଶ, ଶିମୁଳି, ଶାଳ ପ୍ରଭୃତି ଫୁଲଫଳ ବୃକ୍ଷମାନଙ୍କରେ ମଣ୍ଡିତ ହୋଇ ଲୋକଙ୍କୁ ଆକର୍ଷିତ କରିଥାଏ, ସେତେବେଳେ ବଣଜଙ୍ଗଲରେ ବସବାସ କରୁଥିବା ଲୋକ ତଥା ଆଦିବାସୀ ଲୋକଙ୍କ ମନ ଖୁସିର ଜୁଆର ଖେଳିଉଠେ । ସେହି ଫୁଲଫଳକୁ ସିଧା ସଳଖ ଗ୍ରହଣ ନ କରି ତାର ସମ୍ମାନ ପାଇଁ ଯେଉଁ ପର୍ବ ପାଳନ କରନ୍ତି ତାହା ବିଭିନ୍ନ ଆଦିବାସୀ ଗୋଷ୍ଠୀରେ ଭିନ୍ନ ଭିନ୍ନ ନାମରେ ନାମିତ । ଗଣ୍ଡ ଆଦିବାସୀଙ୍କ ଭାଷା ଓ ସଂସ୍କୃତିରେ ଏହି ପର୍ବକୁ ଫଳ ମଧ୍ୟରେ ରାଜା ଆମ୍ବର ନାମାନୁସାରେ 'ମର୍କା ପଣ୍ଡୁମ' ତଥା 'ଆମ୍ବ ପର୍ବ' ନାମରେ ନାମିତ କରିଛନ୍ତି । ଏହି ପର୍ବକୁ 'ଆମ ଜୁନାନୀ', 'ଆମ ପୁହାନା' ମଧ୍ୟ କୁହାଯାଏ । ମର୍କା ପଣ୍ଡୁମର ପ୍ରକୃତ ଭାବ ସେତେବେଳେ ପ୍ରତିଫଳିତ ଓ ପ୍ରତିଧ୍ୱନିତ ହୋଇଥାଏ, ସବୁଜ ବନାନୀ ପ୍ରକୃତି କୋଳର ବୃକ୍ଷ ଲତାର ଶିହରିତ ଝଙ୍କୃତ ପତ୍ରର ସୁରେ ନାନା ରଙ୍ଗର ଫୁଲଫଳର ମହକେ, ଝରଣାର କୁଲୁ... କୁଲୁ...କଲ୍ଲୋଳେ ଏବଂ ପଶୁ ପକ୍ଷୀଙ୍କ ମନୋରଞ୍ଜନ କାକଳ୍ୟ କୂଜନ ସଙ୍ଗେ ଢୋଲ, ଢାକା, ମାଦଳ, ଭେରୀତୁରୀର ତାଳେ ତାଳେ ଲୋକଙ୍କ ମୁଖରେ ଗଣ୍ଡ ସମ୍ପ୍ରଦାୟର ପାରମ୍ପରିକ ଗୀତ ଓ ନୃତ୍ୟ ରେଲା....ପେଟା.... ସଙ୍ଗୀତ ଗୁଞ୍ଜରିତ ହୋଇ ଭୂମିଠାରୁ ଆକାଶ ଯାଏ ମାନବ ଜୀବନର କଥା ଓ କାହାଣୀର ଗୀତ ଓ ମିତର ଭାବ ବୁଣି ଦିଏ ।

ଏହି ପର୍ବ ଗଣ୍ଡ ଆଦିବାସୀ ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ଲୋକଙ୍କ ସୁବିଧା ଦୃଷ୍ଟିରୁ ଚୈତ୍ର ମାସରେ ପାଳନ କରାଯାଏ, କିନ୍ତୁ ଚୈତ୍ର ପୂର୍ଣ୍ଣିମା ଦିନକୁ ମୁଖ୍ୟ ଦିନ ଭାବରେ ଗ୍ରହଣ କରାଯାଏ । ସାଧାରଣତଃ ଏହି ପର୍ବ ପ୍ରକୃତି, କୃଷିଚକ୍ର, ଜଙ୍ଗଲଜାତ ଦ୍ରବ୍ୟ, ଫୁଲଫଳକୁ ନେଇ ପୂଜାର୍ଚ୍ଚନା କରି, କୃଷି ସୁରକ୍ଷାର ପ୍ରଜନନ ସମୃଦ୍ଧି ଏବଂ ପେନ୍ ପୁରଖାଙ୍କ ମଧ୍ୟରେ ଦିବ୍ୟ ଶକ୍ତିର ଉପସ୍ଥିତିର ବିଶ୍ୱାସକୁ ପ୍ରତିଫଳନ କରିଥାଏ । ପ୍ରକୃତିର ଋତୁକାଳୀନ କୃଷିପଞ୍ଜିକା ସହିତ ସମ୍ବନ୍ଧିତ ଏହି ପର୍ବରେ ଗଣ୍ଡ ସମ୍ପ୍ରଦାୟର ଲୋକମାନେ ପରବର୍ତ୍ତୀ ସମୟରେ ମଧ୍ୟ ଭଲ ଫସଲ ଅମଳ ପାଇଁ ଦେବତା ଓ ପେନ୍ ପୁରଖାଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି ।

ଏହି ପର୍ବ ପାଳନ ପାଇଁ କିଛି ଦିନ ପୂର୍ବରୁ ପ୍ରସ୍ତୁତି ଚାଲେ । ଯେଉଁଥିରେ ଗାଁର ପୂଜାରୀ (ବୈଗା), ମୁଖିଆ (ମାଝୀ) ଏବଂ ଲୋକମାନେ ଏକତ୍ରିତ ହୋଇ ଏକ ଶୁଭଦିନ (ନେଣ୍ଡନେକେ) ନିର୍ଣ୍ଣୟ କରି ପୂଜା ପାଇଁ ପେନ୍-ଠାନ୍, ଘରଦ୍ୱାର ଏବଂ ଜଙ୍ଗଲରେ ଯେଉଁ ଯେଉଁ ସ୍ଥାନମାନଙ୍କରେ ପୂଜା କରନ୍ତି ସେହିସବୁ ସ୍ଥାନକୁ ଗୋବରରେ ଲିପାପୋଛା ସଫାସୁତାର କରି ନାନାଦି ଫୁଲ, ତାଳପତ୍ରରେ ସାଜସଜ୍ଜା କରି ପୂଜା (ଗୋଂଙ୍ଗୋ କୀନା) ପାଇଁ ପ୍ରସ୍ତୁତ ହୁଅନ୍ତି ।

ଏହି ପର୍ବରେ ଆଦିବାସୀ ଆଧ୍ୟାତ୍ମିକ ଦୃଷ୍ଟିର ପେନ୍ ଠାନ ଓ ପଣ୍ଡୁମ ସ୍ଥଳୀରେ ପୂଜା କରିବା ପାଇଁ ଲୋକେ ଆମ୍ବ, ମହୁଲ, ଚାର, କେନ୍ଦୁ, ପଳାଶ, ଶାଳ ପ୍ରଭୃତି ଫୁଲଫଳ ଅର୍ପଣ କରିବା ସହ ଆଦିବାସୀ ପରମ୍ପରା ଓ ଆଧ୍ୟାତ୍ମିକ ବିଶ୍ୱାସ ଅନୁଯାୟୀ ବିଭିନ୍ନ ଅମଳ ଖାଦ୍ୟଶସ୍ୟ ଏବଂ ଛେଳି, ମେଣ୍ଢା, କୁକୁଡ଼ା, ବଳି ଦେଇ ନୈବେଦ୍ୟ କୃତଜ୍ଞତା ଜ୍ଞାପନ କରିଥାନ୍ତି ଯାହା ପେନ୍ ପୁରଖାଙ୍କ ସହିତ ଆଧ୍ୟାତ୍ମିକ ଦିବ୍ୟତାର ପାରସ୍ପରିକ ମିଳନର ପ୍ରତୀକାତ୍ମକ ଭାବକୁ ସୂଚାଇ ଥାଏ । ପୂଜା ସ୍ଥଳୀରେ ଅର୍ପଣ ସବୁ ଫଳ, ଅମଳ ଶସ୍ୟ ଏବଂ ନୈବେଦ୍ୟ ବଳିକୁ ପ୍ରସାଦ (ପେନ୍ ହୁକ୍କା, ପେନ୍ ପୁନେ) ସ୍ୱରୂପ ଗ୍ରହଣକରି ସାମାଜିକ ସମାନତାର ବାର୍ତ୍ତା ଦିଆଯାଏ ।

ସଙ୍ଗୀତ ଓ ନୃତ୍ୟ ଏହି ପର୍ବର ଅବିଚ୍ଛେଦ୍ୟ ଅଙ୍ଗ । ଆବାଳବୃଦ୍ଧବନିତା ଯାଏ ପ୍ରକୃତିର ପୁଷ୍ପ, ପତ୍ର, ପୁଛ, ସହିତ ସଜାଇ ହୋଇ ଢୋଲ, ଢାକା, ମାଦଳ, କୋଟୋଲୋକା, ବାଣା, ଯାତୁର ପ୍ରଭୃତି ବାଦ୍ୟ ଯନ୍ତ୍ର ଓ ପାରମ୍ପରିକ ରେଲା ପେଟା ଗୁଞ୍ଜି ଏକତ୍ରିତ ହୋଇ ନୃତ୍ୟ କରିଥାନ୍ତି ।

ଏହି ପର୍ବରେ ଗୂଢ ଆଧ୍ୟାତ୍ମିକ ବିଶ୍ୱାସ ରହିଛି, ଯାହା ଦେବତା ଓ ପେନ୍ ପୁରଖାଙ୍କ ସହିତ ନୈବେଦ୍ୟ ଆନ୍ତରିକ ଅନୁଭୂତି ସହିତ ମିଳନ ହୋଇଥାଏ । ଯାହାର ଫଳସ୍ୱରୂପ ମାନବ ନିଜର ସମସ୍ୟା ଓ ଅସୁବିଧା ଜଣାଇ ସେଥିରୁ ମୁକ୍ତି ପାଇଁ ପ୍ରାର୍ଥନା କରିଥାନ୍ତି ।

ସାମାଜିକ କାର୍ଯ୍ୟ ଏହି ପର୍ବର ଅନ୍ୟଏକ ବଳିଷ୍ଠଦିଗ। ପର୍ବର ପୂଜାଧ୍ୱଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମାପ୍ତ ପରେ ଅନେକ ମୌଳିକ କର୍ତ୍ତବ୍ୟ, ମୂଲ୍ୟବୋଧ କର୍ମ, ପ୍ରକୃତି, ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଏବଂ ଭାତୃତ୍ୱ ଭାବ ଇତ୍ୟାଦିର ସରଂକ୍ଷଣ ପାଇଁ ସଚେତନମୂଳକ କାର୍ଯ୍ୟକ୍ରମ କରିଥାନ୍ତି ।

## ଉପସଂହାର :

'ମର୍କା ପଣ୍ଡୁମ' ଗଣ୍ଡ ଆଦିବାସୀ ସଂସ୍କୃତି ଓ ପରମ୍ପରାର ଗଭୀର ପ୍ରାଣବନ୍ତ ପ୍ରକାଶନ । ଏହି ପର୍ବରେ ଆଧ୍ୟାତ୍ମିକ ବିଶ୍ୱାସ, ସାମାଜିକ ମୂଲ୍ୟବୋଧ, ପ୍ରକୃତି ଓ ପରିବେଶଗତ ସଚେତନତାକୁ ମୂର୍ତ୍ତିମନ୍ତ କରିଥାଏ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ସଂସ୍କୃତି ଏବଂ ପାରମ୍ପରିକ ବିଶ୍ୱାସର ଗଭୀର ଯୋଗସୂତ୍ର ରକ୍ଷା ପାଇଁ ବାର୍ତ୍ତା ଦେଇଥାଏ । ଯାହା ଦ୍ରୁତଗତିରେ ପରିବର୍ତ୍ତନ କରୁଥିବା ସମାଜରେ ପରମ୍ପରାର ନିରନ୍ତରତା, ସରଂକ୍ଷଣ, ସାଂସ୍କୃତିକ ପରିଚୟ ଓ ବୁଝାମଣା ସଙ୍ଗେ ସୁସଂଗତ ସ୍ଥାୟୀ ଜୀବନଯାପନ ପାଇଁ ବାର୍ତ୍ତା ପ୍ରଦାନ କରିଥାଏ ।

## ସହାୟକ ଗ୍ରନ୍ଥସୂଚୀ :


1) Elwin, Verrier, A Tale of The Gonds, Subhi Publication, Gurugram, Hariyana .
2) Meheta, B.H, Gond of central Indian highland, vol. - I, II . Concept publishing company, Bali Nagar, New Delhi, 1984 .
3) Karcham, Dr. Tulsi, Gond janje-evan aur sanskriti, Indian books .
4) Kushram, Roopsingh, Gond Jan-jatiya geet, Adivasi lok kala evam boli vikash academy aur Mad-hya Pradesh cultural institution .
5) Paul,Anuradha,The Gonds Genesis His-tory and Culture, National Book Trust, India.
6) ଭୋଇ, ଡକ୍ଟର ଜଗଦୀଶ, ଗଣ୍ଡ ଜନଜାତିର ସମାଜ ଓ ସଂସ୍କୃତି ।
7) ପଟ୍ଟନାୟକ, ଜିତେନ୍ଦ୍ର, ଜଙ୍ଗଲ ଉହାଡେ ଜହ୍ନ, ଗୋଣ୍ଡ ଜୀବନ ଓ ସଂସ୍କୃତି, କ୍ରିଏସନ, ଟଙ୍କପାଣି ରୋଡ଼, ଭୁବନେଶ୍ୱର ।

ଅନ୍ତରଙ୍ଗ ଆଳାପ :
ଗୋଣ୍ଡ, ପ୍ରକାଶ । ରେଳା , ଆନନ୍ଦ । ମର୍କାମ , ଜଗତ ।
ଗୋଣ୍ଡ, ଶିବ । ଶ୍ୟାମ, ଦିନେଶ, ବ୍ୟକ୍ତିଗତ ସାକ୍ଷାତକାର, ୨୫. ଫେବୃୟାରୀ , ୨୦୨୬ ■ ■ ■

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭
Volume No -01 । Issue No - 02 । October 2026 - March 2027
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଢେଙ୍କାନାଳର ଦଣ୍ଡନାଟ

ଡକ୍ଟର ସନ୍ତୋଷ ଭୋଇ
ସହକାରୀ ପ୍ରଫେସର ଓ ବିଭାଗ ମୁଖ୍ୟ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ସୋନପୁର
DOI- https://doi.org/10.5281/zenodo.23321779

## ସାରାଂଶ

ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ ଦଣ୍ଡନାଟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବିଶେଷ କରି ଓଡ଼ିଶାର ମଧ୍ୟାଞ୍ଚଳ, ଉତ୍ତରାଞ୍ଚଳ ଏବଂ ପଶ୍ଚିମାଞ୍ଚଳରେ ତେର ଦିନ / ଏକୋଇଶ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଲୋକନାଟ ବେଶ୍ ଆଦୃତ ଲାଭ କରିଛି । ବିଭିନ୍ନ, ପୌରାଣିକ ଉପାଖ୍ୟାନ, ଜନଶ୍ରୁତି, ଲୋକକଥାକୁ ପାଥେୟ କରି ସାଂସ୍କୃତିକ ତଥା ସାମାଜିକ ଜାଗରଣରେ ଏହି ଲୋକନାଟକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳରେ ଅନୁଷ୍ଠିତ ଦଣ୍ଡନାଟ ବିଚାରଯୋଗ୍ୟ ।

**ମୂଳଶବ୍ଦ** - ଦଣ୍ଡନାଟ, ଢେଙ୍କାନାଳ, ଶୈବ, ଶାକ୍ତ, କାମନା ଗୃହ, ପ୍ରଭା, ଶୋଭାଯାତ୍ରା, ଗଉରୀ ବେତ, ଅଗ୍ନିଦଣ୍ଡ, ବିଷୁବ ସଂକ୍ରାନ୍ତି, ଶୋଭାଯାତ୍ରା ।

ଓଡ଼ିଶାରେ ପ୍ରଚଳିତ ଲୋକନାଟକ ଭିତରେ ଦଣ୍ଡନାଟ ପ୍ରାଚୀନ ଓ ଜନପ୍ରିୟ । ଏହା ଗଞ୍ଜାମ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, ଫୁଲବାଣୀ, ସୋନପୁର ଇତ୍ୟାଦି ଅଞ୍ଚଳରେ ଚୈତ୍ର ପୂର୍ଣ୍ଣମାଠାରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ତେରଦିନ ବ୍ୟାପୀ ଅନୁଷ୍ଠିତ ହୁଏ । ନିୟମାନୁଯାୟୀ ଦଣ୍ଡନାଟ ଏକୋଇଶ ଦିନ ହେବା କଥା । ମାତ୍ର ଦଣ୍ଡନାଟ ପରମ୍ପରାରେ ତେର ସଂଖ୍ୟାର ଏକ ବିଶେଷତ୍ୱ ଥିବାରୁ ଏହା ତେରଦିନ ଧରି ଅନୁଷ୍ଠିତ ହୁଏ । ଅସୁବିଧା ପରିସ୍ଥିତିରେ ପାଞ୍ଚ ଛ ଦିନ ମଧ୍ୟରେ ଏହାକୁ ସମାପନ ମଧ୍ୟ କରାଯାଇଥାଏ । ଶୈବଧର୍ମକୁ ଆପଣେଇ, ଜାତିପ୍ରଥାକୁ ଅସ୍ୱୀକାର କରି, ସାଂସାରିକ ସମ୍ପର୍କକୁ ଛିନ୍ନ କରି ନିଷ୍ଠାର ସହିତ ଶୈବ ଓ ଶାକ୍ତ ଭକ୍ତମାନେ ଏକ କୃଷିଭିତ୍ତିକ ତଥା ପାରିବାରିକ କାହାଣୀକୁ ନେଇ ବିଭିନ୍ନ ସୁଆଙ୍ଗ ମାଧ୍ୟମରେ ତେରଦିନ ପର୍ଯ୍ୟନ୍ତ ଗାଁକୁ ଗାଁ ବୁଲି ଏହି ନାଟ ପରିବେଷଣ କରିଥାନ୍ତି । ଏହି ନାଟର ଆରାଧ୍ୟ ଦେବଦେବୀ ହେଲେ ଈଶ୍ୱରପାର୍ବତୀ । ଢେଙ୍କାନାଳ ଜିଲ୍ଲାରେ ଦଣ୍ଡନାଟ କେବଳ ଏକ ଲୋକପ୍ରିୟ ନାଟ ନୁହେଁ, ଏହା ଏକ ବ୍ରତ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଈଶ୍ୱର ପାର୍ବତୀଙ୍କ ସଂକ୍ରାନ୍ତୀୟ ଏହା ହେଉଛି ନିଷ୍ଠା, ଭକ୍ତି, ଉପବାସ, ସାଧନା, ଗୀତ, ବାଦ୍ୟ, ଅଭିନୟ, ନୃତ୍ୟ ଆଦିର ସମନ୍ୱୟ ।

ଢେଙ୍କାନାଳ ଜିଲ୍ଲାରେ ପ୍ରଚଳିତ ଦଣ୍ଡନାଟ ସାଧାରଣତଃ ତିନି ପ୍ରକାରର । ଯଥା- ମାନସିକ, କୋଦଣ୍ଡ ଓ ବାଦି ଦଣ୍ଡ । ଚୈତ୍ର ପୂର୍ଣ୍ଣମାଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଯେଉଁ ନାଟ ଗାଁ ଗାଁ ବୁଲି ଭୋକ୍ତା ବା ଦଣ୍ଡୁଆମାନେ କରିଥାନ୍ତି ତାହା ମାନସିକ ଦଣ୍ଡ । ଦଣ୍ଡନାଟ ସମାପ୍ତ ପରେ ବର୍ଷର କୌଣସି କୌଣସି ସମୟରେ ମନୋରଞ୍ଜନ ନିମନ୍ତେ ଅନୁଷ୍ଠିତ ଦଣ୍ଡନାଟର ଏକ ମୁଖ୍ୟ ପର୍ଯ୍ୟାୟ ରଙ୍ଗଦଣ୍ଡକୁ କୋଦଣ୍ଡ କୁହାଯାଏ । ଏହି କୋଦଣ୍ଡ ଦୁଇଟି ଦଳ ମଧ୍ୟରେ ପ୍ରତିଯୋଗିତା ହେଲେ ତାହାକୁ ବାଦି ଦଣ୍ଡ କୁହାଯାଏ । ସେହିପରି ଢେଙ୍କାନାଳରେ ଥିବା ଦଣ୍ଡ ଦଳଗୁଡ଼ିକ ଚାରୋଟି ରୂପରେ ପରିଚୟଲାଭ କରିଥାନ୍ତି । ଯଥା- ସ୍ୱର୍ଣ୍ଣ ଦଣ୍ଡ, ରୌପ୍ୟଦଣ୍ଡ, ତାମ୍ରଦଣ୍ଡ, ଓ ପାଣିଦଣ୍ଡ । ଜନ୍ମ ବର୍ଷରେ ଦଣ୍ଡଦଳଟି ଗ୍ରାମସ୍ଥ ବା ଗ୍ରାମ ନିକଟସ୍ଥ ଶିବ ମନ୍ଦିରରେ ମାର୍ଜନା କରି ଧଣ୍ଡା ଆଣନ୍ତି । ଏହି ମାର୍ଜନୀ ବ୍ରାହ୍ମଣମାନଙ୍କ ଦ୍ୱାରା କରାଯାଇଥାଏ । ଶିବ ମନ୍ଦିରରୁ ଆସିଥିବା ଧଣ୍ଡାକୁ ଈଶ୍ୱର ପାର୍ବତୀଙ୍କ ପ୍ରତୀକ ରୂପେ ବିବେଚନା କରି ଏହାକୁ କାମନା ଗୃହରେ ସ୍ଥାପନ କରାଯାଏ। ଏହାପରେ ଦଣ୍ଡ ଉଠିବା ଆରମ୍ଭ ହୁଏ । ଦଣ୍ଡନାଟର ଶେଷ ଦିନ ଅର୍ଥାତ୍ ପଣା ସଂକ୍ରାନ୍ତି ବା ମେରୁ ପୂର୍ବ ରାତିରେ ପୁନରାୟ ଏହି ଧଣ୍ଡାକୁ କାମନାଘରୁ ଆଣି ପୂଜାର୍ଚ୍ଚନା କରାଯାଏ । ତପ୍ରରେ ରାତ୍ରର ତୃତୀୟ ପ୍ରହରରେ ପାଟ ଢୋଲିଆ, ପାଟ ଭୋକ୍ତା, ପୂଜକ (ସାଧାରଣତଃ ମାଳି ସଂପ୍ରଦାୟର) ଏବଂ କାଳିଶି ଏକତ୍ର ରହି କାମନା ଘରେ ଗାତ ଖୋଳି କିମ୍ବା ନିକଟସ୍ଥ ପୋଖରୀରେ ଏହି ଧଣ୍ଡାକୁ ପୋତିଦିଅନ୍ତି । ପରବର୍ଷ ପୁଣି ଦଣ୍ଡ ଉଠିବା ଦିନ ଏହି ଚାରିଜଣଙ୍କ ସହାୟତାରେ ଧଣ୍ଡାକୁ ପୋତିଥିବା ସ୍ଥାନରୁ ସଂଗ୍ରହ କରାଯାଏ ।

ଧଣ୍ଡା ରୂପାନ୍ତରୀତ ହୋଇଥାଏ ସ୍ୱର୍ଣ୍ଣ ନାଗ, ରୌପ୍ୟ ନାଗ, ତାମ୍ର ନାଗ ଏବଂ ଚିଲମ ରୂପରେ । ଯେଉଁ ଦଳର ଧଣ୍ଡା ସ୍ୱର୍ଣ୍ଣ ନାଗରେ ରୂପାନ୍ତରିତ ହୋଇଥାଏ ତାହା ସ୍ୱର୍ଣ୍ଣ ଦଣ୍ଡ ଦଳ ନାମରେ ପରିଚିତ ହୁଏ । ରୌପ୍ୟ ନାଗ ଓ ରୌପ୍ୟ ଚିଲମ ପ୍ରାପ୍ତ ଦଳ ରୌପ୍ୟ ଦଣ୍ଡ ଏବଂ ତାମ୍ର ନାଗ ଓ ତାମ୍ର ଚିଲମ ପ୍ରାପ୍ତ ଦଳ ତାମ୍ର ଦଣ୍ଡ ଦଳ ରୂପେ ପରିଚିତ ହୁଅନ୍ତି । ଏତଦ୍ ବ୍ୟତୀତ ଯେଉଁ ଦଳଗୁଡ଼ିକ ପାଇଁ ଏପରି ଅଲୌକିକ ଘଟଣା ଘଟେ ନାହିଁ, ସେମାନେ ଏକ ବେତକୁ ଗୌରୀ ଶିବଙ୍କ ପ୍ରତୀକ ଗ୍ରହଣ କରିଥାନ୍ତି। ସେହି ଦଣ୍ଡକୁ ପାଣିଦଣ୍ଡ ଦଳ କୁହାଯାଏ ।

ତେରଦିନ ବ୍ୟାପୀ ମାନସିକ ଦଣ୍ଡରେ ସାମିଲ ହୋଇଥିବା ଭକ୍ତମାନଙ୍କୁ ଭୋକ୍ତା ବା ଦଣ୍ଡୁଆ ନାମରେ ନାମିତ କରାଯାଏ । ଏହି ଅନୁଷ୍ଠାନରେ ଦୁଇ ପ୍ରକାର ଦଣ୍ଡୁଆ ଭୋକ୍ତା ଦେଖିବାକୁ ମିଳନ୍ତି । ପ୍ରଥମ ପର୍ଯ୍ୟାୟର ଦଣ୍ଡୁଆ ଭୋକ୍ତା ହେଲେ ସ୍ଥିର । ସେମାନେ ଦଣ୍ଡଦଳ ସହିତ ଆରମ୍ଭରୁ ରହିଥାନ୍ତି । ଅର୍ଥାତ୍ ଦଣ୍ଡଦଳଟି ସେମାନଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥାଏ । ଦ୍ୱିତୀୟ ପ୍ରକାର ଦଣ୍ଡୁଆ ହେଲେ ମାନସିକ ଦଣ୍ଡୁଆ । ଏମାନେ ନିଜର ମନସ୍କାମନା ପୂରଣପାଇଁ ୩, ୫, ୭, ୯, ୧୧ କିମ୍ବା ୧୩ ବର୍ଷ ମାନସିକରେ ଆସିଥାନ୍ତି । ଭୋକ୍ତା ବା ଦଣ୍ଡୁଆଙ୍କର ଦଳପତି ପାଟଭୋକ୍ତା ବା ପାଟଦଣ୍ଡୁଆ ନାମରେ ନାମିତ ହୋଇଥାନ୍ତି । ତେରଦିନ ପର୍ଯ୍ୟନ୍ତ ସେ ଏହି ଦଣ୍ଡରେ ଅନ୍ନସ୍ପର୍ଶ ନକରି ଫଳାହାର, ଲିଆପଣା, ପଇଡ଼ପାଣି ପିଇ ରୁହନ୍ତି । ଦଣ୍ଡନାଟର ଭୋକ୍ତା ବା ଦଣ୍ଡୁଆମାନେ ଷୋଳପ୍ରକାର ଦଣ୍ଡ ଭୋଗ କରନ୍ତି । ଯଥା-

ଆହାର, ଉଜାଗର, ଗୃହତ୍ୟାଗ, ମୈଥୁନ ତ୍ୟାଗ, ବନବାସ, ପଦଗାମୀ, ଶ୍ମଶାନ, ପାଣି, ଧୂଳି, ଅଗ୍ନି, ନୃତ୍ୟ, ପାକ, ମେରୁପଟା, ଅଙ୍ଗବଳୀ, ଶୁଦ୍ଧିକ୍ରିୟା ଓ କୁଳଭୋଜି ।

## ଦଣ୍ଡ ଉପକରଣ

**କାମନା ଗୃହ-** ଦଣ୍ଡନାଟରେ ରୁଦ୍ରକାଳୀଙ୍କ ଆବାସ ନିମନ୍ତେ ଯେଉଁ ଗୃହ ନିର୍ମାଣ କରାଯାଏ ତାହାକୁ କାମନା ଘର କୁହାଯାଏ। ପୂର୍ବେ ଏହା ନଡ଼ା ଛପର ଥିଲା । ସମ୍ପ୍ରତି ଏହା ପକ୍କାଘରର ରୂପ ନେଲାଣି । ଏହାର ଦୈର୍ଘ୍ୟ ୧୩ ଫୁଟ୍, ପ୍ରସ୍ଥ ୧୩ ଫୁଟ ଏବଂ ଉଚ୍ଚତା ମଧ୍ୟ ୧୩ ଫୁଟ୍ ହୋଇଥାଏ । ଦ୍ୱାର ସାମନାରେ ଦୁଇଟି ସିଂହ ଦ୍ୱାରପାଳ ସଦୃଶ ଥାଆନ୍ତି । ଏଠାରେ ବର୍ଷର ପ୍ରତ୍ୟେକ ରବିବାର ଦିନ ପୂଜାର୍ଚ୍ଚନା ସହିତ ପଣାପାଣି ଓ ଧୂପ ନୈବେଦ୍ୟ ଦିଆଯାଇଥାଏ ।

**ତ୍ରିଶୂଳ-** ଦଣ୍ଡଯାତ୍ରା ସମୟରେ ତେରଗଣ୍ଠି ବିଶିଷ୍ଟ ବାଉଁଶ ଶିଖରରେ ତିନି ପିନର ଲୌହ ନିର୍ମିତ ତ୍ରିଶୂଳ ବନ୍ଧା ହୋଇଥାଏ ଓ ପତାକା ଲାଗିଥାଏ । ବାଉଁଶଟି ଭକ୍ତମାନଙ୍କଦ୍ୱାରା ପ୍ରଦତ୍ତ ଶାଢ଼ିରେ ଗୁଡ଼ାଯାଇଥାଏ । ଏହା ଶିବଙ୍କ ପ୍ରତୀକ ରୂପେ ଦଣ୍ଡନାଟରେ ସ୍ୱୀକୃତ ।

**ଚମ୍ପାବର-** ଦଣ୍ଡୁଆମାନେ ପବିତ୍ର ଧାନ ପାଳରେ ଚମ୍ପାବର ତିଆରି କରି ସେଥିରେ ଦଣ୍ଡ ଉଠିବା ଦିନ ଜଳ ଘାଟରେ ହରଡ଼ ଡାଙ୍ଗ ବା ଗନ୍ଧଣା, ଢାମଣା କାଠରେ ଘର୍ଷଣ କରି ସେଥିରୁ ଉତ୍ପନ୍ନ ଅଗ୍ନି ସାହାଯ୍ୟରେ ଅଗ୍ନି ସଂଯୋଗ କରିଥାନ୍ତି । ଏହି ଅଗ୍ନିକୁ ଚମ୍ପାବରଦ୍ୱାରା ତେରଦିନ ପର୍ଯ୍ୟନ୍ତ ସାଇତି ରଖାଯାଏ ।

**ଦଣ୍ଡ ଟାଙ୍ଗୁଡ଼ି-** ଏଥିରେ ଲିଙ୍ଗ ଓ ଶକ୍ତି ଛିଟକନା ଓ ଫୁଲ ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ । ଏହାକୁ ଚଉଷଠି ଜଳା କୁହାଯାଏ । ସେହି ଚଉଷଠି ଜଳାକୁ ଯୋଗିନୀ ଓ କାତ୍ୟାୟନୀ ଜଗି ରହିଥାନ୍ତି।

**ପ୍ରଭା-** ବାଉଁଶ ବତାରେ ନିର୍ମିତ କଳାଶାଢ଼ୀ ଆଚ୍ଛାଦିତ ଏକ ଅର୍ଦ୍ଧଗୋଲାକାର ମେଢ଼ । ଚୂଡ଼ି, ଫୁଲମାଳ ବନ୍ଧା ମା କାଳୀଙ୍କର ଫଟୋ ଥାଏ । ତେରଦିନ ଧରି ଏହାକୁ ଦଣ୍ଡନାଟ ସାଙ୍ଗରେ ଧରି ବୁଲନ୍ତି । ଦଣ୍ଡନାଟ ଶେଷରେ ଏହା କାମନା ଘରେ ପୂଜା ପାଏ ।

**ଝୁଣାହାଣ୍ଡି-** ପ୍ରତିବର୍ଷ ନୂତନ ଆଟିକାରେ ଝୁଣାକୁ ଗୁଣ୍ଡ କରି ରଖାଯାଏ । ଚାରି ମାଟି ଦଣ୍ଡରେ ପାଳ ଦେଇ ଅଗ୍ନି ସଂଯୋଗ କରି ଝୁଣା ମାରନ୍ତି ।

**ତେର ଗୁଆ-** ଦଣ୍ଡ ଉଠିବା ଦିନ କାମନା ଘରେ ତେର ଭୋକ୍ତାଙ୍କ ନାମରେ ତେରଟି ଗୁଆ ବସାଯାଇଥାଏ । ଶେଷ ଦିନ ଏହା ଜଳଘାଟରେ ଭସାଇଦିଆଯାଏ ।

**ଗଉରୀ ବେତ-** ଏହା ଏକ ପ୍ରକାର ବେତ ବା ବାଡ଼ି। ପୌରାଣିକ ଆଖ୍ୟାନ ଅନୁସାରେ- ଶିବଗୌରୀ ମର୍ତ୍ତ୍ୟରେ ତେରଭକ୍ତଙ୍କ ସହିତ ଦଣ୍ଡନୃତ୍ୟ ଆରମ୍ଭ କରିଦେଲେ । ଷୋଳଦଣ୍ଡ ଭୋଗ କରି କେତେକ ଭକ୍ତ ରାତ୍ର ଉଜାଗର ନରହି ଶୋଇପଡ଼ିଲେ। ଏହା ଦେଖି କ୍ରୋଧିତ ଶିବ ତ୍ରିଶୂଳ ବିଦ୍ଧ କରିବାକୁ ଉଦ୍ୟତ ହୁଅନ୍ତେ ଗୌରୀ ଶିବଙ୍କୁ ବାରଣ କଲେ । ଭକ୍ତଙ୍କ ମୃତ୍ୟୁ ହେଲେ ଏ ଦଣ୍ଡ କରିବ କିଏ? ଏହାର ସମାଧାନ ସ୍ୱରୂପ ଗୌରୀ ନିଜ ହୃଦୟରୁ ଏକ ବେତ ବାଡ଼ି ବାହାର କରି କହିଲେ, ଯେଉଁ ଭକ୍ତ ଶୋଇବ ଏ ବାଡ଼ିରେ ପ୍ରହାର କଲେ ନିଦ୍ରାଭଙ୍ଗ ହେବ । ଗୌରୀଙ୍କ ହୃଦୟରୁ ଏହି ବେତ ବାହାରିଥିବାରୁ ଏହାର ନାମ ଗଉରୀ ବେତ ।

**ପିଚ୍ଛମୁଠି-** ଏହା ମୟୂର ପିଚ୍ଛରେ ବନ୍ଧା । ବତିଶଟି ଝାଳରରେ ଏକ ମୁଠିପିଚ୍ଛ ହୋଇଥାଏ । ଏଥିରେ ନବକୋଟି କାତ୍ୟାୟନୀ ଓ ଚଉଷଠି କୋଟି ଯୋଗିନୀ ଅବସ୍ଥାନ କରିଥାନ୍ତି ।

**ଚାମର-** ଶିବ ପାର୍ବତୀଙ୍କୁ ଚାମର ଦିଆଯାଏ । ବାଇଧନ ବାମ ହସ୍ତରେ ଧରି ଏହାକୁ ନୃତ୍ୟ କରେ ।

**ଚଢ଼େୟା ନଳ-** ବାଉଁଶ ନିର୍ମିତ ଏହି ନଳ ତ୍ରିବୃତ୍ତାକାର ଓ ବୃତ୍ତ ମଝିରେ ଫାଶ ଥାଏ । ଚଢ଼େୟା ଏହାକୁ ଧରି ନୃତ୍ୟ କରେ ।

**ବୀଣା-** ଦଣ୍ଡବୀଣା ଓ ଧନୁବୀଣା ନାମରେ ଏହା ଦ୍ୱିବିଧ। ଏଥିରେ ଚାରି ଘଣ୍ଟି, ବତିଶ ଘାଗୁଡ଼ି ଓ ଏକୋଇଶଟି ମୟୂର ଚନ୍ଦ୍ରିକା ଥାଏ ।

**ବାଦ୍ୟ-** ଦଣ୍ଡନାଟରେ ଢୋଲ, ମହୁରୀ, ଝାଞ୍ଜ, ଶଙ୍ଖ, ତୁରୀ, ଘଣ୍ଟ, ମର୍ଦ୍ଦଳ ଇତ୍ୟାଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ ।

ଦଣ୍ଡନାଟର ବିଭିନ୍ନ ପର୍ଯ୍ୟାୟ

ମହାଦେବ ଅତି ଭୟଙ୍କର ଦେବତା । ମହାଦେବ ଲୟର ପ୍ରତୀକ । ସମସ୍ତେ ଲୟ (ବିଲୟ)କୁ ଭୟ କରନ୍ତି । ସେଥିପାଇଁ ଶିବଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ନିମନ୍ତେ ଅତି କଠୋର ତପସ୍ୟା କରିବାକୁ ପଡ଼େ । ଏହି ତପସ୍ୟା ହିଁ ଦଣ୍ଡନାଟ। ଦଣ୍ଡନାଟ ସାଧାରଣତଃ ମନୋରଞ୍ଜନଧର୍ମୀ ହେବା ସହ ଧର୍ମୀୟ ଆବରଣ ସହ ଜଡ଼ିତ । ମାନସିକ ଦଣ୍ଡର ପାଞ୍ଚୋଟି ପର୍ଯ୍ୟାୟ ରହିଛି । ଏହି ପାଞ୍ଚୋଟି ପର୍ଯ୍ୟାୟକୁ ପଞ୍ଚଦଣ୍ଡ କହିଲେ ଅତ୍ୟୁକ୍ତି ହେବନାହିଁ । ଯଥା- ଶୋଭାଯାତ୍ରା ଦଣ୍ଡ, ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ରଙ୍ଗଦଣ୍ଡ । ଏହା ଗୋଟିଏ ଦିନରେ ବିଭିନ୍ନ ସମୟରେ ଅନୁଷ୍ଠିତ ହୁଏ। ଭୋକ୍ତା ବା ଦଣ୍ଡୁଆମାନେ ଶିବଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହି ପାଞ୍ଚୋଟି ଯାକ ପର୍ଯ୍ୟାୟରେ ନିଜକୁ ଦଣ୍ଡ ଭୋଗ କରିଥାନ୍ତି । ଏହି ପାଞ୍ଚୋଟିଯାକ ପର୍ଯ୍ୟାୟ ଶୈବଧର୍ମର ପ୍ରଚାର ଓ ପ୍ରସାର ପାଇଁ ଉଦ୍ଦିଷ୍ଟ ଥିବା ଦେଖିବାକୁ ମିଳେ । ନିମ୍ନରେ ସେସବୁ ସମ୍ପର୍କରେ ଆଲୋଚନା କରାଗଲା ।

**ଶୋଭାଯାତ୍ରା ଦଣ୍ଡ-** ପ୍ରଥମ ପର୍ଯ୍ୟାୟର ଦଣ୍ଡ ହେଉଛି ଶୋଭାଯାତ୍ରା ଦଣ୍ଡ । ଦଣ୍ଡ ଉଠା ଦିନ (ଚୈତ୍ର ପୂର୍ଣ୍ଣିମା ରାତି) ଠାରୁ ବିଷୁବ ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଏହି ନାଟ ଅନୁଷ୍ଠିତ ହୁଏ । ସେହି ରାତିରେ ରଙ୍ଗଦଣ୍ଡ କାମନା ଘର ସାମନାରେ ଅନୁଷ୍ଠିତ ହୁଏ । ବ୍ରାହ୍ମ ମୁହୂର୍ତ୍ତରୁ ଏ ନାଟ ସମାପ୍ତି କରି ଦଣ୍ଡୁଆ ବା ଭୋକ୍ତାମାନେ ଅନ୍ୟ ଏକ ଗ୍ରାମକୁ ସେ ଦିନର ନାଟ ପ୍ରଦର୍ଶନ ନିମନ୍ତେ ଯାତ୍ରା କରନ୍ତି । ଏ ପ୍ରକ୍ରିୟା ମେରୁ ପର୍ଯ୍ୟନ୍ତ ଚାଲେ । ରାତିସାରା ଉଜାଗର ରହି ପ୍ରାତଃକାଳରୁ ଶିବପାର୍ବତୀଙ୍କ ଶାଢ଼ୀ ଗୋଡ଼ାଯାଇଥିବା ଏକ ଲମ୍ବ ବାଉଁଶକୁ କାନ୍ଧରେ ପକାଇ ଅନ୍ୟାନ୍ୟ ଆସବାବପତ୍ରକୁ ଧରି ବୈଶାଖର ତାତିରେ ଖାଲିପାଦରେ ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଯାତ୍ରା କରନ୍ତି । ଶରୀରର ପୀଡ଼ା ଲାଘବ ନିମନ୍ତେ ଦଣ୍ଡୁଆମାନେ ଏକକାଳୀନ 'ଜୟ କଳା ରୁଦ୍ରମଣି କି ଜଜ ହେ' ବୋଲି ନାରା ଦେଇ ଢୋଲ ବାଦ୍ୟ ସଙ୍ଗେ ଗାଁ ଦାଣ୍ଡରେ ଚାଲନ୍ତି ତାହା ଅନନ୍ୟ ଶୋଭାଯାତ୍ରାର ଭ୍ରମସୃଷ୍ଟି କରେ । ଦଣ୍ଡୁଆମାନେ କଷାୟ ବା ଗେରୁଆ ବସ୍ତ୍ର ପରିଧାନ କରି ପଛକୁ ପଛ ଗୋଟିଏ ଧାଡ଼ିରେ ଗାଁ ଦାଣ୍ଡରେ ଚାଲିଥାନ୍ତି । ଏହି ପଟୁଆର ଏକ ଶୋଭାଯାତ୍ରର ରୂପେ ଦୃଶ୍ୟମାନ ହେଉଥିବାରୁ ଏହାକୁ ଶୋଭାଯାତ୍ରା ଦଣ୍ଡ କୁହାଯାଏ । ରାତି ସାରା ଉଜାଗର ସହିତ ଗ୍ରାମର ଖାଲ, ଢିପ ଓ ପଥୁରିଆ ରାସ୍ତାରେ ଖାଲିପାଦରେ ଚାଲିବା ଏକ ଦଣ୍ଡ ସଦୃଶ । ଏହି ଦଣ୍ଡକୁ ଦଣ୍ଡୁଆମାନେ ବରଣ କରିଥାନ୍ତି। କୌଣସି ଯଜମାନ ଦଣ୍ଡନାଟ କରିବା ପାଇଁ ସେମାନଙ୍କୁ ନ ଅଟକାଇବା ପର୍ଯ୍ୟନ୍ତ ସେମାନେ ଆଗକୁ ଆଗକୁ ଚାଲୁଥାନ୍ତି । ଠାକୁରଙ୍କର କିଛି ବନ୍ଦାଣିଆ ଗ୍ରାମ ଓ ମାନସିକ କରିଥିବା ବ୍ୟକ୍ତିଙ୍କ ଗ୍ରାମ ଥାଏ । ସେଠାରେ ଦଣ୍ଡୁଆମାନେ ପହଞ୍ଚି ଆମ୍ବଗଛ ମୂଳ କିମ୍ବା ବିଦ୍ୟାଳୟ ପରିସର ମଧ୍ୟରେ ଠାକୁରଙ୍କୁ ରଖି ବିଶ୍ରାମ ନିଅନ୍ତି। ମଧ୍ୟାହ୍ନ ସମୟରେ ଗାଁର ଛକ କିମ୍ବା ମାନସିକ ଥିବା ବ୍ୟକ୍ତିଙ୍କ ଘରକୁ ଠାକୁର ଭୋଗ ଖାଇବାକୁ ଯାଆନ୍ତି ।

ବନ୍ଦାଣିଆ ଗ୍ରାମ ବା ମାନସିକ ଥିବା ବ୍ୟକ୍ତିଙ୍କ ଘର ସମ୍ମୁଖକୁ ପୂର୍ବରୁ ଗୋବରରେ ଲିପାଯାଇଥାଏ । ଏ କ୍ଷୁଦ୍ର ଗାତ

କରି ସେଠାରେ ଶିବପାର୍ବତୀଙ୍କ ପ୍ରତୀକ ସ୍ୱରୂପ ବାଉଁଶଟିକୁ ପୋତାଯାଏ । ତାକୁ ଆଉଯାଇ ଠାକୁରଙ୍କ ପ୍ରଭାକୁ ରଖାଯାଏ । ଗୋବରଲିପା ଜାଗାଟିରେ ଚମ୍ପାବର ତଥା ଅନ୍ୟାନ୍ୟ ଉପକରଣ ସବୁକୁ ରଖି ଧୂପ ଓ ଦୀପ ମାଧ୍ୟମରେ ପୂଜାର୍ଚ୍ଚନା କରାଯାଏ । ସଧବା ନାରୀମାନେ ବନ୍ଦାପନା କରନ୍ତି। କିଛି ବର ପାଇବାର ଅଭିଳାଷ ଥିବା ବ୍ୟକ୍ତି ଓ ନାରୀମାନେ ଗୁହାରିଆ ପଡ଼ନ୍ତି । କାଳିସୀ ସେମାନଙ୍କୁ ଉଠାଇ ପୂଜା ହୋଇଥିବା ପ୍ରସାଦରୁ ଏକଭାଗ ଆଣି ଗୁହାରିଆଙ୍କୁ ବର ସ୍ୱରୂପ ମନସ୍କାମନା ପୂର୍ଣ୍ଣ ନିମନ୍ତେ ଦେଇଥାନ୍ତି । ଏହି ସମୟରେ ଶ୍ରଦ୍ଧାଳୁ ଓ ଦଣ୍ଡୁଆମାନଙ୍କର 'ଜୟକଳା ରୁଦ୍ରମଣି କି ଭଜ ହେ' ଶବ୍ଦରେ ଗଗନ ପବନ ମୁଖରିତ ହୋଇ ଗ୍ରାମ୍ୟ ପରିବେଶକୁ ଶୈବାସକ୍ତ କରିଥାଏ। ଶେଷରେ ବୀଣାକାରିଆଙ୍କଦ୍ୱାରା ବୀଣାବାଦନ ଓ ଗୀତଗାନଦ୍ୱାରା ଗାଁର ମଙ୍ଗଳକାମନା କରାଯାଇଥାଏ । ଏହା ପରେ ଶୋଭାଯାତ୍ରା ଯାଇ ପୂର୍ବେ ଗାଁର ଯେଉଁଠି ଆଶ୍ରୟ ନେଇଥିବେ କିଛି ସମୟ ସେଠାରେ ବିଶ୍ରାମ ନେଇ ଧୂଳିଦଣ୍ଡ ନିମନ୍ତେ ପୁନଶ୍ଚ ଶୋଭାଯାତ୍ରାରେ ଆସିଥାନ୍ତି ।

**ଧୂଳିଦଣ୍ଡ-** ଯେଉଁଠାରେ ପ୍ରାତଃକାଳରେ ପୂଜା ହୋଇଥିବ ସେଠାକୁ ଢୋଲ ଓ ଝାଞ୍ଜ ବଜାଇ ଶୋଭାଯାତ୍ରାରେ ଦଣ୍ଡୁଆ ବା ଭୋକ୍ତମାନେ ଠାକୁର ଧରି ପୂର୍ବପରି ଉପନୀତ ହୁଅନ୍ତି। ଗାଁ ଦାଣ୍ଡ ପାଲଟିଯାଏ ମୁକ୍ତମଞ୍ଚ । ସମୟ ମଧ୍ୟାହ୍ନ । ଗାଁ ଦାଣ୍ଡର ତତଲା ବାଲି, ଧୂଳିରେ ଭୋକ୍ତାମାନେ ଅଭିନୟ କରନ୍ତି ଶାରୀରିକ ଧୂଳିଦଣ୍ଡ । ଏହାକୁ ପଥପ୍ରାନ୍ତ ନାଟକ କହିଲେ ଅତ୍ୟୁକ୍ତି ହେବନାହିଁ। ନାଟକର ସୂତ୍ରଧର ରୂପେ କାର୍ଯ୍ୟ ତୁଲାନ୍ତି ପାଟଭୋକ୍ତା ଓ ଉପ ପାଟଭୋକ୍ତା। ଏହି ଦଣ୍ଡଟି ଗାଁର ଧୂଳିଦାଣ୍ଡରେ କରାଯାଉଥିବାରୁ ଏହାର ନାମ ଧୂଳିଦଣ୍ଡ।

ଏହା ମୁଖ୍ୟତଃ କୃଷିଭିତ୍ତିକ କାହାଣୀକୁ ନେଇ ଗତିଶୀଳ ହୋଇଥାଏ । ହାସ୍ୟରସ ମାଧ୍ୟମରେ କୃଷିଜୀବିକା ସହିତ ଶିବପାର୍ବତୀଙ୍କ ସେବା କିପରି କରାଯିବ ତାହାର ବିଷୟବସ୍ତୁ ଇଏ । ସେଥିନିମନ୍ତେ ଗାଁରେ ଶିବପାର୍ବତୀଙ୍କ ମନ୍ଦିର ହେବ । ଜଙ୍ଗଲକାଟି ଚାଷ ଜମି ବାହାରକରିବା, ଧାନ ଚାଷ କରି ଅମଳ କରିବା ଏବଂ ସେହି ପଇସାରେ ଶିବପାର୍ବତୀଙ୍କର ମନ୍ଦିର ତିଆରି ହେବାକୁ ଦଣ୍ଡୁଆମାନେ ବାଚିକ ଓ ଆଙ୍ଗିକ ଅଭିନୟଦ୍ୱାରା ପରିବେଷଣ କରିବେ । ଏଥିରେ ବିଭିନ୍ନ ଦୃଶ୍ୟର ସଂଯୋଜନା ରହିଛି । ଯଥା- ଭୂମି ପୂଜା, ଭୂମି ପ୍ରସ୍ତୁତି, ହଳ କରିବା, ଧାନ ବୁଣିବା, ପାଣି ମଡ଼ାଇବା, ବାଲୁଙ୍ଗା ବାଛିବା, ଖତସାର ଦେବା, ଧାନ କାଟିବା, ଧାନ ଅମଳ କରିବା, ଧାନ କୁଟିବା ଏବଂ ଅମଳ ପଇସାରେ ମନ୍ଦିର ତିଆରି କରିବା । ଶେଷରେ ବୀଣାକାରିଆ ସମସ୍ତଙ୍କ ଉଦ୍ଦେଶ୍ୟରେ ମଙ୍ଗଳଗୀତି ଗାନ କରିବେ । ଏହାପରେ ସମସ୍ତ ଭୋକ୍ତା ଠାକୁରଙ୍କ ସହ ବିଶ୍ରାମସ୍ଥଳୀକୁ ଶୋଭାଯାତ୍ରାରେ ଯିବେ ।

ଏହି ଦଣ୍ଡନାଟର ମୁଖ୍ୟ ଅଭିମୁଖ୍ୟ ମନୋରଞ୍ଜନଭିତ୍ତିକ ହାସ୍ୟରସ ମାଧ୍ୟରେ ଶୈବ ଉପାସନାର ପ୍ରଚାର ପ୍ରସାର । ଦିନ ଦ୍ୱିପ୍ରହରରେ ଗାଁ ଦାଣ୍ଡର ତତଲା ଧୂଳି ଉପରେ ଶୋଇକି ଗଡ଼ିବା, ଶୋଇ ରହିବା, ଆଣ୍ଠେଇକି ଦଣ୍ଡବତ ହେବା, ଗୋଲାକାରରେ ତଳ ଉପର ଠିଆ ହୋଇ ଚକ୍ରିକାଟିବା, କୁଅ ହେବା ଇତ୍ୟାଦି ଶିବ ମହିମା ବ୍ୟତୀତ ଅନ୍ୟକିଛି ନୁହେଁ । ଶିବଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ସେବା କରିବାର ମନୋବାଂଛା ନ ଆସିଲେ ଏପରି କଷ୍ଟସାଧ କାର୍ଯ୍ୟ କରିହେବ ନାହିଁ। ତେଣୁ ମଝିରେ ମଝିରେ କଷ୍ଟକୁ ଲାଘବ କରିବା ପାଇଁ 'ଜୟ କଳା ରୁଦ୍ରମଣି କି ଭଜ ହେ' ର ନାରା ଦେବା ଓ ମୁଣ୍ଡିଆ ମାରିବା ଶିବ ମହିମା ବୋଲି କହିବାକୁ ହେବ । ଧର୍ମ ଆଗରେ ଦଣ୍ଡ ଭୋଗ ନ୍ୟୁନ ବୋଲି ଧୂଳିଦଣ୍ଡର ଅଭିନୟରୁ ଜଣାପଡ଼େ ।

**ଜଳଦଣ୍ଡ-** ଧୂଳିଦଣ୍ଡ ପରେ ଭୋକ୍ତା ବା ଦଣ୍ଡୁଆମାନେ ସେମାନଙ୍କ ବିଶ୍ରାମସ୍ଥଳୀ ପାଖକୁ ଅସନ୍ତି । ଦନ୍ତ ଶୋଧନ ଇତ୍ୟାଦି ନିତ୍ୟକର୍ମ ସମାପନ କରି ପୁଷ୍କରିଣୀ ବା ନଦୀରେ ସ୍ନାନ କରନ୍ତି। ସ୍ନାନ କାର୍ଯ୍ୟଟି ଜଳକ୍ରୀଡ଼ା ପରି ମନେହୁଏ । ଜଳଭିତରେ ବିଭିନ୍ନ କଷ୍ଟସାଧ କ୍ରୀଡ଼ାମାନ ଦଣ୍ଡୁଆମାନେ କରୁଥିବାର ଦେଖାଯାଏ। 'ଜୟ କଳା ରୁଦ୍ରମଣି କି ଭଜ ହେ' ନାରା ଦେଇ ପାଣିରେ ତେରଥର ବୁଡ଼ ଦିଅନ୍ତି । ପ୍ରତ୍ୟକ ବୁଡ଼ରେ କିଛି ବାଲି ଆଞ୍ଜୁଳାରେ ଆଣନ୍ତି ଏବଂ ପୁଷ୍କରିଣୀ ବା ନଦୀତଟଦେଶରେ ଏକାଠି କରିଥାନ୍ତି। ତେରଥର ବୁଡ଼ ପରେ ଯେତେ ବାଲି ଏକାଠି କରିଥାନ୍ତି, ସେ ବାଲିରେ ଏକ ଶିବଲିଙ୍ଗ ତିଆରି କରନ୍ତି । ବାଲିର ଶିବ ଲିଙ୍ଗକୁ ବେଲପତ୍ର, ପୁଷ୍ପ ଓ ଧୂପ ଦେଇ ଅର୍ଚ୍ଚନା କରନ୍ତି । ଏହି ପୂଜାକୁ ବାଲୁକା ପୂଜା କୁହାଯାଏ । ଏହି ପର୍ଯ୍ୟାୟଟି ଦଣ୍ଡନାଟରେ ଜଳଦଣ୍ଡ ନାମରେ ପରିଚିତ । ଦଣ୍ଡୁଆ ମାନେ ଦିନତମାମ ଏହି ଥରକ ହିଁ ସ୍ନାନ କରନ୍ତି । ପୂଜା ସମୟରେ କୂଳରେ ଢୋଲୁଆ ଢୋଲ ବଜାଉଥାଏ । ପୂଜା ଶେଷରେ ଦଣ୍ଡୁଆମାନେ ପାଦୁକ ଓ ବେଲପତ୍ର ପାଇ ବିଶ୍ରାମସ୍ଥଳୀକୁ ଫେରନ୍ତି । ଓଦାଲୁଗା ପାଲଟି, ଯଜମାନ ବା ଗ୍ରାମବାସୀଙ୍କ ଘରୁ ଆସିଥିବା ଲିଆ ଏବଂ ଗୁଡ଼ରେ ପଣା ପ୍ରସ୍ତୁତକରି ସେବନ କରନ୍ତି । ଏହି ପଣା ହିଁ ସେମାନଙ୍କର ଦିନକର ଖାଦ୍ୟ । ପଣା ସେବନ ପରେ କିଛି ସମୟ ବିଶ୍ରାମ କରି ଯଜମାନ ଘରୁ ଆସିଥିବା ଅରୁଆ ଚାଉଳ ଏବଂ ପରିବାରେ ସାକାନ୍ନ ଭୋଜନ ପ୍ରସ୍ତୁତି କରି ସନ୍ଧ୍ୟାରେ ପ୍ରସାଦ ରୂପେ ସେବନ କରନ୍ତି । ଏହି ଜଳ ଦଣ୍ଡରେ ନିର୍ମିତ ଶିବଲିଙ୍ଗ ପାଖରେ ଯଜମାନ ବା ଗ୍ରାମବାସୀଙ୍କ ନିମନ୍ତେ ଶିବପାର୍ବତୀଙ୍କ ପାଖରେ ପ୍ରାର୍ଥନା କରନ୍ତି ।

**ଅଗ୍ନିଦଣ୍ଡ-** ସନ୍ଧ୍ୟାରେ ପ୍ରସାଦ ସେବନ ପରେ ଭୋକ୍ତା ବା ଦଣ୍ଡୁଆମାନେ ସନ୍ଧ୍ୟା ଅଳତୀ ସାରି ଯଜମାନ ଗୃହ ଅଭିମୁଖେ ଯାତ୍ରା କରନ୍ତି । ମାଟିରେ ନିର୍ମିତ ଦଣ୍ଡରେ ପାଳ ଭର୍ତ୍ତିକରି ଚମ୍ପାବରରୁ ଅଗ୍ନି ଆଣି, ସେଥିରେ ସଂଯୋଗ କରାଯାଏ । ପାଟ ଦଣ୍ଡୁଆ ଏବଂ ଆଉ ଜଣେ ସହକାରୀ ଦଣ୍ଡୁଆ ହାତରେ ଦୁଇଟି ଲେଖାଁଏ ଦଣ୍ଡଧରି କାମନା ଦଣ୍ଡ ଚାରିପଟେ ନୃତ୍ୟ କରନ୍ତି । ଅଗ୍ନି ଭିତରେ ଝୁଣା ମାରିଲେ ଏହା ଆକର୍ଷଣୀୟ ଲାଗେ । ଗାଁରୁ ଅସୁରିକ ଶକ୍ତି ଦୂର କରିବା ନିମନ୍ତେ ଭୋକ୍ତା ବା ଦଣ୍ଡୁଆମାନେ ଗାଁ ଚାରିପଟେ ଝୁଣା ମାରି ରଙ୍ଗଦଣ୍ଡ ହେବାକୁ ଥିବା ମଞ୍ଚ ନିକଟରେ ପହଞ୍ଚନ୍ତି । ମଞ୍ଚ ଉପରେ କିଛି ସମୟ ଅଗ୍ନିଦଣ୍ଡ ଖେଳି ସାରିଲା ପରେ ରଙ୍ଗଦଣ୍ଡ ଆରମ୍ଭ ହୁଏ । ଏହି ସମୟରେ ଜଣେ ଭୋକ୍ତାଙ୍କ ଶରୀରରେ ରୁଦ୍ରକାଳୀ ବିଜେ କରନ୍ତି । ଏହାଙ୍କୁ କାଳିସୀ କୁହାଯାଏ। କାଳିସୀ ମଝିରେ ମଝିରେ ବିକଟାଳ ରଡ଼ି ସହ ଚିତ୍କାର କରି ବାହାରକୁ ଜିଭ କାଢ଼ିବା ଆଧ୍ୟାତ୍ମିକ ହେଲେ ହେଁ ଭୟାନକ ହୋଇଥାଏ । ଛୋଟପିଲାଙ୍କୁ ଏ ଦୃଶ୍ୟ ଦେଖିବା ମନା ହୋଇଥାଏ। ଶେଷରେ କାଳିସୀ ନିସ୍ତେଜ ଓ ଅଚେତ ହୋଇ କିଛି ସମୟ ପଡ଼ିରୁହନ୍ତି । କାଳିସୀଙ୍କ ମୁହଁରେ ପାଣି ଛିଞ୍ଚି ଓ ହାତଗୋଡ଼ ଘଷାମୋଡ଼ା କରି ତାଙ୍କ ଚେତା ଫେରାଯାଏ । ଏହାପରେ ତାଙ୍କ ଜିଭରେ ଜଳନ୍ତା ଘିଅ ସଳିତା ଦିଆଯାଏ । ମାତ୍ର କାଳିସୀଙ୍କର କୌଣସି କ୍ଷତି ହୁଏନାହିଁ । ପରିଶେଷରେ ରଙ୍ଗଦଣ୍ଡ ହେବାକୁ ଥିବା ମଞ୍ଚ ସମ୍ମୁଖରେ ଶିବପାର୍ବତୀଙ୍କ ପ୍ରତିମାକୁ ସ୍ଥାପନ କରାଯାଏ । ଏହାର ଧାର୍ମିକ ଦିଗ ବେଶ୍ ଶକ୍ତିଶାଳୀ । କାଳିସୀଙ୍କ ପାଖରେ ଅଧିଆ ପଡ଼ିଥିବା ଲୋକମାନଙ୍କର ମନୋବାଞ୍ଛା ପୂରଣ ହୁଏ। ତେଣୁ ଶହ ଶହ ଲୋକ ଦଣ୍ଡ ବ୍ରତ ପାଳନ କରି ଏହି ତେର ଦିନ ନିଷ୍ଠାର ସହ ଶିବପାର୍ବତୀଙ୍କ ପାଖରେ ନିଜକୁ ସମର୍ପଣ କରନ୍ତି। ଏଥିରେ ହାତରେ ଅଗ୍ନିଦଣ୍ଡ ଧରି ନୃତ୍ୟ କରିବା ବ୍ୟତୀତ ଅନ୍ୟ କୌଣସି ନୃତ୍ୟ ଦେଖାଯାଏ ନାହିଁ । ଅଗ୍ନିଦଣ୍ଡ ଗୋଟିଏ ଭୟାଭୟତାର ପରିବେଶ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି

କରିଥାଏ ।

**ରଙ୍ଗଦଣ୍ଡ**- ଅଗ୍ନିଦଣ୍ଡର ସମାପ୍ତି ପରେ ରଙ୍ଗଦଣ୍ଡ ଆରମ୍ଭ ହୁଏ । ଗାଁ ଦାଣ୍ଡର କୌଣସି ଗୋଟିଏ ସ୍ଥାନର ମୁକ୍ତାକାଶ ତଳେ ଏହି ଦଣ୍ଡ ରାତି ସାରି ୧୩ଟି ସୁଆଙ୍ଗକୁ ନେଇ ଅନୁଷ୍ଠିତ ହୋଇଥାଏ। ସମୟାନୁକ୍ରମେ ବିଭିନ୍ନ ଚରିତ୍ର ଏହି ମଞ୍ଚକୁ ପ୍ରବେଶ କରନ୍ତି । ବିଭିନ୍ନ ପୁରାଣଠାରୁ ଆରମ୍ଭ କରି ସାମ୍ପ୍ରତିକ ସମସ୍ୟା ପର୍ଯ୍ୟନ୍ତ ବହୁ ସମସ୍ୟାକୁ ଅଧାର କରି ଏହା ଗତିଶୀଳ ହୋଇଥାଏ । ମଞ୍ଚରେ ଅଗ୍ନିଦଣ୍ଡ ସମୟରେ ପ୍ରବେଶ କରିଥିବା ବାଦ୍ୟକାରମାନେ ବାଦ୍ୟ ବଜାଇବା ପରେ ପ୍ରଭା ଓ ପ୍ରଭାଣୀ ଆସି ମଞ୍ଚରେ ନୃତ୍ୟ କରନ୍ତି। ଏହା ପରେ ହାଡ଼ିହାଡ଼ିଆଣି ଆସି ନୃତ୍ୟ କରନ୍ତି । ବାଦ୍ୟକାରର ବାଦ୍ୟ ବଜାଇବାରୁ ଏହା ଆରମ୍ଭ ହୋଇ ବୀଣାକାରିଆ ପର୍ଯ୍ୟନ୍ତ ୧୩ ଗୋଟି ସୁଆଙ୍ଗରେ ସମାପ୍ତ ହୁଏ । ପୁରୁଷମାନେ ହିଁ ନାରୀର ଭୂମିକାରେ ଅଭିନୟ କରିଥାନ୍ତି । ସବୁ ଦଣ୍ଡ ଦଳରେ ହାଡ଼ି ହାଡ଼ିଆଣି, ହର ପାର୍ବତୀ, ବୀଣାକାରିଆ ସୁଆଙ୍ଗ ସ୍ଥିର । ଏହି ଚାରୋଟି ସୁଆଙ୍ଗକୁ ବାଦ୍ ଦେଇ ମଝରେ ଚଢ଼େୟା-ଚଢ଼େୟାଣୀ, ବାବାଜୀ, ମାଳି, ସଖୀ-ନାବିକ, କେଳା-କେଲୁଣୀ, କନ୍ଧ-କନ୍ଧୁଣୀ, ଶବର-ଶବରୁଣୀ, ପତ୍ରସଉରା-ସଉରାଣୀ, ଯୋଗୀ, କାଉଖିଆ, ଭାଲୁଆ, ମୁନିକୁମର ଓ ଅଷ୍ଟବକ୍ର ଋଷିଆଦି ସୁଆଙ୍ଗରୁ ୯ଟି ସୁଆଙ୍ଗକୁ ପ୍ରଦର୍ଶିତ କରାଯାଇଥାଏ ।

ଦଣ୍ଡନାଟ କେବଳ ଏକ ମନୋରଞ୍ଜନର ଅନୁଷ୍ଠାନ ନୁହେଁ, ବରଂ ଆଧାତ୍ମିକତାର ଏକ ସଚରାଚର କ୍ଷେତ୍ର । ଲୌକିକ ଦେବଦେବୀ ଶିବଶକ୍ତିଙ୍କର ଖ୍ୟାତି ବର୍ଣ୍ଣନା ତଥା ସାଧାରଣ ମଣିଷ ଜୀବନରେ ଏହି ଧର୍ମଧାରଣାକୁ ବଳବତ୍ତର ରଖିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଧନ, ଜନ ପ୍ରାପ୍ତି ସହିତ ଜୀବନରେ ନୀରୋଗ ଓ ଶାନ୍ତି ପ୍ରାପ୍ତିପାଇଁ ଭଗବାନ ଶିବଙ୍କର କୃପା ଏକାନ୍ତ ଅପରିହାର୍ଯ୍ୟ। ସର୍ବୋପରି ବ୍ୟକ୍ତି, ସମାଜ ଓ ଜଗତର କଲ୍ୟାଣ ଅର୍ଥରେ ଏହି ନାଟ ପ୍ରଦର୍ଶିତ ହୋଇଥାଏ ।

## ସହାୟକ ଗ୍ରନ୍ଥସୂଚୀ:


୧.ସାହୁ, ଲକ୍ଷ୍ମୀନାରାୟଣ, ଦଣ୍ଡନାଟ, ଉତ୍କଳ ସାହିତ୍ୟ ପ୍ରେସ୍, କଟକ, ୧ମ ପ୍ରକାଶ-୧୯୪୭ ।

୨.ଦାଶ, କୁଞ୍ଜବିହାରୀ, ଓଡ଼ିଆ ଲୋକଗୀତ ଓ ଲୋକକାହାଣୀ, ଓଡ଼ିଆ ଗବେଷଣା ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, ୧ମ ପ୍ରକାଶ-୧୯୫୮ ।

୩.ନେପାଳ, ଭାଗିରଥି, ଓଡ଼ିଶାର ଆଦିବାସୀ, ଭାଗିରଥି ପ୍ରକାଶନ, ୧ମ ପ୍ରକାଶ-୧୯୭୨ ।

୪.ଶତପଥୀ, ସନ୍ତୋଷ କୁମାର, ଓଡ଼ଶାର ଦଣ୍ଡନାଟ, ଦି ବୁକ୍ସ, ଏସ୍.ଆର୍-୭, ଅଶୋକ ମାର୍କେଟ୍, ଭୁବନେଶ୍ୱର-୯ ।

୫.ଶତପଥୀ, ସନ୍ତୋଷ କୁମାର, ଦଣ୍ଡନାଟ, ଶୈବାଳିନୀ ରଥ, କ୍ୱାଟର ନଂ- ଏଫ୍ଏଫ୍/୩, ଇ ଟାଇପ୍, ବାଣୀବିହାର ନିଉ କଲୋନୀ,ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର, ଭୁବନେଶ୍ୱର-୧୪, ୧ମ ପ୍ରକାଶ-୧୯୯୯ ।


କ୍ଷେତ୍ର ଅଧ୍ୟୟନ

ନଣ୍ଡେଇଲୋ, ହିନ୍ଦୋଳ, ଢେଙ୍କାନାଳ ।

ପାଇକପୁରୁଣା କୋଟ ଦଣ୍ଡ ଦଳ, ହିନ୍ଦୋଳ, ଢେଙ୍କାନାଳ ।

ଚାଇଁପୁର, ଢେଙ୍କାନାଳ ।

ଜଟିଆ ଦଣ୍ଡନୃତ୍ୟ, ଢେଙ୍କାନାଳ ।

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭
Volume No -01 । Issue No - 02 । October 2026 - March 2027
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଓଡ଼ିଆ ଲୋକଗୀତରେ ସମାଜ ଓ ସଂସ୍କୃତିର ପ୍ରତିଫଳନ

ଲିକୁ ବେହେରା iD
ବିଭାଗ ମୁଖ୍ୟ, ଓଡ଼ିଆ ବିଭାଗ
ନାଚୁଣୀ ମହାବିଦ୍ୟାଳୟ, ଖୋର୍ଦ୍ଧା
DOI- https://doi.org/10.5281/zenodo.23350891

## ସାରାଂଶ

ଲୋକସାହିତ୍ୟ ଲୋକଜୀବନର ବେଦ ସଦୃଶ । ଓଡ଼ିଆ ଲୋକସାହିତ୍ୟର ଅନ୍ୟାନ୍ୟ ବିଭାଗ ମଧ୍ୟରୁ ଓଡ଼ିଆ ଲୋକଗୀତ ଅନ୍ୟତମ। ଏହି ଲୋକଗୀତ ମଧ୍ୟରେ ସମାଜ ଜୀବନର ପ୍ରତିଛବି ଅତି ସରଳ, ସହଜ ଓ ସ୍ୱଷ୍ଟ ରୂପେ ଅଙ୍କିତ ହୋଇଥାଏ। ଆଲୋଚ୍ୟ ପ୍ରବନ୍ଧରେ ଓଡ଼ିଆ ଲୋକଗୀତରେ ସମାଜ ଓ ସଂସ୍କୃତିର ପ୍ରତିଛବିକୁ ଦର୍ଶାଯାଇଛି। ଉଭୟ ସମାଜ ଓ ସଂସ୍କୃତିରେ ଓଡ଼ିଆ ଲୋକଜୀବନର ଚିତ୍ର ତଥା ପାରିବାରିକ, କୁଳକର୍ମ, ଆଦର୍ଶ ଜୀବନଯାପନ, ବିବାହ, ସୁଖଦୁଃଖ ମୁହୂର୍ତ୍ତର କାନ୍ଦଣା, ବ୍ୟଭିଚାର, କ୍ରୀଡ଼ା କୌତୁକ, ସାମାଜିକ ମୂଲ୍ୟବୋଧ, ପର୍ବପର୍ବାଣୀ ଓ ନୌବାଣିଜ୍ୟର ଚିତ୍ର କିପରି ଲୋକଗୀତଗୁଡ଼ିକରେ ପ୍ରତିଫଳିତ ହୋଇଛି, ତାହା ସମ୍ବନ୍ଧରେ ଉକ୍ତ ପ୍ରବନ୍ଧରେ ଚର୍ଚ୍ଚା କରାଯାଇଛି।

**ମୂଳଶବ୍ଦ -** ଲୋକସାହିତ୍ୟ, ଲୋକଗୀତ, ବୈଶିଷ୍ଟ୍ୟ, ପଲ୍ଲୀଜୀବନ, କୃଷକ ଗୀତ, ଜୀବନର ବାସ୍ତବତା, କାନ୍ଦଣା, କ୍ରୀଡ଼ା କୌତୁକ, ସାମାଜିକ ମୂଲ୍ୟବୋଧ ଓ ନୌବାଣିଜ୍ୟ ସଂସ୍କୃତି।

ସାହିତ୍ୟକୁ କେହି ସୃଷ୍ଟି କରିନାହିଁ, ଏହା ଆପେଆପେ ସୃଷ୍ଟି ହୁଏ। ସମାଜର ପ୍ରତିଟି କୋଣ ଅନୁକୋଣରେ ସାହିତ୍ୟ ଲୁଚି ରହିଥାଏ। ତାହାକୁ ଖୋଜି ବାହାର କରିବା ମଣିଷ ବା ସ୍ରଷ୍ଟାର ଦାୟିତ୍ୱ। ଝରଣାର କୁଳୁକୁଳୁ ନାଦ, ଗୁଞ୍ଜନରତ ପକ୍ଷୀର ରାବ, ଛୋଟ ଛୁଆଟିର କଥା ମଧ୍ୟରେ ମଧ୍ୟ ସାହିତ୍ୟ ଲୁଚି ରହିଥାଏ। ସାହିତ୍ୟ ସର୍ବଦା ସତ୍ୟ ଓ ଚିରନ୍ତନ। ପ୍ରାଥମିକ ପର୍ଯ୍ୟାୟରେ ସାହିତ୍ୟ କଥିତ ରୂପରେ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଲିଖିତ ରୂପ ଧାରଣ କଲା। ଏହି କଥିତ ରୂପର ସାହିତ୍ୟକୁ ଓଡ଼ିଆ ସାହିତ୍ୟରେ ଲୋକସାହିତ୍ୟର ଆଖ୍ୟା ଦିଆଯାଇଥାଏ। କାରଣ ଏହି ସାହିତ୍ୟ ଲୋକମାନଙ୍କର, ଲୋକମାନଙ୍କଦ୍ୱାରା ଓ ଲୋକମାନଙ୍କପାଇଁ ସୃଷ୍ଟି ହୋଇଥିବା ସାହିତ୍ୟ। ଲୋକ ଜୀବନର ନିତିଦିନିଆ ହସ-କାନ୍ଦ, ଲୁହ-ଲହୁର କାହାଣୀ ଏହି ଲୋକସାହିତ୍ୟ ମଧ୍ୟରେ ରୂପ ପାଏ। ଆଉ ସାଇତି ହୋଇ ରହେ କାଳକାଳ ପାଇଁ।

ଲୋକ ଜୀବନର ନିତିଦିନିଆ ଗଚ୍ଛିତ କଥା ଲୋକସାହିତ୍ୟ। ଏହି ଲୋକସାହିତ୍ୟ ମଧ୍ୟରେ ଲୋକଗୀତ, ଲୋକକାହାଣୀ ଓ ଲୋକନାଟକ ଅନ୍ତର୍ଭୁକ୍ତ। ସାହିତ୍ୟର ନବରସ ପରି ଲୋକ ସାହିତ୍ୟ ମଧ୍ୟ ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। କଥାରେ ଅଛି ମଣିଷ ଖୁସି ଥିଲାବେଳେ ଗୀତ ଗାଏ। ସେହି ଗୀତରୁ ତା'ର ସାହିତ୍ୟ ସୃଷ୍ଟି ହୁଏ। ବିଭିନ୍ନ ଉତ୍ସବ, ପର୍ବପର୍ବାଣୀରେ ମଧ୍ୟ ମଣିଷ ଆନନ୍ଦମୁଖର ହୋଇ ଗୀତ ବୋଲେ। ଲୋକସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଲୋକଗୀତ ସର୍ବାଧିକ ପ୍ରାଚୀନ। ପ୍ରାଚୀନ ମଣିଷର ଜୀବନ ଥିଲା ଗଦ୍ୟମୟ ଓ ଛନ୍ଦଯୁକ୍ତ, ସେଥିପାଇଁ ବିଶ୍ୱ ସାହିତ୍ୟରେ ପ୍ରଥମେ କବିତାର ସୃଷ୍ଟି। ଲୋକଗୀତ ସହ ଲୋକଜୀବନ ଜନ୍ମ ନେଇଛି। ଏହା ମଣିଷର ଏକ ସହଜାତ ପ୍ରବୃତ୍ତି। ଆଲୋଚ୍ୟ ପ୍ରବନ୍ଧରେ ଓଡ଼ିଆ ଲୋକଗୀତ ମଧ୍ୟରେ ଲୁଚି ରହିଥିବା ସମାଜ ଓ ସଂସ୍କୃତିର ଚିତ୍ର ପ୍ରଦାନ କରିବା ଏହି ପ୍ରବନ୍ଧର ମୂଳ ଲକ୍ଷ୍ୟ।

ମଣିଷ ହୃଦୟର ସାଇତା ସ୍ମୃତିରୁ ଲୋକଗୀତର ଜନ୍ମ ଘଟେ। ଲୋକଗୀତର କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ। ଏହାର କଳେବର କ୍ଷୁଦ୍ର କିମ୍ବା କିଛି ମାତ୍ରାରେ ବୃହତ ହୋଇପାରେ। ତେଣୁ କ୍ଷୁଦ୍ର କଳେବର ଭିତରେ ବୃହତ କଥା କହିବା ଲୋକଗୀତର ଉଦ୍ଦେଶ୍ୟ। ଲୋକଗୀତକୁ କେହି କଲମ ଧରି ସୃଷ୍ଟି କରନ୍ତି ନାହିଁ, ଏହା ସ୍ୱତଃସ୍ଫୁର୍ତ୍ତ ଭାବେ ମଣିଷ ହୃଦୟରୁ ବାହାରି ମୁଖରେ ଜନ୍ମ ନିଏ। ଏଥିପାଇଁ ଉପଯୁକ୍ତ ପରିବେଶ ଲୋଡ଼ା। ଲୋକଗୀତ ଯେତେବେଳେ ଜନ୍ମ ନେବାକୁ ଯାଏ, ସେତେବେଳେ ପ୍ରକାଶ ପାଇଁ ସ୍ୱର ଖୋଜେ, ସେତେବେଳ ଗାଉଁଲି ଗାୟକ ଲୋକକଳା, ଲୋକଛନ୍ଦ, ଲୋକସ୍ୱର, ଶୈଳୀର ମଧୁରତମ ସମନ୍ୱୟ ଘଟେ। ଲୋକଗୀତ ପ୍ରକାଶ ପାଇଁ ଏ ମାଧ୍ୟମ ସବୁକୁ ଗାୟକ ଗ୍ରହଣ କରିନିଏ। "ଲୋକଗୀତରେ ଗୀତିକାରର ସୃଜନଶୀଳତା ସହ ଗାୟକର ସୃଜନଶୀଳତା ଆବଶ୍ୟକ ମନେ ହୁଏ। ସର୍ବୋପରି ଗାୟକ-ଗୀତିକାର-ଶ୍ରୋତା ଓ ସମାଜ ଏକ ଭାବ ବିନ୍ଦୁରେ ମିଶିଗଲେ ଗୀତ ପ୍ରତି ସମତ୍ୱବୋଧ ଫୁଟି ଉଠେ। ଲୋକଗୀତର ଆକାର ନାହିଁ କିନ୍ତୁ ଏହାକୁ ଅନୁଭବ କରି ହୁଏ, ଲୋକଗୀତର ବର୍ଣ୍ଣ ନାହିଁ, ଏହା କିନ୍ତୁ ବର୍ଣ୍ଣିକ ଇନ୍ଦ୍ରଧନୁ ସୃଷ୍ଟି କରେ"।୧ ଲୋକଗୀତର ନିଜସ୍ୱ ରୂପ ନଥିଲେ ମଧ୍ୟ, ତା'ର ଅରୂପତା ମଧ୍ୟରେ ଗ୍ରାମ୍ୟ ଜୀବନର ବାସ୍ତବତା ସୌନ୍ଦର୍ଯ୍ୟ, ସାହିତ୍ୟ ଓ ସତ୍ୟ ଉଚ୍ଚାରିତ ହୁଏ।

ଏବେ ଆମେ ଲୋକଗୀତର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିବା। ଲୋକସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଲୋକଗୀତର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଯେପରି -

୧- ଲୋକସାହିତ୍ୟର ମୂଳ ଉପାଦାନ ହେଲା ଲୋକଗୀତ। ଏହା ବିନା ଲୋକ କାହାଣୀ, ଲୋକ ନାଟକ, ପର୍ବପର୍ବାଣୀ ଆଦି ନିରର୍ଥକ ଓ ରସହୀନ। ଶ୍ରୋତା ଓ ଦର୍ଶକଙ୍କ ମନରେ ହସ ଫୁଟାଇବା ପାଇଁ ଲୋକଗୀତର ଆବଶ୍ୟକ ରହିଥାଏ।

୨- ଲୋକଗୀତ ବ୍ୟକ୍ତି ଜୀବନ ହୃଦୟର ସ୍ୱତଃସ୍ଫୁତ ପରିପ୍ରକାଶ। ନିର୍ଦ୍ଦିଷ୍ଟ ପରିବେଶରେ ଏହା ଗାୟକର ମୁଖରୁ ସୁମଧୁର ଭାବେ ଝରି ଆସେ।

୩- ପଲ୍ଲୀପ୍ରଣତା ଲୋକଗୀତର ପ୍ରମୁଖ ବୈଶିଷ୍ଟ୍ୟ ଅଟେ। ପଲ୍ଲୀର ସୌନ୍ଦର୍ଯ୍ୟ ଓ ଜୀବନବୋଧ ଏଥିରେ ଲିପିବଦ୍ଧ ହୋଇଥାଏ।

୪- ଲୋକଗୀତର ସୃଷ୍ଟିକର୍ତ୍ତା ସର୍ବଦା ଅପରିଚିତ। ଅଜଣା ବ୍ୟକ୍ତି ମୁଖରେ ଲୋକଗୀତର ଜନ୍ମ ଘଟେ। ତେଣୁ ଲୋକଗୀତ ସ୍ରଷ୍ଟାହୀନତା।

୫- ମୌଖିକତା ଲୋକଗୀତର ଅନ୍ୟ ଏକ ପ୍ରଧାନ ବୈଶିଷ୍ଟ୍ୟ। ପୁରୁଷ ପୁରୁଷ ଧରି କାଳାନୁକ୍ରମେ ମୁଖରୁ ମୁଖକୁ ଗତି କରିଚାଲିଥାଏ। ଗାୟକ ଠାରୁ ଶ୍ରୋତା ଶୁଣେ, ପୁଣି ଶ୍ରୋତା ଗାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଗାନ ମାଧ୍ୟମରେ ଲୋକଗୀତକୁ ପ୍ରସାରିତ କରିଥାଏ।

୬- ଛନ୍ଦବଦ୍ଧତା ଲୋକଗୀତକୁ ସୌନ୍ଦର୍ଯ୍ୟ ପ୍ରଦାନ କରିବା ସହ ଶ୍ରୁତି ମଧୁର କରାଏ। ସହଜ, ସରଳ ଓ ନିରାଡମ୍ବର ଭାଷା ଲୋକଗୀତରେ ବ୍ୟବହୃତ ହୁଏ।

୭- ଲୋକଗୀତକୁ ଉଭୟ ପୁରୁଷ ଓ ନାରୀମାନେ ଗାନ କରିଥାନ୍ତି। ପଲ୍ଲୀର ସାମାଜିକ ସାଂସ୍କୃତିକ ଜୀବନ ହେଉଛି ଲୋକଗୀତର ମୂଳ ଆଧାର।

କୁହାଯାଏ ସାହିତ୍ୟ ହେଉଛି ସମାଜର ଦର୍ପଣ। ସମାଜରେ ଯାହାକିଛି ବି ଘଟିଥାଏ, ତାହା ସାହିତ୍ୟରେ ନାନା ଭାବରେ ରୂପାୟିତ ହୋଇଥାଏ। ସେହିପରି ଲୋକସାହିତ୍ୟ ସମାଜର ଜନଜୀବନଦ୍ୱାରା କବଳିତ। ପଲ୍ଲୀ ହେଉଛି ଲୋକଗୀତର ଏନ୍ତୁଡ଼ିଶାଳ। ସେଥିପାଇଁ ପଲ୍ଲୀ ଚିତ୍ର ଲୋକଗୀତର ପ୍ରମୁଖ ସମ୍ବଳ ବା ଆଧାର। ଜୀବନର ପ୍ରତିଟି କୋଣ ଅନୁକୋଣ ଲୋକଗୀତରେ ଆତ୍ମପ୍ରକାଶ କରେ। ଗାଁର ଗୋଷ୍ଠୀବଦ୍ଧ ଲୋକଜୀବନ, ପର୍ବପର୍ବାଣୀ, ମେଳାମେଳଣ ସବୁ ଗୀତରେ ଅପ୍ରସିଦ୍ଧ ଗାୟକମାନଙ୍କ କଣ୍ଠରେ ଗାନ କରାଯାଇଛି। ପ୍ରକୃତି ଏବଂ ପ୍ରାଣକୁ ମିଶାଇ ଦେବାର ଅଦ୍ଭୁତ ଦିବ୍ୟଶକ୍ତି କେବଳ ଲୋକଗୀତର ରହିଛି।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାରେ ଲୋକମାନେ କୃଷି ଉପରେ ନିର୍ଭର କରି ଜୀବନ ବିତାନ୍ତି। ଲୋକଗୀତର ଏକ ମୁଖ୍ୟ ବିଭବ ଭାବରେ କୃଷକ ଗୀତ ବା ହଳିଆ ଗୀତକୁ ଗ୍ରହଣ କରାଯାଇଥାଏ। କୃଷକ, ଚଷା ଶ୍ରେଣୀର କର୍ମଜୀବୀ ମଣିଷମାନେ କାର୍ଯ୍ୟ କ୍ଷେତ୍ରରେ କ୍ଲାନ୍ତିର ଲାଘବ ପାଇଁ ଯେଉଁ ଗୀତ ଗାଆନ୍ତି ତାହା ଅଟେ କୃଷକ ଗୀତ। କୃଷି ସଭ୍ୟତାର ଚିତ୍ର ଆମ ଲୋକଗୀତରେ ବହୁ ପ୍ରାଚୀନ କାଳରୁ ରହିଛି। ପୁରାଣ କଥାକୁ ଏହି ଲୋକଗୀତ ମଧ୍ୟରେ କୃଷି ସଭ୍ୟତା ସହ ଯୋଡ଼ି ଗାନ କରାଯାଉଥିବାର ଦେଖିବାକୁ ମିଳେ। ଯେପରି -

"ରାମର ବିଭାକୁ ଲକ୍ଷଣ ବରଜାତି
କନକ ମୁଣ୍ଡାଇ ଟେକି ଦେଲେ ଛତି
ଛତି ଚାରିପାଶେ ବଉଳ ମୁକୁତା ଲେଛି ଲେଛି ହୋ।"

ଉପରୋକ୍ତ ଗୀତରେ ଓଡ଼ିଆ ଘରର ବିଭାଘର ଚିତ୍ର ରହିଛି। ବିବାହ ସମୟେ ବରର ମୁଣ୍ଡ ଉପରେ ଛତି ଟେକିବାର ପରମ୍ପରା ଅଛି। ସେହି ଛତିଟି କାରୁକାର୍ଯ୍ୟରେ ଝଳମଳ ଦିଶେ। ତାହା ସୌନ୍ଦର୍ଯ୍ୟ ମୁକ୍ତାର ଶୋଭା ସଦୃଶ ଭ୍ରମ ସୃଷ୍ଟି କରାଏ। ସାଧାରଣ କୃଷକଟିଏ ଏହି ସାଧାରଣ କଥାକୁ ସୁନ୍ଦର ଭାବେ ପରିକଳ୍ପନା କରି ନିଜର କ୍ଲାନ୍ତି ଓ ଅବସାଦ ମେଣ୍ଟାଇବା ପାଇଁ ଗୀତ ଆକାରରେ ଗାଇଥାଏ।

ଲୋକଗୀତ ମଧ୍ୟରେ ସମାଜରେ ବାସ କରୁଥିବା ଏକାନ୍ନବର୍ତ୍ତୀ ପରିବାରର ଚିତ୍ର ଦେଖିବାକୁ ମିଳେ। ପରିବାର ସଦସ୍ୟଙ୍କ ମଧ୍ୟରେ ଥିବା ସ୍ନେହ, ପ୍ରେମ, ଆଦର୍ଶ, ମାତୃତ୍ୱ ଓ ଭାତୃତ୍ୱବୋଧ ଆଦି ଅତୁଟ ବନ୍ଧନ ଯୁକ୍ତ ସମ୍ପର୍କର ଡୋର ରହିଥାଏ। ସଭିଏଁ କୌଣସି ନା କୌଣସି କାର୍ଯ୍ୟରେ ପରସ୍ପରକୁ ସହଯୋଗ କରନ୍ତି। ସମ୍ମିଳିତ ଭାବେ କାର୍ଯ୍ୟକୁ ସମ୍ପାଦନ କରନ୍ତି। ଏହାର ଚିତ୍ର ଯେତେବେଳେ କୃଷକ ମନରେ ଭାସିଆସେ, ସେତେବେଳେ ସେ ନିଜର କ୍ଲାନ୍ତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଆନନ୍ଦ ଓ ଉଲ୍ଲାସ ମନରେ ଗାଇଉଠେ -

"ରାମ ଲକ୍ଷ୍ମଣ ଦୁଇଗୋଟି ଭାଇ
କେ ଫାନ୍ଦେ ଲଙ୍ଗଳ କେ ଫାନ୍ଦେ ଆଡ-ମଇ
ତଳି ପରଶିବ ରାମ ଯେ ଲକ୍ଷ୍ମଣ
ସୀତୟା ଯିବେ ରୋଇ ହୋ"।

ଲୋକଗୀତ ଗ୍ରାମ୍ୟ ମଣିଷର ଜୀବନ ଓ ଜୀବିକାର ଚିତ୍ର ପ୍ରଦାନ କରିଥାଏ। କେଉଁଠି କୃଷକ କଣ୍ଠରୁ ହାଳିଆ ଗୀତ ତ ପୁଣି, ଶଗଡ଼ ଚାଳକ ମୁଖରୁ ଶଗଡ଼ିଆ ଗୀତ ଶୁଣିବାକୁ ମିଳେ। ସମାଜରେ ବାସ କରୁଥିବା ପ୍ରତ୍ୟେକ ଜାତିର ଲୋକେ ନିଜ ନିଜର କୁଳ ବେଉସାକୁ ଆଧାର କରି ଜୀବିକା ନିର୍ବାହ କରନ୍ତି। ସେହି ଜାତି ମଧ୍ୟରୁ କୈବର୍ତ୍ତ ସମ୍ପ୍ରଦାୟର ଲୋକ ନିଜର କୁଳ ବେଉସା ଭାବରେ ଦିନରେ ଚୁଡ଼ା କୁଟାଇବା ଓ ରାତିରେ ଘୋଡା ନାଚ କରି ଜୀବନ କଟାଇବାର ଦୃଷ୍ଟାନ୍ତ ଲୋକଗୀତରେ ଦେଖିବାକୁ ମିଳେ। ତାହା ହେଲା-

"ବାଟରେ ମାଇଲି ବୋଡ଼ା
ରାତିରେ ନଚାଏ ଚଇତି ଘୋଡ଼ା ମୁଁ
ଦିନରେ କୁଟଇ ଚୂଡ଼ା"।

ଢଗଢମାଳି ଓଡ଼ିଆ ଲୋକଗୀତ ମଧ୍ୟରେ ଅନ୍ତର୍ଭୁକ୍ତ। ଏହି ଓଡ଼ିଆ ଲୋକଗୀତରେ ଅସଂଖ୍ୟ ଢଗଢମାଳି ରହିଛି। ଢଗଢମାଳି ମଧ୍ୟରେ ମଣିଷ ଜୀବନର ବାସ୍ତବତାର ଚିତ୍ର ଲୁଚି ରହିଥାଏ। ଏହାରି ମାଧ୍ୟମରେ ଜଣେ କଳୁଷିତ ମଣିଷକୁ ଭଲ ମଣିଷ ରୂପରେ ପରିଣତ କରାଯାଇପାରେ। "ଢଗଢମାଳି ଆମ ମନରେ ବସା ବାନ୍ଧିଥିବା ସାହିତ୍ୟ, ଆମ ଜୀବନର ପ୍ରତ୍ୟକ୍ଷ, ପରୋକ୍ଷ, ସମାଲୋଚନ, ଆମର ସବୁବେଳର ସାଥୀ। ଦୁଃଖରେ ଆଶ୍ୱସନା ଦିଏ, ଦୋଗାଇରେ ପଡ଼ି ବିଚାର ହରାଇଥିବା ବେଳେ ଏହା ପଥ ନିର୍ଦ୍ଦେଶ କରେ, ଅନ୍ଧକାରରେ ଆଲୋକ ଦେଖାଇ, ଏହା ଗୋଟିଏ ଜାତିର ଅଲିଖିତ ସାଂସ୍କୃତିକ ଇତିହାସ, କୃଷି ସଭ୍ୟତାର ସର୍ବାଙ୍ଗକୁ ସ୍ପର୍ଶ କରିଥିବା ସାହିତ୍ୟ। ଅଗଣିତ ଜନପଦ, କବିଙ୍କ ହାସ୍ୟ, ବ୍ୟଙ୍ଗ ଓ କଟୁଉକ୍ତି କଷାୟ ରସରେ ଭରପୁର। ସେ ସବୁକବିଙ୍କ ସ୍ଥାନ ଓ କାଳର ପରିଚୟ ବିଲୁପ୍ତ, କିନ୍ତୁ ସେମାନଙ୍କ ନାଡ଼ିର ସ୍ପନ୍ଦନ, ହୃଦୟର ଦୁକି ଦୁକି ରକ୍ତରେ ନୁହେଁ, ରସରେ ହିଁ ଚାଲିଛି ଏହି ପହଳି ପ୍ରବଚନମାନଙ୍କରେ"।୨

ପ୍ରାଚୀନ କାଳରେ ସମାଜରେ ନାରୀମାନେ ପୁରୁଷ ପ୍ରତି ଅତ୍ୟନ୍ତ ଆସକ୍ତ ହୋଇପଡ଼ି ପରିବାର ପ୍ରତି କିପରି ଅହିତକର କାର୍ଯ୍ୟ, ଅବିଚାରିତ ଚିନ୍ତାଧାରା ପ୍ରକାଶ କରୁଥିଲେ ତାହା 'ଢଗଢମାଳି' ଆକାରରେ ଲୋକଗୀତର ପର୍ଯ୍ୟାୟଭୁକ୍ତ ହୋଇଛି। ଯଥା-

"ଯେବେ ପାଇଥିବ ଘଇତା ବୁକୁ
ନିତି ସଜ ହୁଏ ବାପ ଘରକୁ"।

ସମାଜ ଜୀବନରେ ଅର୍ଥ ରୋଜଗାର ଏକ ମାନଦଣ୍ଡ। ଯେଉଁମାନେ ଅଧିକ ରୋଜଗାର କରନ୍ତି, ସେମାନେ ସୁସ୍ଥ ଭାବରେ ହସଖୁସିରେ ଜୀବନଯାପନ କରନ୍ତି। ସମାଜରେ ମଣିଷ ଅର୍ଥକୁ ସମସ୍ତ ସ୍ୱୀକୃତିର ପ୍ରମୁଖ କାରଣ ଭାବେ ବିବେଚନା କରିଥାଏ। ଏପରିକି ଅସତୀ ନାରୀ ମଧ୍ୟ ଅର୍ଥହୀନ ଦରିଦ୍ର ବ୍ୟକ୍ତିକୁ ଆକ୍ଷେପ କରିବାକୁ ପଛାଏ ନାହିଁ। ଓଡ଼ିଆ ଢଗଢମାଳିରେ ଏହାର ଚିତ୍ର ନିହିତ। ନିମ୍ନରେ ଏହାର ଦୃଷ୍ଟାନ୍ତ ଦିଆଯାଇପାରେ

"ଆମ୍ବ ଗଛରେ ଆମ୍ବ ନାହିଁ, ଫୋପଡ କାହିଁକି ମାରୁ
ଅଣ୍ଟା ଚାରିପାଖେ ପଇସା ନାହି, ଆଖି କାହିଁ ପାଇଁ ଠାରୁ"।

ଉତ୍କଳୀୟ ଢଗଢମାଳି ବୈଚିତ୍ର୍ୟ ପୂର୍ଣ୍ଣ। ସମାଜ ଜୀବନ ପରି ଇତିହାସ ଓ ସାଂସ୍କୃତିକ ଜୀବନର ଚିତ୍ର ଏଥିରେ ସାର୍ଥକ ରୂପେ ଉଦଭାସିତ ହୋଇଛି।

କାନ୍ଦଣା ଗୀତ ସାମାଜିକ ଜୀବନରେ ଅଶ୍ରୁ, ଦୁଃଖ ଓ ଶୋକର ବାହକ ଭାବେ ବିବେଚିତ ହୁଏ। କାନ୍ଦଣା ଆମ ବୈବାହିକ ଜୀବନର ଚିତ୍ର ବହନରେ ଅଧିକ ପରିଚ୍ଛନ୍ନ। ନାରୀ ଜୀବନର କରୁଣ ଅନୁଭୂତି କାନ୍ଦଣା ଛକରେ ପ୍ରକାଶ ପାଇଥାଏ। "ବିଶେଷତଃ ନବବିବାହିତା କନ୍ୟା ସ୍ୱାମୀ ଗୃହକୁ ଯାତ୍ରା କରିବା ସମୟରେ ଏହି କାନ୍ଦଣା ଗୀତ ବୋଲାହୁଏ। ଏଥିରେ କେବଳ ଝିଅ ଭାଗ ନିଏ ନାହିଁ ପରିବାରର ସମସ୍ତେ,ଏପରିକି ପାଖ ପଡିଶା କାନ୍ଦଣାରେ ଯୋଗ ଦେଇଥାନ୍ତି। କାନ୍ଦଣାରେ କରୁଣ ରସର ସ୍ଫୁର୍ତ୍ତି ଅନନ୍ୟ ବୋଲି ମନେହୁଏ। ନାରୀ ଜୀବନର ଯାବତୀୟ ଦୁଃଖମୟ କାହାଣୀ କାନ୍ଦଣାରେ ପରିସରଭୁକ୍ତ। ଶାଶୁ ନଣନ୍ଦଙ୍କ ଗଞ୍ଜଣାଠାରୁ ଆରମ୍ଭକରି ପିତାମାତା, ଭାଇ ଭାଉଜଙ୍କ କନ୍ୟା ପ୍ରତି ନିର୍ଦ୍ଦୟ ବ୍ୟବହାରର ହୃଦୟସ୍ପର୍ଶୀ ଆଲୋଚ୍ୟ ଏଗୁଡ଼ିକ ଅଙ୍କିତ ହୋଇଥାଏ"।୩ କାନ୍ଦଣା ହେଉଛି ଏ ଦେଶର ସମାଜ ଓ ସଂସ୍କୃତିର ଆତ୍ମିକ ଇତିହାସ। "ଝିଅର କାନ୍ଦଣାରେ ଥାଏ ତା' ଅନ୍ତରର ଭାଷା, ଯାହା ଅତ୍ୟନ୍ତ ବାସ୍ତବ ଓ ସର୍ବାଂଶରେ ଛଳନା ଶୂନ୍ୟ। ଏହା ଶୁଭ କାର୍ଯ୍ୟରେ ଏକ ବର୍ବରୋଚିତ ବ୍ୟବହାର ନୁହେଁ। ଦିନେ ପଲ୍ଲୀରେ ଏଇ ପ୍ରାକୃତିକ ପରମ୍ପରା ଥିଲା"।୪ ପ୍ରକୃତରେ ଓଡ଼ିଆ କାନ୍ଦଣାଗୁଡ଼ିକ ଅକୃତ୍ରିମ ଶୋକଗୀତି, ଶୁଣିବା ଲୋକର ଆଖିରେ ଲୁହ ରହେନାହିଁ । ସମାଜ ଜୀବନରେ କନ୍ୟାପ୍ରତି ପିତୃ ହୃଦୟର ନିର୍ମମତା ପ୍ରକାଶ ପାଇଛି କାନ୍ଦଣାରେ। ବୁଢ଼ାବରକୁ ତରୁଣୀ କନ୍ୟାର ସମର୍ପଣ ତତକାଳୀନ ସମାଜରେ ନିଷ୍ଠୁର ପିତୃ-ହୃଦୟର ପରିଚୟକୁ ବହନ କରିଛି। କନ୍ୟାର ଦୁଃଖ ଏଥିପାଇଁ ଅମାପ। ଏହା ତା' ପାଇ ପରୋକ୍ଷରେ ଏକ ସାମାଜିକ ନିର୍ଯାତନା। ତେଣୁ ଝିଅ କାନ୍ଦି କାନ୍ଦି କହେ -

"ବାପା ଯାଇଥିଲେ ପେଟା ମାଳକୁ, ମାଆଲୋ ମୋର
ଧରି ଆଣିଲେ ଏ ବୁଢ଼ା ବରକୁ, ମାଆଲୋ ମୋର
ଟାଙ୍ଗରା ମୁଣ୍ଡରେ ପାଗ ଭିଡ଼ିଛି, ମାଆଲୋ ମୋର
ଦାନ୍ତ ନାହିଁ ଗୁଆ ଛେଚି ଖାଉଛି, ମାଆଲୋ ମୋର"।୫

ପୁଣି ତତ୍କାଳୀନ ସମାଜରେ କନ୍ୟା ସୁନା ପ୍ରଥାର ଭୀଷଣତାକୁ 'କାନ୍ଦଣା ଗୀତ'ରୁ ଉପଲବ୍ଧି କରିହୁଏ। ଟଙ୍କା ଲୋଭରେ କନ୍ୟା ପିତା ଅଯୋଗ୍ୟ ବର ହାତରେ କନ୍ୟାକୁ ସମର୍ପି ଦିଏ। ଝିଅ ସାରା ଜୀବନ ଦୁଃଖ, ଶୋକର ଦୁର୍ବିସହ ଭାରକୁ ବହନ କରେ। ଝିଅ ଯେବେ ତା' ବୋଉକୁ ଧରି କାନ୍ଦେ ତା' ମୁଖରୁ ଝରିଆସେ-

"ବାପା ବସିଥିଲେ ଗମ୍ଭୀରୀ ଘରେ ବୋଉ କିଲୋ
ଟଙ୍କା ପହଞ୍ଚିଲା ଦିଇ ପହରେ, ବୋଉ କିଲୋ
ମୋହର ଯେମନ୍ତ ବିଶ୍ୱାସ ଥିବ, ବୋଉ କିଲୋ
ଟଙ୍କା ବାରକୋଡ଼ି ଅଙ୍ଗାର ହେବ, ବୋଉ କିଲୋ"।

ବିବାହର ପ୍ରାରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ବା ଝିଅ ବିଦାୟ ଯାଏଁ ପ୍ରତିଟି ମୁହୂର୍ତ୍ତରେ କାନ୍ଦଣା ଝରିଆସେ। ଝିଅ ଶାଶୁଘରକୁ ଯିବାବେଳର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ। କାନ୍ଦଣା ଗୀତରୁ ଶାଶୁଘରର ଗଞ୍ଜଣା ଯେ ଯମ ଯନ୍ତ୍ରଣା ସଦୃଶ ଝିଅ ପାଇ ବିବେଚିତ ହେଉଥିଲା ତାହା ଅବଧାରିତ ହୁଏ।

ଶିଶୁଗୀତ ବା ପିଲାଙ୍କ ଗୀତ ଓଡ଼ିଆ ଲୋକଗୀତର ଏକ ବିଶିଷ୍ଟ ଅଙ୍ଗ। ଶିଶୁଗୀତରେ ସ୍ନେହଶୀଳା ଜନନୀର ସ୍ନେହ, କରୁଣା, ଶିଶୁର କାନ୍ଦ, କୌତୁକ ଆଦିର ଚିତ୍ର ପ୍ରତିଫଳିତ। "ପଲ୍ଲୀ ଜୀବନରେ ଅବସର ବେଳରେ, ସନ୍ଧ୍ୟାକାଳରେ ପିଲାମାନେ ନାନା ପ୍ରକାର କ୍ରୀଡ଼ାରେ ରତ ରହନ୍ତି। ପୁଚିଖେଳ, ଦୋଳିଖେଳଠାରୁ ଆରମ୍ଭ କରି ନାନା ଉତ୍ସବ ବ୍ୟସନରେ ସମବୟସର ପିଲାଏ କ୍ରୀଡା କରୁଥିବା କାଳରେ ଉନ୍ମାଦନା ସୃଷ୍ଟି କରିବା ପାଇଁ ଗୀତ ବୋଲିଥାନ୍ତି"।୬ ଏହି ସବୁ ଗୀତିକାରେ ଆନନ୍ଦ, ଉନ୍ମାଦର ସମାଜ ଜୀବନ ତଥା ପର୍ବପର୍ବାଣୀର ଉତ୍ସବ ମୁଖରିତ ଜୀବନଧାରାକୁ ପ୍ରତିଫଳିତ କରାଯାଇଥିବାର ଲକ୍ଷ୍ୟ କରାଯାଏ। 'ଚକୁଳିଆ ପଣ୍ଡା' ଗୀତରେ ପୂର୍ଣ୍ଣମୀ, ଅମାବସ୍ୟା, ଏକାଦଶୀ, ଗ୍ରହଣ, ସଂକ୍ରାନ୍ତି ପ୍ରଭୃତି ପ୍ରସିଦ୍ଧ ଦିନମାନଙ୍କର ମହତ୍ତ୍ୱ ସୂଚିତ। ଏହି ଦିନମାନଙ୍କରେ ଚକୁଳିଆ ପଣ୍ଡା ଉକ୍ତ ଦିନମାନଙ୍କର ବୈଶିଷ୍ଟ୍ୟ ସୂଚାଇ, ଲୋକମାନସରେ ଦାନ-ପୁଣ୍ୟ ପ୍ରତି ଆସକ୍ତି ବଢାଇ ଭିକ୍ଷା ମାଗିଥାନ୍ତି। ଦାନର ମହିମା, ସତମାର୍ଗର ମର୍ଯ୍ୟାଦା ତଥା ଧର୍ମକର୍ମ ପ୍ରତି ଲୋକ ମାନସରେ ଅନୁଚିନ୍ତାରବୃଦ୍ଧି ହେତୁ 'ଚକୁଳିଆ ପଣ୍ଡା' ଗୀତର ଏକ ନିର୍ଦ୍ଦିଷ୍ଟ ସାମାଜିକ ମୂଲ୍ୟବୋଧ ଅଛି। ସେହିପରି ଦୋଳିଗୀତ ଓଡ଼ିଶାର ସଂସ୍କୃତିରେ ରଜ ପର୍ବ ପାଳନ ଅବସରରେ ବୋଲାଯାଇଥାଏ। ମନୋରଞ୍ଜନ ଏହାର ଏକମାତ୍ର ଲକ୍ଷ୍ୟ। ବର୍ଷକେ ଥରେ ରଜ ପର୍ବ ପାଳିତ ହୁଏ। ଏହି ପର୍ବରେ ଝିଅମାନେ ନିଜକୁ ବିଭିନ୍ନ ପ୍ରକାରର ପ୍ରସାଧନୀ ସାହାଯ୍ୟରେ ସଜ୍ଜିତ କରିଥାନ୍ତି। ଯେପରି-

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଛି ରଜ
ଆସିଚି ରଜ ଲୋ ଘେନି ନୂଆ ସଜବାଜ"।

କେବଳ ରଜ ପର୍ବ ନୁହେଁ ଅନ୍ୟାନ୍ୟ ପର୍ବପର୍ବାଣୀ ଓ ଉତ୍ସବମାନଙ୍କରେ ଓଡ଼ିଆ ଘରର ଝିଅବୋହୂମାନେ ନିଜକୁ ବିଭିନ୍ନ ଅଳଙ୍କାର, ପ୍ରସାଧନ ମାଧ୍ୟମରେ ସଜେଇ ହୋଇ ନିଜ ସୌନ୍ଦର୍ଯ୍ୟର ପରିଚୟ ଦିଅନ୍ତି।

ଅତୀତରେ ଉତ୍କଳର ନୌବାଣିଜ୍ୟ ଗୌରବପୂର୍ଣ୍ଣ ମର୍ଯ୍ୟାଦା ଲାଭ କରିଥିଲା। ଏହି ନୌବାଣିଜ୍ୟ ଓଡ଼ିଶାର ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଉତ୍କଳୀୟମାନେ ସୁଦୂର ଜାଭା, ବାଲି ଆଦି ଦେଶକୁ ଜଳପଥରେ ଯାଉଥିଲେ ବାଣିଜ୍ୟ କରିବା ପାଇଁ। ବାଣିଜ୍ୟ ମାଧ୍ୟମରେ ସେମାନେ ନିଜଦେଶକୁ ସମୃଦ୍ଧ କରୁଥିଲେ। ଏ ସମୃଦ୍ଧି, ପରମ୍ପରା ଆଜି ପରାହତ।

ତଥାପି ଉତ୍କଳର ଏହି ମହାନ୍ ସଂସ୍କୃତିର ସ୍ମାରକୀ ଭାବେ ଆଜି ବି କାର୍ତ୍ତିକ ମାସର ପୂର୍ଣ୍ଣମୀ ଦିନ ଉତ୍କଳର ନରନାରୀମାନେ ଡଙ୍ଗା ଭସାନ୍ତି, ଡଙ୍ଗା ଭସାଇବା ବେଳେ ନରନାରୀଙ୍କ କଣ୍ଠରୁ ପ୍ରକାଶ ପାଏ-

"ଆକାମା ବୈ, ପାନଗୁଆ ଖାଇ

ପାନଗୁଆ ତୋ'ର, ମାସକ ଧରମ ମୋର"।

ଲୋକଗୀତ ଲିଖିତ ସାହିତ୍ୟଠାରୁ ପୁରାତନ, ଲୋକାୟତ ଏହାର ଉତ୍ପତ୍ତିସ୍ଥଳ। କେତେବେଳେ କରୁଣ ମୁହୂର୍ତ୍ତରେ, ପୁଣି ପର୍ବପର୍ବାଣୀର ଆବଶ୍ୟକତାକୁ ପୂରଣ କରିବାକୁ ତ, ପୁଣି କାମରେ ଉତ୍ସାହ ସୃଷ୍ଟି କରିବାକୁ ଏକକ ଭାବରେ ବା ସମ୍ମିଳିତ ଭାବେ ଲୋକେ ଗୀତ ଗାନ କରିଥାନ୍ତି। ଆଜି ସମୟକ୍ରମେ ଗାନ କରୁଥିବା ଲୋକଙ୍କଦ୍ୱାରା। ମୂଳଗୀତରେ ସାମାନ୍ୟ କେତୋଟି ପରିବର୍ତ୍ତନ ଦେଖାଗଲେ ବି, ଲୋକଗୀତ ତା ଉଦ୍ଦେଶ୍ୟରୁ ଓହରି ଯାଇନାହିଁ। ଲୋକଗୀତ ସର୍ବଦା ସମାଜର ହିତ ସାଧନ କରି ଆସିଛି। ସମାଜ ଜୀବନକୁ ଶୃଙ୍ଖଳିତ ମାର୍ଗରେ ଗତି କରିବା ପାଇଁ ସାହସ ଓ ପ୍ରେରଣା ଦେଇଛି। ଓଡ଼ିଆ ଲୋକଗୀତ ମଧ୍ୟରେ ପ୍ରତିଫଳିତ ହୋଇଛି ବୃହତ୍ତର ସାମାଜିକ ଜୀବନର ପ୍ରତିଛବି, ହସ, କାନ୍ଦ, କ୍ରୀଡ଼ା, ବାଣିଜ୍ୟ, ପର୍ବପର୍ବାଣୀ, ବିବାହ ଓ ମନୋରଞ୍ଜନ ଆଦିର ମୁହୂର୍ତ୍ତରେ ଲୋକଗୀତର ସୃଷ୍ଟି ହୋଇଛି। ଲୋକଜୀବନର ଆମୋଦ ପ୍ରମୋଦ, ଦୁଃଖ ଯାତନା, ବଦ୍ଧମୂଳ ବିଶ୍ୱାସ ଓ ଗଭୀର ଚିନ୍ତନ ଲୋକଗୀତ ମଧ୍ୟରେ ପ୍ରକାଶ ପାଇଛି। ତେଣୁ ଲୋକଗୀତକୁ ସାମାଜିକ ଓ ସାଂସ୍କୃତିକ ଜୀବନର ଇତିହାସ କହିଲେ ମଧ୍ୟ କିଛି ଭୁଲ ହେବନାହିଁ।

## ସହାୟିକା:

୧. ଦାଶ, କୁଞ୍ଜବିହାରୀ; ଓଡ଼ିଆ ଲୋକଗୀତ ଓ କାହାଣୀ, ଶାନ୍ତିନିକେତନ, ବିଶ୍ୱଭାରତୀ, ଓଡ଼ିଆ ଗବେଷଣା ବିଭାଗ, ପ୍ରଥମ ପ୍ରକାଶ,୧୯୫୮

୨. ଦାଶ, କୁଞ୍ଜବିହାରୀ; ଲୋକବାଣୀ ସଞ୍ଚୟନ (୧ମ ଭାଗ), ୧୯୭୩ (ସୌଜନ୍ୟ- ଓଡ଼ିଆ ବିଭବ)

୩. ପ୍ରଧାନ, ଚୌଧୁରୀ ଅଜୟ କୁମାର ଓ ସ୍ୱାଇଁ, ଦିଲ୍ଲୀପ କୁମାର; ଲୋକଜୀବନ ଓ ଲୋକସାହିତ୍ୟ, କଟକ, ସାଲେପୁର, ଚିତ୍ରୋତ୍ପଳା ପବ୍ଲିକେଶନସ୍, ପ୍ରଥମ ପ୍ରକାଶ, ୧୯୯୬

୪. ମିଶ୍ର, ପ୍ରସନ୍ନ କୁମାର (ସଂ); ଓଡ଼ିଆ ଲୋକଗୀତ, ନୂଆଦିଲ୍ଲୀ, ସାହିତ୍ୟ ଅକାଦେମି, ପ୍ରଥମ ପ୍ରକାଶ, ୧୯୯୪

୫. ଷଡ଼ଙ୍ଗୀ, ନୃସିଂହ; ଓଡ଼ିଆ ସାହିତ୍ୟର ସାମାଜିକ-ସାଂସ୍କୃତିକ ଇତିହାସ, କଟକ, ବାଦାମବାଡ଼ି, ଇଣ୍ଡିଆନ୍ ବୁକ୍ ଡିଷ୍ଟ୍ରିବ୍ୟୁଟର୍ସ, ପ୍ରଥମ ପ୍ରକାଶ, ୧୯୯୩

୬. ସାମନ୍ତରାୟ, ନଟବର, ଓଡ଼ିଆ ପଲ୍ଲୀ ସାହିତ୍ୟ, ୧୯୭୦ (ସୌଜନ୍ୟ- ଓଡ଼ିଆ ବିଭବ)

■ ■ ■

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭
ପଞ୍ଜୈରା
Volume No -01 । Issue No - 02 । October 2026 - March 2027
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଭଦ୍ରକ ଜିଲ୍ଲାର ଲୋକସଂସ୍କୃତି: ଏକ ଅଧ୍ୟୟନ

ଡକ୍ଟର ଚିନ୍ମୟ ସାମଲ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ
DOI - https://doi.org/10.5281/zenodo.23350024

## ସାରାଂଶ

ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଭଦ୍ରକର ସାଂସ୍କୃତିକ ଚେତନା ଏବଂ ଆଞ୍ଚଳିକ ଲୋକସଂସ୍କୃତିର ସ୍ୱରୂପ ଅତ୍ୟନ୍ତ ବ୍ୟାପକ ତଥା ଜୀବନ୍ତ। ଏହି ପ୍ରବନ୍ଧରେ ଭଦ୍ରକ ଅଞ୍ଚଳର ପାରମ୍ପରିକ ଲୋକକଳା, ସାମାଜିକ ବିଶ୍ୱାସ ଏବଂ ସାଂସ୍କୃତିକ ବିବର୍ତ୍ତନର ଏକ ସମୀକ୍ଷାତ୍ମକ ମୂଲ୍ୟାଙ୍କନ କରାଯାଇଛି। ବିଶେଷ କରି ଏହି ମାଟିର ଅନନ୍ୟ ଲୋକନାଟ୍ୟ 'ମୋଗଲ ତାମସା' ମାଧ୍ୟମରେ ପ୍ରତିଫଳିତ ହୋଇଥିବା ହିନ୍ଦୁ-ମୁସଲିମ୍ ସାମ୍ପ୍ରଦାୟିକ ସଦ୍ଭାବ, ବାବା ଆଖଣ୍ଡଳମଣିଙ୍କ ଶୈବ ପୀଠ ଓ ମା' ଭଦ୍ରକାଳୀଙ୍କ ଶାକ୍ତ ପରମ୍ପରାକୁ କେନ୍ଦ୍ର କରି ଗଢ଼ି ଉଠିଥିବା ଗ୍ରାମୀଣ ଚଳଣିକୁ ଗବେଷଣାତ୍ମକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇଛି। ଆଧୁନିକୀକରଣ ଓ ବିଶ୍ୱାୟନର ପ୍ରଭାବରେ ଏହି ସମୃଦ୍ଧ ଲୋକସଂସ୍କୃତି ସାମ୍ପ୍ରତିକ ସମୟରେ କିଭଳି ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି ଏବଂ ଏହାର ସଂରକ୍ଷଣ ତଥା ପୁନରୁଦ୍ଧାର ପାଇଁ କେଉଁ ସବୁ ଗବେଷଣାତ୍ମକ ଓ ପ୍ରାୟୋଗିକ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ, ତାହା ହିଁ ଏହି ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ । ଲୋକଉପାଦାନର ବ୍ୟବହାର ଓ କ୍ଷେତ୍ର ଅଧ୍ୟୟନ ଭିତ୍ତିରେ ଏହି ଆଲୋଚନାକୁ ଏକ ନିରପେକ୍ଷ ଗବେଷଣାତ୍ମକ ରୂପ ପ୍ରଦାନ କରାଯାଇଛି।

ମୂଳଶବ୍ଦ - ଲୋକସଂସ୍କୃତି, ମୋଗଲ ତାମସା, ସାଂସ୍କୃତିକ ସମନ୍ୱୟ, ଶୈବ ପରମ୍ପରା, ଲୋକନାଟ୍ୟ ।

## • ଭଦ୍ରକର ଭୌଗୋଳିକ ଓ ଐତିହାସିକ ପୃଷ୍ଠଭୂମି:

କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକସଂସ୍କୃତିକୁ ବୁଝିବାକୁ ହେଲେ ସେହି ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଓ ଐତିହାସିକ ବିବର୍ତ୍ତନକୁ ଅନୁଧ୍ୟାନ କରିବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ଓଡ଼ିଶାର ଉତ୍ତର-ଉପକୂଳ ଭାଗରେ ଅବସ୍ଥିତ ଭଦ୍ରକ ଜିଲ୍ଲା ଏହାର ଉର୍ବର ମୃତ୍ତିକା ଏବଂ ନଦୀଭିତ୍ତିକ ସଭ୍ୟତା ପାଇଁ ପ୍ରାଚୀନ କାଳରୁ ପ୍ରସିଦ୍ଧି ଲାଭ କରିଛି । ବୈତରଣୀ, ସାଳନ୍ଦୀ, ମନ୍ତେଇ ଓ ଗେଙ୍ଗୁଟି ଭଳି ପ୍ରମୁଖ ନଦୀଗୁଡ଼ିକ ଏ ଅଞ୍ଚଳରେ ହୋଇଥିବାରୁ ଏଠାକାର ଅର୍ଥନୀତି ମୁଖ୍ୟତଃ କୃଷି ଓ ବାଣିଜ୍ୟ ଶୀର୍ଷସ୍ତରରେ ପହଞ୍ଚିଛି । ନଦୀପଥ ଦେଇ ଚାଲୁଥିବା ପ୍ରାଚୀନ ସାମୁଦ୍ରିକ ଓ ଆଞ୍ଚଳିକ ବାଣିଜ୍ୟ ଏହି ଅଞ୍ଚଳକୁ ଏକ ସମୃଦ୍ଧ ସାଂସ୍କୃତିକ ଆଦାନ ପ୍ରଦାନର କେନ୍ଦ୍ର ଭାବେ ଗଢ଼ିତୋଳିଛି, ଯାହାର ସ୍ପଷ୍ଟ ପ୍ରଭାବ ଏଠାକାର ଗ୍ରାମୀଣ ଚଳଣିରେ ଆଜି ମଧ୍ୟ ପରିଲକ୍ଷିତ ହୁଏ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯାଏ ଯେ, ଭଦ୍ରକ ବିଭିନ୍ନ ସମୟରେ ମୌର୍ଯ୍ୟ, ଗୁପ୍ତ, ମୋଗଲ, ମରହଟ୍ଟା ଏବଂ ଇଂରେଜ ଶାସନର କ୍ରୀଡ଼ାଭୂମି ସାଜିଥିଲା। ବିଶେଷ କରି ମୋଗଲ ଓ ଆଫଗାନ ଶାସନ କାଳରେ ଏହି ମାଟିରେ ଇସଲାମ ସଂସ୍କୃତିର ପ୍ରବେଶ ଘଟିଥିଲା, ଯାହା ପରବର୍ତ୍ତୀ ସମୟରେ ସ୍ଥାନୀୟ ହିନ୍ଦୁ ପରମ୍ପରା ସହିତ ମିଶ୍ରିତ ହୋଇଯାଇଥିଲା। ଏଠାକାର ମୂଳ ଅଧିବାସୀମାନେ ବାହ୍ୟ ସଂସ୍କୃତି ସହ ସଂଘର୍ଷ କରିବା ପରିବର୍ତ୍ତେ ତାକୁ ନିଜର ଆଞ୍ଚଳିକ ଜୀବନଧାରାରେ ଆତ୍ମସାତ୍ କରିନେଇଥିଲେ । ପୁରାତନ ସାହିତ୍ୟ ଓ ଲୋକବିଶ୍ୱାସ ଅନୁଯାୟୀ 'ଭଦ୍ରକ' ଶବ୍ଦର ଉତ୍ପତ୍ତି ଏଠାକାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ନାମରୁ କିମ୍ବା ଏହି ଅଞ୍ଚଳର 'ଭଦ୍ର' ବା ଶାନ୍ତ ଓ ସରଳ ଲୋକମାନଙ୍କର ପ୍ରକୃତିରୁ ସୃଷ୍ଟ, ଯାହା ଏଠାକାର କଳା ଓ ସାହିତ୍ୟର ମୂଳଦୁଆ ସାଜିଛି।

ଭଦ୍ରକର ଲୋକସଂସ୍କୃତିରେ ଧର୍ମ ଏକ ପ୍ରମୁଖ ଉପାଦାନ ସାଜିଥିଲେ ହେଁ ଏହା ମଧ୍ୟରେ କୌଣସି ପ୍ରକାରର କଠୋରତା ବା ସଂକୀର୍ଣ୍ଣତା ଦେଖିବାକୁ ମିଳେ ନାହିଁ । ଏହା ଏକ ମୁକ୍ତ ଗ୍ରାମୀଣ ପରିବେଶକୁ ପ୍ରତିପାଦିତ କରେ, ଯେଉଁଠାରେ ଶୈବ, ଶାକ୍ତ, ବୈଷ୍ଣବ ଏବଂ ସୁଫୀ ପରମ୍ପରା ପରସ୍ପର ସହ ହାତ ମିଳାଇ ପ୍ରବାହିତ ହେଉଛନ୍ତି। ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ଶୈବ ପୀଠ କେବଳ ମନ୍ଦିରର ଚାରି କାନ୍ଥ ଭିତରେ ଆବଦ୍ଧ ନୁହେଁ, ବରଂ ଏହା ସାଧାରଣ ଜନମାନସର ବିଶ୍ୱାସର କେନ୍ଦ୍ରବିନ୍ଦୁ । ମହାଶିବରାତ୍ରି ସମୟରେ ଅନୁଷ୍ଠିତ ହେଉଥିବା ଜାଗର ମେଳା ସମଗ୍ର ରାଜ୍ୟର କୀର୍ତ୍ତନ ଦଳ, ପାଲା ଗାୟକ ଏବଂ ଲୋକନାଟ୍ୟ ପ୍ରଦର୍ଶନକାରୀଙ୍କୁ ଏକାଠି କରି ଏକ ସାଂସ୍କୃତିକ ଗଣଉତ୍ସବର ରୂପ ଧାରଣ କରିଥାଏ।

ଏହା ସହିତ ମା' ଭଦ୍ରକାଳୀଙ୍କ ପୂଜା-ପରମ୍ପରା ସ୍ଥାନୀୟ ମହିଳାମାନଙ୍କ ଓଷାବ୍ରତ ଏବଂ ଲୋକାଚାର ସହ ଗଭୀର ଭାବେ ଜଡ଼ିତ । ସେହିପରି ଭଦ୍ରକ ସହରର ବାର୍ଷିକ କାଳୀପୂଜା ଉତ୍ସବ ଏକ ବିଶାଳ ଗଣମିଳନର ମାଧ୍ୟମ ସାଜିଥାଏ, ଯେଉଁଠାରେ ବିଭିନ୍ନ ସାହିରେ ନିର୍ମିତ ହେଉଥିବା ଚମତ୍କାର ମୃଣ୍ମୟ ମେଢ଼ଗୁଡ଼ିକ ସ୍ଥାନୀୟ କାରିଗରୀ ଶିଳ୍ପର ଉଚ୍ଚ ମୂଲ୍ୟବୋଧକୁ ପ୍ରଦର୍ଶନ କରନ୍ତି। ଅନ୍ୟପଟେ, ଭଦ୍ରକର ସୁଫୀ ବା ପୀର ସଂସ୍କୃତି ସାମ୍ପ୍ରଦାୟିକ ସଦ୍ଭାବର ଏକ ଜ୍ୱଳନ୍ତ ଉଦାହରଣ। ସହର ଏବଂ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ପୀର ବାବାଙ୍କ ମଜାରରେ ଉଭୟ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ଶିରନୀ ଅର୍ପଣ କରନ୍ତି ଏବଂ ଏଠାରେ ଗାନ କରାଯାଉଥିବା ଜିକିର୍ ଓ ଜାରୀ ଗୀତଗୁଡ଼ିକ ଓଡ଼ିଆ ଲୋକସଙ୍ଗୀତର ଶୈଳୀଦ୍ୱାରା ବେଶ୍ ପ୍ରଭାବିତ ।

**•ମୋଗଲ ତାମସା: ସାଂସ୍କୃତିକ ସମନ୍ୱୟର ଶ୍ରେଷ୍ଠ ଗବେଷଣାତ୍ମକ ଉଦାହରଣ:**

ଭଦ୍ରକ ଲୋକସଂସ୍କୃତିର ସବୁଠାରୁ ଗୌରବମୟ ଏବଂ ସ୍ୱତନ୍ତ୍ର ସମ୍ପଦ ହେଉଛି 'ମୋଗଲ ତାମସା', ଯାହା ଭାରତୀୟ ଲୋକକଳା କ୍ଷେତ୍ରରେ ଅତି ବିରଳ ଓ ଗବେଷଣାତ୍ମକ ଉଦାହରଣ ଭାବେ ପରିଗଣିତ। ଅଷ୍ଟାଦଶ ଶତାବ୍ଦୀରେ ଯେତେବେଳେ ଓଡ଼ିଶାରେ ମୋଗଲ ଶାସନର ସମାପ୍ତି ଘଟି ମରହଟ୍ଟା ଶାସନର ସୂତ୍ରପାତ ହେଉଥିଲା, ସେହି ସନ୍ଧିକ୍ଷଣରେ ଭଦ୍ରକର ପ୍ରସିଦ୍ଧ କବି ଆନନ୍ଦ ଚନ୍ଦ୍ର ବାହାଦୂରଙ୍କଦ୍ୱାରା ଏହି ସ୍ୱତନ୍ତ୍ର ନାଟ୍ୟ ଶୈଳୀର ସୃଷ୍ଟି ହୋଇଥିଲା। ସେହି ସମୟର ରାଜନୈତିକ ଓ ସାମାଜିକ ଅଶାନ୍ତି ମଧ୍ୟରେ ସାଧାରଣ ଲୋକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସେମାନଙ୍କ ମଧ୍ୟରେ ଏକତା ବଜାୟ ରଖିବା ଏହି ଲୋକନାଟ୍ୟର ମୂଳ ଲକ୍ଷ୍ୟ ଥିଲା। ମୋଗଲ ହାକିମମାନଙ୍କର ଦାମ୍ଭିକତା, କର୍ମଚାରୀଙ୍କ ଦୁର୍ନୀତି ଏବଂ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଏଥିରେ ଅତ୍ୟନ୍ତ ଚମତ୍କାର ଭାବେ ହାସ୍ୟରସ ଓ ସଙ୍ଗୀତ ମାଧ୍ୟମରେ ବ୍ୟଙ୍ଗ କରାଯାଇଛି।

ମୋଗଲ ତାମସାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ପ୍ରଦର୍ଶନୀ ଶୈଳୀ ଓ ଭାଷାଗତ ବହୁମୁଖୀତା, ଯାହା ଗ୍ରାମର ଖୋଲା ଦାଣ୍ଡରେ ଚାରିପଟେ ଦର୍ଶକ ବସିଥିବା ଅବସ୍ଥାରେ ପରିବେଷଣ କରାଯାଏ । ଏଥିରେ ପ୍ରଧାନ ଚରିତ୍ର 'ମିର୍ଜା ସାହେବ' ଓ ତାଙ୍କ ଚାକରମାନଙ୍କ ମଧ୍ୟରେ ହେଉଥିବା କଥୋପକଥନରେ ଓଡ଼ିଆ, ପାର୍ସୀ, ଉର୍ଦ୍ଦୁ, ବଙ୍ଗଳା ଏବଂ ହିନ୍ଦୀ ଭାଷାର ଏକ ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳିଥାଏ।

ଯେତେବେଳେ ମିର୍ଜା ସାହେବ ପାର୍ସୀ କିମ୍ବା ଉର୍ଦ୍ଦୁ ମିଶ୍ରିତ ଭାଷାରେ ଆଦେଶ ଦିଅନ୍ତି, ସେତେବେଳେ ସ୍ଥାନୀୟ ଗ୍ରାମବାସୀମାନେ ଖାଣ୍ଟି ଓଡ଼ିଆରେ ତା'ର ପ୍ରତିବାଦପୂର୍ଣ୍ଣ ଉତ୍ତର ରଖନ୍ତି। ଭଦ୍ରକର ସାଂଗିଆ ଓ ବାଗୁରାଇ ଭଳି ଅଞ୍ଚଳରେ ଆଜି ମଧ୍ୟ ହିନ୍ଦୁ ଓ ମୁସଲିମ୍ କଳାକାରମାନେ ମିଳିତ ଭାବେ ଏହି ନାଟକ ପରିବେଷଣ କରି ସାମାଜିକ ସଦ୍ଭାବ ଓ ଧର୍ମନିରପେକ୍ଷତାର ଏକ ଶ୍ରେଷ୍ଠ ବାର୍ତ୍ତା ପ୍ରଦାନ କରୁଛନ୍ତି।



**•ପଲ୍ଲୀ ସାହିତ୍ୟ, ଗ୍ରାମୀଣ ଲୋକକଳା ଓ ସଙ୍ଗୀତ:**

ଭଦ୍ରକର କୃଷିଭିତ୍ତିକ ଜୀବନ ଓ ପ୍ରାକୃତିକ ପରିବେଶ ଏଠାକାର ମୌଖିକ ଲୋକସାହିତ୍ୟକୁ ଅତ୍ୟନ୍ତ ସମୃଦ୍ଧ କରିଛି, ଯାହା ପିଢ଼ି ପିଢ଼ି ଧରି ମୁଖରୁ ମୁଖକୁ ସଞ୍ଚାରିତ ହୋଇ ବଞ୍ଚିରହିଛି। ଚାଷ ଜମିରେ ରୁଆ ବା ବେଉଷଣ ସମୟରେ ଶ୍ରମଜୀବୀ ମଣିଷର ଅବସାଦ ଦୂର କରିବା ପାଇଁ ଗାନ କରାଯାଉଥିବା 'ଚଷା ଗୀତ' ଏବଂ ଦୂର ଗ୍ରାମକୁ ବ୍ୟବସାୟପାଇଁ ଯାଉଥିବା ଶଗଡ଼ିଆଙ୍କ ମନର ନିଃସଙ୍ଗତାକୁ ପ୍ରକାଶ କରୁଥିବା 'ଶଗଡ଼ିଆ ଗୀତ' ଏହି ମାଟିର ବାସ୍ନାକୁ ବହନ କରେ । ସେହିପରି ଗ୍ରାମୀଣ ମହିଳାମାନଙ୍କଦ୍ୱାରା ପାଳିତ ହେଉଥିବା ବିଭିନ୍ନ ଓଷାବ୍ରତର ଗୀତ ଏବଂ କନ୍ୟା ବିଦାୟ ସମୟର ଅଶ୍ରୁଳ 'କାନ୍ଦଣା ଗୀତ'ରେ ମାନବୀୟ ସମ୍ବେଦନଶୀଳତା ଓ ପାରିବାରିକ ସ୍ନେହର ଅତି ସୁନ୍ଦର ପ୍ରତିଫଳନ ଦେଖିବାକୁ ମିଳିଥାଏ।

ଏହା ବ୍ୟତୀତ ଗ୍ରାମାଞ୍ଚଳରେ ଆଧ୍ୟାତ୍ମିକ ଓ ସାମାଜିକ ଚେତନା ସୃଷ୍ଟି କରିବାରେ ପାଲା ଓ ଦାସକାଠିଆର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ବିଶେଷ କରି ଏହି ଅଞ୍ଚଳରେ ସତ୍ୟନାରାୟଣ ପାଲାର ବହୁଳ ପ୍ରଚାର ରହିଛି, ଯେଉଁଥିରେ ହିନ୍ଦୁ ଦେବତା ବିଷ୍ଣୁ ଏବଂ ମୁସଲିମ୍ ପୀରଙ୍କୁ ଏକାଠି କରି 'ସତ୍ୟପୀର' ଭାବେ ଆରାଧନା କରାଯାଏ, ଯାହା ସାଂସ୍କୃତିକ ସମନ୍ୱୟର ଅନ୍ୟ ଏକ ଉଦାହରଣ। ପାଲା ଗାୟକମାନେ ସେମାନଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଶୈଳୀରେ ଓଡ଼ିଆ ପ୍ରାଚୀନ କାବ୍ୟ ସାହିତ୍ୟକୁ ସାଧାରଣ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇ ପାରୁଥିବା ବେଳେ, ଶରତ ଋତୁରେ ଅନୁଷ୍ଠିତ ହେଉଥିବା ରାହାସ ଯାତ୍ରା ଓ କୃଷ୍ଣଲୀଳା ଗ୍ରାମ୍ୟ କଳାକାରମାନଙ୍କର ପ୍ରତିଭା ବିକାଶର ଏକ ବଡ଼ ମାଧ୍ୟମ ସାଜିଥାଏ।

ସାମ୍ପ୍ରତିକ ସମୟରେ ତୀବ୍ର ଆଧୁନିକୀକରଣ, ବିଶ୍ୱାୟନ ଏବଂ ଡିଜିଟାଲ୍ ମନୋରଞ୍ଜନର ବିସ୍ଫୋରଣ ଗ୍ରାମୀଣ ଲୋକସଂସ୍କୃତି ଓ ପାରମ୍ପରିକ କଳା ପ୍ରତି ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି । ସାଂସ୍କୃତିକ ଗବେଷଣାତ୍ମକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ମୋଗଲ ତାମସା ଭଳି ଏକ ଅମୂଲ୍ୟ ନାଟ୍ୟ ପରମ୍ପରା ଆଜି ମାତ୍ର କେତେକ ବୟସ୍କ କଳାକାରଙ୍କ ମଧ୍ୟରେ ସୀମିତ ହୋଇ ରହିଯାଇଛି। ଆଧୁନିକ ଯୁବପିଢ଼ି ପାର୍ସୀ ଓ ଉର୍ଦ୍ଦୁ ଭାଷାର ଜଟିଳତା ହେତୁ ଏହି ଲୋକକଳା ପ୍ରତି ସେମାନେ ବିମୁଖତା ପ୍ରକାଶ କରୁଛନ୍ତି, ଯାହା ଏହି କଳାର ଭବିଷ୍ୟତ ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏହା ସହିତ ଲୋକକଳାକୁ ଜୀବିକା କରିଥିବା ଗ୍ରାମୀଣ କଳାକାରମାନଙ୍କର ଚରମ ଆର୍ଥିକ ଅନାଟନ ଏହି ସମସ୍ୟାକୁ ଅଧିକ ଜଟିଳ କରିଦେଇଛି । ପର୍ଯ୍ୟାପ୍ତ ଆୟ ଏବଂ ଉପଯୁକ୍ତ ସରକାରୀ ପୃଷ୍ଠପୋଷକତା ଅଭାବରୁ ଅନେକ କଳାକାର ନିଜ ପରିବାର ପ୍ରତିପୋଷଣ ପାଇଁ ଏହି ବୃତ୍ତିକୁ ଛାଡ଼ି ଅନ୍ୟ ଶ୍ରମମୂଳକ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ, କୃଷି କ୍ଷେତ୍ରରେ ଆଧୁନିକ ଯାନ୍ତ୍ରିକୀକରଣର ବ୍ୟବହାର ଯୋଗୁଁ ଚଷା ଗୀତ ଓ ଶଗଡ଼ିଆ ଗୀତ ପରି ଗ୍ରାମୀଣ ଶ୍ରମଜୀବୀ ସଙ୍ଗୀତଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ ହେବାକୁ ବସିଲାଣି। ସ୍ମାର୍ଟଫୋନ୍ ଓ ସୋସିଆଲ୍ ମିଡ଼ିଆର ସହଜ ଉପଲବ୍ଧତା ଯୋଗୁଁ ଲୋକମାନେ ଆଉ ଗାଁ ଦାଣ୍ଡର ପାରମ୍ପରିକ ନାଟ ଦେଖିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି, ଯାହା ଗ୍ରାମୀଣ ସମାଜର ପାରମ୍ପରିକ ଏକତା ଓ ସାଂସ୍କୃତିକ ସୌନ୍ଦର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରୁଛି।

•ଭଦ୍ରକର ଲୋକଉପାଦାନରେ ପରିବେଶ ଓ ନାରୀ ଚେତନାର ପ୍ରାସଙ୍ଗିକତା:

ଗବେଷଣାତ୍ମକ ଦୃଷ୍ଟିକୋଣରୁ ଭଦ୍ରକର ଲୋକସଂସ୍କୃତିକୁ ସୂକ୍ଷ୍ମ ଭାବେ ନିରୀକ୍ଷଣ କଲେ, ଏଥିରେ ପରିବେଶ ସନ୍ତୁଳନ ଏବଂ ନାରୀ ମନସ୍ତତ୍ତ୍ୱର ଏକ ସୁନ୍ଦର ଚିତ୍ର ଦେଖିବାକୁ ମିଳେ।

ଏହି ଅଞ୍ଚଳର ପଲ୍ଲୀ ମହିଳାମାନଙ୍କଦ୍ୱାରା ପାଳିତ ହେଉଥିବା 'ଖୁଦୁରୁକୁଣୀ ଓଷା' ବା 'ଭାଲୁକୁଣୀ ଓଷା' କେବଳ ଏକ ଧାର୍ମିକ ବିଧି ନୁହେଁ, ବରଂ ଏହା ପ୍ରାକୃତିକ ପରିବେଶ ଏବଂ ଉଦ୍ଭିଦ ଜଗତ ସହ ମାନବର ନିବିଡ଼ ସମ୍ପର୍କକୁ ଦର୍ଶାଏ। ଏହି ଓଷା ସମୟରେ କୁମାରୀ କନ୍ୟାମାନେ ଜେଉଟା ଫୁଲ, କଇଁ ଫୁଲ ଏବଂ

ମାଟିର ପିତୁଳା ସାହାଯ୍ୟରେ ପୂଜା ଅର୍ଚ୍ଚନା କରିଥାନ୍ତି, ଯାହା ଗ୍ରାମୀଣ ଜୀବନର ପ୍ରକୃତି-ପ୍ରୀତିକୁ ପ୍ରମାଣିତ କରେ । ସେହିପରି ମଙ୍ଗଳବାର ଓଷା, ସୁଦଶା ବ୍ରତ ଏବଂ କାର୍ତ୍ତିକ ମାସର ରାଇ-ଦାମୋଦର ବ୍ରତ ମାଧ୍ୟମରେ ନାରୀସମାଜ ନିଜର ଆଧ୍ୟାତ୍ମିକ ସ୍ୱାଧୀନତା ଏବଂ ଗୃହ ପରିଚାଳନାର ନୈତିକ ଦାୟିତ୍ୱକୁ ଲୋକାଚାରରେ ପ୍ରତିଫଳିତ କରିଥାଏ। ଲୋକସାହିତ୍ୟରେ ସ୍ଥାନିତ ଏହି ଉପାଦାନଗୁଡ଼ିକ ପ୍ରାଚୀନ କାଳରୁ ନାରୀର ସାମାଜିକ ଗୁରୁତ୍ୱ ଓ ପରିବେଶ ସୁରକ୍ଷାର ଚେତନାକୁ ବଞ୍ଚାଇ ରଖିବାରେ ସଫଳ ହୋଇଛି।



### •ଲୋକଶିଳ୍ପ, ହସ୍ତକଳା ଏବଂ ଅର୍ଥନୈତିକ ସଂହତି:

ଭଦ୍ରକର ଲୋକସଂସ୍କୃତି କେବଳ ଗୀତ ଓ ନାଟ୍ୟ ମଧ୍ୟରେ ସୀମିତ ନୁହେଁ, ଏହା ଏଠାକାର ପାରମ୍ପରିକ ହସ୍ତକଳା ଓ ଲୋକଶିଳ୍ପ ସହିତ ସମାନ୍ତରାଳ ଭାବେ ଜଡ଼ିତ। ବିଶେଷ କରି ଭଦ୍ରକର ବାଉଁଶ ଶିଳ୍ପ, ମୃଣ୍ମୟ ଶିଳ୍ପ ଏବଂ କାଂସ୍ୟ ଶିଳ୍ପ ଏକଦା ସ୍ଥାନୀୟ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ଥିଲା। ସାଳନ୍ଦୀ ନଦୀ କୂଳର ଉର୍ବର ମାଟିକୁ ନେଇ କୁମ୍ଭାର ଶିଳ୍ପୀମାନେ ଯେଉଁ ଘରକରଣା ସାମଗ୍ରୀ ଓ ପୂଜାପାର୍ବଣ ପାଇଁ ମୂର୍ତ୍ତି ତିଆରି କରନ୍ତି, ତାହା ସ୍ଥାନୀୟ ଲୋକକଳାର ସର୍ବଶ୍ରେଷ୍ଠ ପ୍ରାୟୋଗିକ ଉଦାହରଣ। ଏହା ସହିତ ଗ୍ରାମାଞ୍ଚଳରେ ମହିଳାମାନଙ୍କଦ୍ୱାରା ପ୍ରସ୍ତୁତ କରାଯାଉଥିବା କାଉଁରିଆ କାଠିର ବିଭିନ୍ନ ସାମଗ୍ରୀ ଏବଂ ଶିଉଳି ଘାସର ଚଟେଇ ଏହି ଜିଲ୍ଲାର କଳାତ୍ମକ ଚିନ୍ତାଧାରା ଓ ସ୍ୱାବଲମ୍ବନଶୀଳତାର ପରିଚୟ ଦିଏ। ଏହି ଲୋକଶିଳ୍ପଗୁଡ଼ିକ ଗ୍ରାମୀଣ ସମାଜର ବିଭିନ୍ନ ଜାତି ଓ ବର୍ଗର ଲୋକଙ୍କ ମଧ୍ୟରେ ବ୍ୟବସାୟିକ ସହଯୋଗ ସୃଷ୍ଟି କରି ସାମାଜିକ ସଂହତିକୁ ସୁଦୃଢ଼ କରିବାରେ ବଡ଼ ଭୂମିକା ଗ୍ରହଣ କରିଆସିଛି।

### •ବାବା ଆଖଣ୍ଡଳମଣି ପୀଠ (ଆରଡ଼ି): ଭଦ୍ରକ ଲୋକସଂସ୍କୃତିର ମଧ୍ୟବିନ୍ଦୁ

ଭଦ୍ରକ ଜିଲ୍ଲାର ଲୋକସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାକୁ ଆଲୋଚନା କଲାବେଳେ ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶୈବ ପୀଠ 'ଆରଡ଼ି' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ। ବୈତରଣୀ ଓ ସାଳନ୍ଦୀ ନଦୀର ତ୍ରିବେଣୀ ସଙ୍ଗମ ନିକଟରେ ଅବସ୍ଥିତ ଏହି ପୀଠ କେବଳ ଏକ ମନ୍ଦିର ନୁହେଁ, ବରଂ ଶତାବ୍ଦୀ ଶତାବ୍ଦୀ ଧରି ଗ୍ରାମୀଣ ଲୋକବିଶ୍ୱାସ, କିମ୍ବଦନ୍ତୀ ଓ ଧାର୍ମିକ ସମନ୍ୱୟର ଏକ ମୂଲ୍ୟବାନ ପ୍ରତୀକ ଭାବେ ଉଭା ହୋଇଛି।

**୧. ଐତିହାସିକ ଉତ୍ପତ୍ତି ଓ ଲୋକକଥା-** ଆଖଣ୍ଡଳମଣି ପୀଠର ପ୍ରତିଷ୍ଠାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅନେକ ଜନଶ୍ରୁତି ପ୍ରଚଳିତ। କୁହାଯାଏ, କନିକାର ତତ୍କାଳୀନ ରାଜା ହରିହର ଭଞ୍ଜଙ୍କ ସମୟରେ ଆରଡ଼ି ଗ୍ରାମର ଜଣେ ଚାଷୀ (ନୀଳକଣ୍ଠ ଜେନା) ନିଜ ବିଲରେ କାମ କରୁଥିବା ବେଳେ ତାଙ୍କ ଲଙ୍ଗଳ ମୁଣ୍ଡ ଏକ କଳା ପଥର ଦେହରେ ବାଜିଥିଲା। ସେହି ପଥରରୁ ରକ୍ତ ନିର୍ଗତ ହେବା ଦେଖି ଚାଷୀ ଜଣକ ଭୟଭୀତ ହୋଇପଡ଼ିଲେ ଏବଂ ପରେ ସେଠାରେ ବାବା ଆଖଣ୍ଡଳମଣି ସ୍ୱୟଂ ପ୍ରକଟ ହୋଇଥିବା ବିଶ୍ୱାସ କରାଗଲା। ପରବର୍ତ୍ତୀ ସମୟରେ କନିକା ରାଜା ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ଲଙ୍ଗଳ ବାଜି କ୍ଷତବିକ୍ଷତ ହୋଇଥିବା ସେହି ମଣି ବିଗ୍ରହଙ୍କୁ ଆଜି ମଧ୍ୟ ଦର୍ଶନ କରାଯାଏ, ଯାହା ଗ୍ରାମୀଣ କୃଷି ସଂସ୍କୃତି ସହ ଈଶ୍ୱରୀୟ ଚେତନାର ସଂଯୋଗକୁ ପ୍ରମାଣିତ କରେ।



**୨. ସାଂସ୍କୃତିକ ଗଣମିଳନ ଓ ମହାଶିବରାତ୍ରି -** ବାବା ଆଖଣ୍ଡଳମଣି ପୀଠର ସବୁଠାରୁ ବଡ଼ ଲୋକଉତ୍ସବ ହେଉଛି 'ମହାଶିବରାତ୍ରି' ବା ଜାଗର ମେଳା। ଏହି ସମୟରେ ଆରଡ଼ି ପୀଠ ଏକ ବିଶାଳ ସାଂସ୍କୃତିକ କେନ୍ଦ୍ରରେ ପରିଣତ ହୁଏ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଶିବରାତ୍ରିର ସଂକଳ୍ପ ନେଇ ଏଠାକୁ ଆସନ୍ତି। ଜାଗର ମେଳା ଅବସରରେ ମନ୍ଦିର ବେଢ଼ା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସଂକୀର୍ତ୍ତନ, ବୈଠକୀ ପାଲା, ଦାସକାଠିଆ ଏବଂ ସ୍ଥାନୀୟ ଲୋକନାଟ୍ୟର ପ୍ରଦର୍ଶନ ହୋଇଥାଏ। ଏହି ଗଣମିଳନ ପଲ୍ଲୀ କଳାକାରମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ବଡ଼ ମଞ୍ଚ ଯୋଗାଇଥାଏ, ଯାହା ଲୋକସଂସ୍କୃତିର ପ୍ରସାରରେ ସହାୟକ ହୁଏ।

**୩. ଜନମାନସରେ ରୋଗବ୍ୟାଧି ନିବାରଣର ବିଶ୍ୱାସ-** ଆରଡ଼ି ପୀଠର ଅନ୍ୟ ଏକ ବିଶେଷତ୍ୱ ହେଉଛି ବାବାଙ୍କ 'ପାଦୁକା' ଓ 'ଘର୍ଷଣ ଜଳ'। ସ୍ଥାନୀୟ ଲୋକବିଶ୍ୱାସ ଅନୁଯାୟୀ ବାବା ଆଖଣ୍ଡଳମଣି ହେଉଛନ୍ତି ପରମ ବୈଦ୍ୟ ବା ରୋଗବ୍ୟାଧି ବିନାଶକାରୀ ଦେବତା। ବିଶେଷ କରି ମାରାତ୍ମକ ଚର୍ମରୋଗ, ଚକ୍ଷୁ ରୋଗ ଏବଂ ସର୍ପାଘାତରୁ ରକ୍ଷା ପାଇବା ପାଇଁ ଆଖପାଖ ଅଞ୍ଚଳର ଲୋକେ ବାବାଙ୍କ ଶରଣାପନ୍ନ ହୁଅନ୍ତି। ବାବାଙ୍କ ପାଦୁକା ସେବନ କଲେ ଜଟିଳ ରୋଗ ଭଲ ହୋଇଯାଏ ବୋଲି ପ୍ରଗାଢ଼ ବିଶ୍ୱାସ ରହିଛି। ଗବେଷଣାତ୍ମକ ଦୃଷ୍ଟିକୋଣରୁ, ଏହି ବିଶ୍ୱାସ ଗ୍ରାମୀଣ ଲୋକଙ୍କୁ ମାନସିକ ଶକ୍ତି ଓ ଆତ୍ମବିଶ୍ୱାସ ପ୍ରଦାନ କରିବାରେ ଏକ ବଡ଼ ମନସ୍ତାତ୍ତ୍ୱିକ ଭୂମିକା ଗ୍ରହଣ କରିଥାଏ।

**୪. ଧାର୍ମିକ ସମନ୍ୱୟ ଓ 'ସିଂହଦ୍ୱାର ପ୍ରଥା' -** ଆଖଣ୍ଡଳମଣି ପୀଠର ଚଳଣିରେ ସାମାଜିକ ସମାନତା ଓ ଧର୍ମନିରପେକ୍ଷତାର ଝଲକ ଦେଖିବାକୁ ମିଳେ। ମନ୍ଦିର ସେବାୟତଙ୍କ ଠାରୁ ଆରମ୍ଭ କରି

ଦର୍ଶନାର୍ଥୀଙ୍କ ପର୍ଯ୍ୟନ୍ତ, ଏଠାରେ ଜାତିଗତ ଭେଦଭାବର ପ୍ରାଚୀର ନଥାଏ। ବିଶେଷ କରି ସ୍ଥାନୀୟ ହିନ୍ଦୁ-ମୁସଲିମ୍ ଭାଇଚାରାର ପ୍ରଭାବ ମଧ୍ୟ ଏହି ପୀଠର ଆଖପାଖ ଅଞ୍ଚଳରେ ଅନୁଭୂତ ହୁଏ। ଲୋକମାନେ ନିଜର ବ୍ୟକ୍ତିଗତ ବା ସାମାଜିକ ସଫଳତା ପାଇଁ ଆଖଣ୍ଡଳମଣିଙ୍କ ପାଖରେ ଶିରନୀ କିମ୍ବା ଭୋଗ ଅର୍ପଣ କରିଥାନ୍ତି।

ଏତଦ୍ବ୍ୟତୀତ ଭଦ୍ରକ ଭଳି ଏକ ସଂସ୍କୃତିସମ୍ପନ୍ନ ଅଞ୍ଚଳରେ ଆହୁରି ମଧ୍ୟ କିଛି ଲୋକସଂସ୍କୃତିର ଐତିହ୍ୟ ପରିଲକ୍ଷିତ ହୁଏ। ନିମ୍ନରେ ତାହା ଆଲୋଚନା କରାଗଲା।

**•ବାବା ବାଲୁଙ୍କେଶ୍ୱର ଓ କଣ୍ଡୀପୀରଙ୍କ ସମନ୍ୱୟ (ଧାମନଗର ପୀର ସଂସ୍କୃତି)-** ଭଦ୍ରକ ଜିଲ୍ଲାର ଧାମନଗର ଅଞ୍ଚଳରେ ହିନ୍ଦୁ-ମୁସଲିମ୍ ସାଂସ୍କୃତିକ ସମନ୍ୱୟର ଏକ ଅଦ୍ଭୁତ ଉଦାହରଣ ଦେଖିବାକୁ ମିଳେ, ଯାହାକୁ 'ପୀର ସଂସ୍କୃତି' କୁହାଯାଏ। ଏଠାରେ ଥିବା କଣ୍ଡୀପୀରଙ୍କ ମଜାରରେ ପ୍ରତିବର୍ଷ ବାର୍ଷିକ ଉତ୍ସବ ବା 'ଉର୍ସ' ଅନୁଷ୍ଠିତ ହୁଏ, ଯେଉଁଥିରେ ସ୍ଥାନୀୟ ଶୈବ ପୀଠ ବାବା ବାଲୁଙ୍କେଶ୍ୱରଙ୍କ ଆଜ୍ଞାମାଳ ଓ ଭୋଗ ପ୍ରଥମେ ଆସି ପହଞ୍ଚିଥାଏ। ଏହି ଉତ୍ସବ ସମୟରେ ହିନ୍ଦୁମାନେ ସୁଫୀ ସଙ୍ଗୀତ ଓ କାଉଆଲି ଗାନ କରନ୍ତି ଏବଂ ମୁସଲମାନ ଭାଇମାନେ ମଜାରରେ ପ୍ରଦୀପ ପ୍ରଜ୍ୱଳନ କରନ୍ତି। ଏହି ପରମ୍ପରା ଭଦ୍ରକର ସାମାଜିକ ଗଠନକୁ ସଦ୍ଭାବର ଏକ ଅନନ୍ୟ ଉଚ୍ଚତା ପ୍ରଦାନ କରିଛି।

**•କାଳୀପୂଜାର 'ମୃଣ୍ମୟ ମେଢ଼' ଓ ପାରମ୍ପରିକ କାରିଗରୀ କଳା -** ଭଦ୍ରକର ବାର୍ଷିକ କାଳୀପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ଏକ ବିରାଟ ମୃଣ୍ମୟ ଲୋକଶିଳ୍ପର ପ୍ରଦର୍ଶନୀ। ଏହି ସମୟରେ ସହରର ବିଭିନ୍ନ ସାହିରେ ସ୍ଥାନୀୟ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଶାଳକାୟ ମୃଣ୍ମୟ ମେଢ଼ ଓ ତୋରଣଗୁଡ଼ିକ ସ୍ଥାନୀୟ ମୃତ୍ତିକା ଶିଳ୍ପ (Terracotta and Clay Art) ର ଉଚ୍ଚ ପରମ୍ପରାକୁ ଦର୍ଶାଏ। ପିଢ଼ି ପିଢ଼ି ଧରି ଚାଲିଆସିଥିବା ଏହି ଶିଳ୍ପ ଚାତୁରୀ ସ୍ଥାନୀୟ କାରିଗର ସମୁଦାୟର ଜୀବିକା ଓ କଳାତ୍ମକ ଚେତନାକୁ ଆଜି ମଧ୍ୟ ବଞ୍ଚାଇ ରଖିଛି, ଯାହା ଭଦ୍ରକର ଲୋକଉପାଦାନର ଏକ ମୁଖ୍ୟ ଅଙ୍ଗ।

**•ଶହୀଦ ପୀଠ ଇରମ୍ର କୀର୍ତ୍ତନ ଓ ପଲ୍ଲୀଗୀତ ସଂସ୍କୃତି -** ଭଦ୍ରକର ବାସୁଦେବପୁର ବ୍ଲକରେ ଅବସ୍ଥିତ ଇରମ୍ (ଯାହା ଓଡ଼ିଶାର ରକ୍ତ ତୀର୍ଥ ଭାବେ ଜଣାଶୁଣା) ଅଞ୍ଚଳରେ ଏକ ଦେଶାତ୍ମବୋଧକ ଲୋକସଂସ୍କୃତିର ପ୍ରବାହ ରହିଛି। ସ୍ୱାଧୀନତା ଆନ୍ଦୋଳନ ସମୟରୁ ଏହି ଅଞ୍ଚଳରେ ବିଭିନ୍ନ ପ୍ରକାରର ପାରମ୍ପରିକ 'ନଗର କୀର୍ତ୍ତନ' ଓ 'ଖଞ୍ଜଣୀ ଭଜନ'ର ପ୍ରଚଳଦେଖିବାକୁ ମିଳେ। ଗ୍ରାମର ସାଧାରଣ ଲୋକେ ଗୀତ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥା ଓ ସ୍ଥାନୀୟ ଇତିହାସକୁ ଜୀବନ୍ତ ରଖିଛନ୍ତି, ଯାହା ଓଡ଼ିଶାର ଅନ୍ୟ ଅଞ୍ଚଳର କୀର୍ତ୍ତନ ପରମ୍ପରାଠାରୁ ବେଶ୍ ଭିନ୍ନ ଓ ଭାବପୂର୍ଣ୍ଣ।

**•ସାଳନ୍ଦୀ ନଦୀପଥ ଓ ବାଉଁଶ-କାଉଁରିଆର ଲୋକଶିଳ୍ପ-** ଭଦ୍ରକର ଭୌଗୋଳିକ ପରିବେଶ ସାଳନ୍ଦୀ ନଦୀଦ୍ୱାରା ପ୍ରଭାବିତ ହୋଇଥିବାରୁ ଏଠାରେ ଏକ ପ୍ରକୃତିଭିତ୍ତିକ ହସ୍ତଶିଳ୍ପ ସଂସ୍କୃତି ଗଢ଼ି ଉଠିଛି। ବିଶେଷ କରି ଜିଲ୍ଲାର ଗ୍ରାମାଞ୍ଚଳରେ ବାଉଁଶ ଓ କାଉଁରିଆ କାଠିକୁ ବ୍ୟବହାର କରି ବିଭିନ୍ନ ଗୃହୋପକରଣ, ଖେଳନା ଓ ସାଂସ୍କୃତିକ ସାମଗ୍ରୀ ନିର୍ମାଣ କରିବାର ଏକ ଦୀର୍ଘ ପରମ୍ପରା ରହିଛି। ଏହି ଶିଳ୍ପରେ ମହିଳାମାନଙ୍କର ଅଂଶଗ୍ରହଣ ଅଧିକ ଥାଏ, ଯାହା ସେମାନଙ୍କର କଳାତ୍ମକ ଦକ୍ଷତା ଓ ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରେ ଏବଂ ଏହି ଲୋକଶିଳ୍ପ ପଲ୍ଲୀଜୀବନର ଅର୍ଥନୀତି ସହ ଓତପ୍ରୋତ ଭାବେ ଜଡ଼ିତ।

**•କଇଁ ଫୁଲ ଓ ସାଳନ୍ଦୀର ଚଷା ଗୀତ (ରୁଆ ଗୀତ)** ଭଦ୍ରକ ଏକ ପ୍ରମୁଖ କୃଷିପ୍ରଧାନ ଜିଲ୍ଲା ହୋଇଥିବାରୁ ବର୍ଷା ଋତୁରେ ଧାନ ରୁଆ ସମୟରେ ମହିଳା ଓ ଚାଷୀମାନଙ୍କ ଦ୍ୱାରା ଗାନ କରାଯାଉଥିବା 'ରୁଆ ଗୀତ' ବା 'ଚଷା ଗୀତ' ଏହି ମାଟିର ଏକ ନିଆରା ସାଂସ୍କୃତିକ ବିଭବ। ବିଲରେ ଫୁଟିଥିବା କଇଁ ଫୁଲ, ପଦ୍ମ ଫୁଲ ଓ ଗ୍ରାମୀଣ ପ୍ରକୃତିକୁ ନେଇ ସ୍ୱତଃସ୍ଫୂର୍ତ୍ତ ଭାବେ ଗଢ଼ି ଉଠିଥିବା ଏହି ଗୀତଗୁଡ଼ିକରେ କୌଣସି ଶାସ୍ତ୍ରୀୟ ଜଟିଳତା ନଥାଏ। ଏହି ଗୀତଗୁଡ଼ିକ ଶ୍ରମଜୀବୀ ମଣିଷର ଥକାପଣ ଦୂର କରିବା ସହ ପଲ୍ଲୀ ସମାଜର ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ବିରହର କାହାଣୀକୁ ଅତ୍ୟନ୍ତ ସରଳ ଭାବେ ବ୍ୟକ୍ତ କରିଥାଏ।

## ଭଦ୍ରକ ଲୋକସଂସ୍କୃତିର ଗବେଷଣାତ୍ମକ ମୂଲ୍ୟାଙ୍କନ:

ଏକ ସାମଗ୍ରୀକ ତଥା ଗବେଷଣାତ୍ମକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ଭଦ୍ରକ ଜିଲ୍ଲାର ଲୋକସଂସ୍କୃତି କେବଳ କିଛି ପାରମ୍ପରିକ ଗୀତ, ନାଟ୍ୟ ବା ଓଷାବ୍ରତର ସମାହାର ନୁହେଁ; ଏହା ହେଉଛି ଏହି ମାଟିର ଶତାବ୍ଦୀ ଶତାବ୍ଦୀର ଐତିହାସିକ ସଂଘର୍ଷ, ଭୌଗୋଳିକ ଅନୁକୂଳତା ଏବଂ ମାନବୀୟ ଉଦାରତାର ଏକ ଜୀବନ୍ତ ଦଲିଲ୍। ମୋଗଲ ତାମସାର ସମନ୍ୱୟ ଭାଷା, ଆଖଣ୍ଡଳମଣି ପୀଠର ସାର୍ବଜନୀନ ଗଣତାନ୍ତ୍ରିକ ଚେତନା, ଧାମନଗରର ପୀର ସଂସ୍କୃତି ଏବଂ ଗ୍ରାମୀଣ ଶ୍ରମଜୀବୀ ମଣିଷର ରୁଆ ଗୀତ—ଏସବୁ ଉପାଦାନ ପ୍ରମାଣିତ କରନ୍ତି ଯେ ଏଠାକାର ଲୋକସଂସ୍କୃତି ସଦାସର୍ବଦା ସମାଜକୁ ଯୋଡ଼ିବାର କାର୍ଯ୍ୟ କରିଆସିଛି। ଧର୍ମ ଏବଂ ଭାଷାର ସୀମା ପାର ହୋଇ ଏହି ସଂସ୍କୃତି ଯେଉଁ ଧର୍ମନିରପେକ୍ଷ ଓ ମାନବବାଦୀ ଭିତ୍ତିଭୂମି ସୃଷ୍ଟି କରିଛି, ତାହା ସମଗ୍ର ଓଡ଼ିଶାର ସାଂସ୍କୃତିକ ଇତିହାସରେ ବିରଳ। ତେବେ ସାମ୍ପ୍ରତିକ ବିଶ୍ୱାୟନ, ସହରୀକରଣ ଏବଂ ଡିଜିଟାଲ୍ ବୈପ୍ଳବିକ ପରିବର୍ତ୍ତନର କୁଆରରେ ଏହି ସମୃଦ୍ଧ ସାଂସ୍କୃତିକ ଦାୟାଦ ଏକ ଗମ୍ଭୀର ସନ୍ଧିକ୍ଷଣରେ ଆସି ପହଞ୍ଚିଛି। ପାରମ୍ପରିକ ଲୋକଉପାଦାନଗୁଡ଼ିକ ପ୍ରତି ଆଧୁନିକ ଯୁବପିଢ଼ିର ବୀତସ୍ପୃହତା ଏବଂ ଗ୍ରାମୀଣ କଳାକାରମାନଙ୍କର ଚରମ ଆର୍ଥିକ ଅନାଟନ ଏହି ଅମୂଲ୍ୟ ଐତିହ୍ୟକୁ ବିଲୁପ୍ତପ୍ରାୟ ସ୍ଥିତିକୁ ଠେଲି ଦେଉଛି। ଲୋକଭାଷାର ବ୍ୟବହାର କମିବା ସହ ମୌଖିକ ପରମ୍ପରାରେ ଥିବା ଅନେକ ଲୋକଗୀତ ଓ କିମ୍ବଦନ୍ତୀ ଆଜି ସ୍ମୃତିରୁ ହଜିଯିବାକୁ ବସିଲାଣି। ଏହି ସାଂସ୍କୃତିକ ଶୂନ୍ୟତା ଗ୍ରାମୀଣ ସମାଜର ପାରମ୍ପରିକ ଏକତା ଓ ଭାଇଚାରା ପ୍ରତି ମଧ୍ୟ ଏକ ପ୍ରକାର ଆହ୍ୱାନ ସୃଷ୍ଟି କରୁଛି, ଯାହା ସାଂସ୍କୃତିକ ଗବେଷକ ତଥା ସମାଜବିଜ୍ଞାନୀମାନଙ୍କ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ।

ଏହି ପରିପ୍ରେକ୍ଷୀରେ, ଭଦ୍ରକର ଲୋକସଂସ୍କୃତିର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ କେବଳ ତାତ୍ତ୍ୱିକ ଆଲୋଚନାଚକ୍ର ବା ସେମିନାର୍ ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ତୃଣମୂଳ ସ୍ତରରେ ପ୍ରାୟୋଗିକ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୈଜ୍ଞାନିକ ପଦ୍ଧତିରେ କ୍ଷେତ୍ର ଅଧ୍ୟୟନ କରାଯାଇ ମୋଗଲ ତାମସାର ପାଣ୍ଡୁଲିପି ଏବଂ ବିଲୁପ୍ତପ୍ରାୟ ଲୋକଗୀତଗୁଡ଼ିକର ଡିଜିଟାଲ୍ ଅଭିଲେଖୀକରଣ (Digital Archiving) କରାଯିବା ଆବଶ୍ୟକ। ଜିଲ୍ଲା ସ୍ତରରେ ଏକ ସ୍ଥାୟୀ 'ଲୋକକଳା ଏକାଡେମୀ' ପ୍ରତିଷ୍ଠା କରି ବରିଷ୍ଠ କଳାକାରମାନଙ୍କ ମାଧ୍ୟମରେ ନୂତନ ପିଢ଼ିକୁ ପ୍ରଶିକ୍ଷଣ ପ୍ରଦାନ କରାଗଲେ ଏହି ପରମ୍ପରା ଜୀବନ୍ତ ରହିପାରିବ। ଏହା ସହିତ ଆଞ୍ଚଳିକ ପାରମ୍ପରିକ ଲୋକଉତ୍ସବଗୁଡ଼ିକୁ ପର୍ଯ୍ୟଟନ ଶିଳ୍ପ ସହ ଯୋଡ଼ି କଳାକାରମାନଙ୍କୁ ସ୍ଥାୟୀ ଜୀବିକା ଯୋଗାଇଦେବା ଉଚିତ।

ଶେଷରେ ଏତିକି କୁହାଯାଇପାରେ ଯେ, ଭଦ୍ରକର ଲୋକସଂସ୍କୃତି ହେଉଛି ଓଡ଼ିଆଜାତିର ଅସ୍ମିତା ଓ ଗଣତାନ୍ତ୍ରିକ ଚେତନାର ଏକ ଅବିଚ୍ଛେଦ୍ୟ ପ୍ରାଣକେନ୍ଦ୍ର । ସମାଜର ପ୍ରତ୍ୟେକ ବର୍ଗର ସାମୂହିକ ପ୍ରଚେଷ୍ଟା, ସରକାରୀ ପୃଷ୍ଠପୋଷକତା ଏବଂ ଶିକ୍ଷା ପାଠ୍ୟକ୍ରମରେ ଏହାର ଉପଯୁକ୍ତ ସ୍ଥାନୀୟକରଣ ହିଁ ଏହି ମୂଲ୍ୟବାନ ସାଂସ୍କୃତିକ ବିଭବକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ଓ ଗୌରବମୟ କରି ରଖିପାରିବ। ଏହି ଅନନ୍ୟ ଲୋକସଂସ୍କୃତିର ସୁରକ୍ଷା ହିଁ ଭଦ୍ରକ ମାଟିର ପ୍ରକୃତ ପରିଚୟକୁ ବିଶ୍ୱ ଦରବାରରେ ଅମ୍ଳାନ କରି ରଖିବାରେ ସଫଳ ହେବ।

## ସହାୟକ ଗ୍ରନ୍ଥସୂଚୀ:


୧. ମହାନ୍ତି, ବ୍ରଜମୋହନ, ଓଡ଼ିଶାର ଲୋକନାଟ୍ୟ ଓ ମୋଗଲ ତାମସା, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୧୦।

୨. ଦାସ, କୁଞ୍ଜବିହାରୀ, ଓଡ଼ିଆ ଲୋକଗଳ୍ପ ଓ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୮।

୩. ନାୟକ, ପୁରୁଷୋତ୍ତମ, ଭଦ୍ରକ ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି, ବିଦ୍ୟାପୁରୀ, ୨୦୧୫।

୪. ମିଶ୍ର, ଗୋପାଳ ଚନ୍ଦ୍ର, ଓଡ଼ିଶାର ଗ୍ରାମୀଣ ଲୋକକଳା, ଗ୍ରନ୍ଥମନ୍ଦିର, ୨୦୦୫।

୫. ଜିଲ୍ଲା ସଂସ୍କୃତି ପରିଷଦ। ସ୍ମରଣିକା: ଭଦ୍ରକର ସାଂସ୍କୃତିକ ଇତିହାସ। ସଂସ୍କୃତି ବିଭାଗ, ଭଦ୍ରକ ଜିଲ୍ଲା, ୨୦୧୮।

୬. Patnaik, Dhirendranath. Folk Theatre of Orissa. Odisha Sangeet Natak Akademi, 2002.

୭. Ray, B. C. Mughal Orissa: Economy and Society. Kitab Mahal, 1989.

୮. Sahoo, Krushna Charan. Folk Culture and Communal Harmony in Coastal Odisha. Pratibha Prakashan, 2012.


■ ■ ■

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ଦ୍ୱିତୀୟ ଅର୍ଘ୍ୟ । ଅକ୍ଟୋବର ୨୦୨୬ - ମାର୍ଚ୍ଚ ୨୦୨୭
ପଞ୍ଚରା
Volume No -01 । Issue No - 02 । October 2026 - March 2027
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# 'ଡଣ୍‌ନାଟ୍': ଏକ ପରିଚୟ

କନକ ବର୍ଦ୍ଧନ ସାହୁ
ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସିନାପାଲି ମହାବିଦ୍ୟାଳୟ, ସିନାପାଲି
DOI - https://doi.org/10.5281/zenodo.23350328

## ସାରାଂଶ

ପଶ୍ଚିମ ଓଡ଼ିଶାର ଭିନ୍ନ ଭିନ୍ନ ପର୍ବ ପର୍ବାଣି, ଯାନି ଯାତ୍ରାରେ ନାନା ପ୍ରକାର ଦେବଦେବୀଙ୍କୁ ଆବାହନ କରାଯାଏ। ଉତ୍ସବରେ ଉଲ୍ଲସିତ ମନକୁ ଆହୁରି ଉତ୍ସବମୁଖର କରିବା ପାଇଁ ସେମାନେ ମନୋରଞ୍ଜନକୁ ମୁଖ୍ୟ ଆଧାର ବୋଲି ଭାବି ନୃତ୍ୟ, ଗୀତର ଆସରରେ ଉଲ୍ଲସିତ ହୋଇଥାନ୍ତି। ଏଥିପାଇଁ ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ରର ବ୍ୟବହାର ହୋଇଥାଏ। ଯାହା ଧୀରେ ଧୀରେ ସମୟ ସହ ହଜି ଯିବାକୁ ବସିଲାଣି। କିଛି ହାତଗଣତି ସମ୍ପ୍ରଦାୟଦ୍ୱାରା ବଞ୍ଚିତ ବାଦ୍ୟଯନ୍ତ୍ର ଏବେ ବି ଲୋକ ପର୍ବରେ ବ୍ୟବହାର ହେଉଛି। ଯେହେତୁ ଏହା ପଶ୍ଚିମ ଓଡିଶାର କଳାତ୍ମକତାକୁ ସମୃଦ୍ଧ କରିଆସିଛି ତେଣୁ ଏଥି ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଆଲୋଚନାର ଲକ୍ଷ୍ୟ ।

**ମୂଳଶବ୍ଦ** -ଦଣ୍ଡନାଟ, ବାଁଡ଼ିବୁତଲ, ରାଧାକୃଷ୍ଣ ପ୍ରେମଲୀଳା, ପଶ୍ଚିମ ଓଡ଼ିଶା, ହରିବଂଶ, ଡଣ୍‌ନାଟ୍ ।

ଲୋକସାହିତ୍ୟ ସ୍ଥାନାନୁସାରେ ଭିନ୍ନ ଭିନ୍ନ । ଏହା ପଛରେ ସେଠିକାର ଲୋକଙ୍କ ବିଭିନ୍ନ ଜୀବନଧାରାର ଭୂମିକା ରହିଛି । ଲୋକେ ମନୋରଞ୍ଜନ ଉଦ୍ଦେଶ୍ୟରେ ହେଉ ବା ଜୀବନକୁ ସରଳ ସହଜ କରିବା ପାଇଁ ହେଉ ସେମାନେ ବିବିଧ ନୀତିନିୟମକୁ ଆପଣେଇ ନିଅନ୍ତି। ସେସବୁ ଧୀରେ ଧୀରେ ପରମ୍ପରା, ପ୍ରଥା, ସଂସ୍କୃତି ଇତ୍ୟାଦି ଭାବେ ଜନସ୍ୱୀକୃତି ଲାଭପୂର୍ବକ ସମୟ ସହିତ ତାଳ ଦେଇ ଗତିକରିଚାଲେ। ଓଡ଼ିଶାର ଲୋକଜୀବନରେ ଅନେକ ଗୀତ, ଗାଥା, କଥା, ନାଟକ ସମୟକ୍ରମେ ସୃଷ୍ଟି ହୋଇ ଲୋକସାହିତ୍ୟକୁ ପରିପୁଷ୍ଟ କରିଛି। ସେହି ପର୍ଯ୍ୟାୟରେ 'ଡଣ୍‌ନାଟ୍' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଓଡ଼ିଶାର ଦକ୍ଷିଣ ଭାଗରେ ଅର୍ଥାତ୍ ଗଞ୍ଜାମ ଅଞ୍ଚଳରେ ଶିବ ଶକ୍ତି ଆରାଧନାକୁ ଗୁରୁତ୍ୱ ଦେଇ ଏକ ଦଣ୍ଡନାଟ ଅନୁଷ୍ଠିତ ହୁଏ। ଏହା ଅତ୍ୟନ୍ତ କଷ୍ଟ ଦାୟକ। ଶରୀରକୁ ବିଭିନ୍ନ ପ୍ରକାର ଦଣ୍ଡ ଦେଇ ଭୋକ୍ତା ବା ମାନସିକଧାରୀମାନେ ଶିବ ଓ ଶକ୍ତି ଉପାସନା କରନ୍ତି। ଦଣ୍ଡନାଟରେ ମୁଖ୍ୟ କଥା ହେଲା ଶରୀରକୁ ଦଣ୍ଡଦେବା। ଦିନ ବେଳେ ବିଭିନ୍ନ ଦଣ୍ଡ ନୀତି ଅନୁଷ୍ଠିତ ହୋଇ ରାତିରେ ବିଭିନ୍ନ ନାଟ ହୁଏ। ରାତିରେ ଅନେକ ଚରିତ୍ର ବେଶ ହୋଇ ଅଭିନୟ କରିବାକୁ ବାହାରନ୍ତି। ଶିବ, ପାର୍ବତୀ, ଚଢେୟା, ଚଢେୟାଣୀ, ଶବର, ଶବରୁଣୀ ଇତ୍ୟାଦି। ପୁରାଣରୁ ବିବିଧ କଥାବସ୍ତୁକୁ ଅବଲମ୍ବନ କରି ଏହି ନାଟ ଅନୁଷ୍ଠିତ ହୁଏ। ଏହି ଦଣ୍ଡନାଟ ସମ୍ପର୍କରେ ଅନେକ ଗବେଷଣା ହୋଇ ପୁସ୍ତକଗୁଡ଼ିକ ମଧ୍ୟ ପ୍ରକାଶ ପାଇ ସାରିଛି। ତେବେ ଆମେ ଆଲୋଚନା କରିବାକୁ ସ୍ଥିରକରିଥିବା 'ଡଣ୍‌ନାଟ୍' ଏହାଠାରୁ ଭିନ୍ନ।

ପ୍ରଥମେ ଏହି 'ଡଣ୍‌ନାଟ୍' ଶବ୍ଦକୁ ବୁଝିବା । 'ଦଣ୍ଡ' ଶବ୍ଦକୁ ପଶ୍ଚିମ ଓଡ଼ିଶାରେ 'ଡଣ୍' ବୋଲି ସାଧାରଣତଃ ଉଚ୍ଚାରଣ କରାଯାଏ। ଉଦାହରଣ- "ହେ ଭଗବାନ ମକେ ଏତକି ଡଣ୍ କେଏଁ ଯେ ଦଉଛୁ ?" ଏହାର ଅର୍ଥ ହେଲା- "ହେ ଭଗବାନ ମୋତେ ଏତିକି ଦଣ୍ଡ କାହିଁକି ଦେଉଛୁ ?" । ଲୋକେ 'ଯମଦଣ୍ଡ'କୁ 'ଯମଡଣ୍' ବୋଲି କହନ୍ତି। ତେବେ 'ଦଣ୍ଡନାଟ'ର ପରିବର୍ତ୍ତିତ ରୂପ ବା ପଶ୍ଚିମ ଓଡ଼ିଶାରେ ଲୋକ ମୁଖରେ ଉଚ୍ଚାରିତ ରୂପ ହେଉଛି 'ଡଣ୍‌ନାଟ୍' ଏବଂ ଓଡ଼ିଶାର ପଶ୍ଚିମ ଭାଗରେ 'ଡଣ୍‌ନାଟ୍' ଅଭିନୟ ହେଉଥିବାର ଦେଖାଯାଏ। ମାତ୍ର ଓଡ଼ିଶାର ଦକ୍ଷିଣ ଅଞ୍ଚଳର 'ଦଣ୍ଡନାଟ'ରେ ଯେଉଁସବୁ ନୀତି ଓ ନାଟ ଅନୁଷ୍ଠିତ ହୁଏ ସେସବୁ 'ଡଣ୍‌ନାଟ୍'ରେ ଦେଖାଯାଏ ନାହିଁ। ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ଯେଉଁ 'ଦଣ୍ଡନାଟ' ଅନୁଷ୍ଠିତ ହୁଏ ତାହାକୁ ଲୋକେ 'ଛତରଡଣ୍' ବୋଲି କହନ୍ତି। କାରଣ ଏଥିରେ ଶକ୍ତିଙ୍କ ସ୍ୱରୂପ ଭାବରେ ଛତରକୁ ସାଙ୍ଗରେ ଧରି ନାଚୁଆଦଳ ଚୈତ୍ରମାସରେ ମାନସିକ ଅନୁସାରେ ସାତ, ନଅ, ଏଗାର, ତେର ଦିନ ଧରି ନାଟ ଅଭିନୟ କରନ୍ତି। ଦିନବେଳେ ବହୁ ପ୍ରଚାରିତ ପେନ୍‌ଡଣ୍(ପାଣିଦଣ୍ଡ) ଓ ଧୂଳିଦଣ୍ଡ କରି ସାରିଲା ପରେ ରାତିରେ 'ରାଧାକୃଷ୍ଣ ପ୍ରେମଲୀଳା' ବା 'ରାଧାକୃଷ୍ଣ ପ୍ରଥମଭେଟ' ଅଭିନୟ କରନ୍ତି। ଏଥିରେ ଗଞ୍ଜାମ ଅଞ୍ଚଳରେ ହେଉଥିବା ବିବିଧ ଅଭିନୟ ଦେଖିବାକୁ ମିଳେନାହିଁ। ସାମ୍ପ୍ରତିକ ସମୟରେ ପଶ୍ଚିମ ଓଡ଼ିଶାରେ ହେଉଥିବା 'ଡଣ୍‌ନାଟ୍'ରେ ଶରୀରକୁ ଦଣ୍ଡଦେବା ନୀତି ଅପସରି ଯାଇ କେବଳ ରାତ୍ର ସମୟରେ 'ରାଧାକୃଷ୍ଣ ପ୍ରେମଲୀଳା' ବା 'ରାଧାକୃଷ୍ଣ ପ୍ରଥମଭେଟ' ହିଁ ଅନୁଷ୍ଠିତ ହେଉଛି। ଏହା କେଉଁ ସମୟରେ ଅଲଗା ହେଲା ତାହାର ନିର୍ଦ୍ଦିଷ୍ଟ ସୂଚନା ମିଳେନାହିଁ। ଆଉ ଏହି 'ରାଧାକୃଷ୍ଣ ପ୍ରେମଲୀଳା' ବା 'ରାଧାକୃଷ୍ଣ ପ୍ରଥମଭେଟ' ହିଁ ପଶ୍ଚିମ ଓଡ଼ିଶାରେ 'ଡଣ୍‌ନାଟ୍' ନାମରେ ପରିଚିତ। ଦଣ୍ଡନାଟ ଏକ ନିର୍ଦ୍ଦିଷ୍ଟ ସମୟରେ (ଚୈତ୍ରମାସରେ) ଅନୁଷ୍ଠିତ ହେଉଥିବା ବେଳେ 'ଡଣ୍‌ନାଟ୍' ଯେ କୌଣସି ସମୟରେ ଅର୍ଥାତ୍ ବିଭିନ୍ନ ପର୍ବପର୍ବାଣି ତଥା ସାମାଜିକ କାର୍ଯ୍ୟ ଅବସରରେ ଅନୁଷ୍ଠିତ ହୁଏ।

ଡକ୍ଟର ହେମନ୍ତ କୁମାର ଦାସ ତାଙ୍କର 'ଓଡ଼ିଆ ଲୋକନାଟକ' ପୁସ୍ତକରେ 'ବାଡ଼ିବୁତଲ' ନାମରେ ଏକ ଲୋକନାଟକର ଆଲୋଚନା କରିଛନ୍ତି। ଏହି 'ବାଡ଼ିଁବୁତଲ' ହିଁ 'ଡଣ୍‌ନାଟ୍'। ବୋଧହୁଏ ଡକ୍ଟର ହେମନ୍ତ କୁମାର ଦାସ ସୋନପୁର ଓ ବୌଦ୍ଧ ଅଞ୍ଚଳର 'ରାଧାକୃଷ୍ଣ ପ୍ରେମଲୀଳା'କୁ ଆଧାର କରି ଏହି ଲୋକନାଟକର ନାଁ 'ବାଡ଼ିଁବୁତଲ' ବୋଲି ଉଲ୍ଲେଖ କରିଛନ୍ତି(ଦାସ, ପୃଷ୍ଠା-୧୮୩-୧୮୪)। କାରଣ ଓଡ଼ିଶାର ସୋନପୁର ଓ ବୌଦ୍ଧ ଅଞ୍ଚଳରେ 'ଡଣ୍‌ନାଟ୍'କୁ ଲୋକେ 'ବାଡ଼ିଁବୁତଲ' ବୋଲି କହନ୍ତି। ମାତ୍ର ସମଗ୍ର ପଶ୍ଚିମ ଓଡ଼ିଶାରେ ଏହି 'ରାଧାକୃଷ୍ଣ ପ୍ରେମଲୀଳା'କୁ 'ବାଡ଼ିଁବୁତଲ' ବୋଲି କୁହାଯାଏ ନାହିଁ। ସାଧାରଣତଃ ଏହା

'ଡଣ୍‌ନାଟ୍' ନାମରେ ହିଁ ପରିଚିତ। ଡକ୍ଟର ହେମନ୍ତ କୁମାର ଦାସ 'ବାଡ଼ିଁବୁତଲ' ନାମକରଣ ପଛରେ ଏହି ନାଟକର ଏକ ଚରିତ୍ର ଯାହାର ଶାସ୍ତ୍ରୀୟ ନାମ 'ତିଳୋତ୍ତମା'(ଅଚ୍ୟୁତାନନ୍ଦ ଦାସ, ହରିବଂଶ, ତୃତୀୟ ଖଣ୍ଡ), ତାହାକୁ ମୁଖ୍ୟଚରିତ୍ର ଭାବରେ ଗ୍ରହଣ କରିଛନ୍ତି। କିନ୍ତୁ 'ବାଡ଼ିଁବୁତଲ' ବା 'ତିଳୋତ୍ତମା' ଏହି ନାଟକର ମୁଖ୍ୟ ଚରିତ୍ର ନୁହେଁ। ଏହା ଏକ ରାଧାକୃଷ୍ଣ ପ୍ରେମଲୀଳା ହୋଇଥିବାରୁ ଏଥିର ମୁଖ୍ୟ ଚରିତ୍ର ହେଉଛନ୍ତି ରାଧା ଓ କୃଷ୍ଣ।

'ବାଡ଼ିଁବୁତଲ' ଏକ ଶାସ୍ତ୍ରୀୟ ନାମ ନୁହେଁ। 'ବାଡ଼ିଁବୁତଲ' ଶବ୍ଦ 'ବାଡ଼ିଁ' ଓ 'ବୁତଲ' ଦୁଇଟି ଶବ୍ଦର ମିଶ୍ରଣରେ ତିଆରି। 'ବାଡ଼ିଁ' (ଅଞ୍ଚଳ ଭେଦରେ 'ବାଣୀ')ର ଅର୍ଥ ହେଉଛି ଅପୂର୍ଣ୍ଣ, ଛୋଟ ବା ଆବଶ୍ୟକଠାରୁ କମ୍। 'Bottle' ଶବ୍ଦରୁ 'ବୋତଲ' ତାପରେ 'ବୁତଲ' ହୋଇଛି। ଯିଏ ସାମାଜିକ ନୀତି ଅନୁସାରେ ଅପୂର୍ଣ୍ଣ, ଲୋକେ ତାହାକୁ 'ବାଡ଼ିଁବୁତଲ' କହନ୍ତି। ଏହାଙ୍କ ନାମ ପୁଣି 'କୁଟିଳା' । ସେ ହେଉଛି ଚନ୍ଦ୍ରସେଣାଙ୍କ ଭଉଣୀ ଓ ରାଧାଙ୍କ ନଣନ୍ଦ, ଯିଏ ଉଦଣ୍ଡି। ତା'ର ମତିଗତି ଠିକ ନାହିଁ। ସାମାଜିକ ନୀତିକୁ ସେ ଅନୁସରଣ କରେନାହିଁ। ଏଣୁ ତାକୁ 'ବାଡ଼ିଁ', 'ବାଡ଼ିଁବୁତଲ', 'ବାଡ଼ିଁନନୀ' ବୋଲି କହନ୍ତି। ତା' ସହିତ କୁଟିଳାର ବ୍ୟବହାରକୁ ଦେଖି ଲୋକେ 'ବେଏରୀ, 'ବାଏରୀ', 'ଠେଟେଡ୍', 'ଠେଠେଲ୍' ଇତ୍ୟାଦି ନାମରେ ଡାକନ୍ତି। ମାତ୍ର ଏହି ଲୋକନାଟକ 'ଡଣ୍‌ନାଟ୍' ନାମରେ ପରିଚିତ। ବର୍ତ୍ତମାନ ଏହି 'ରାଧାକୃଷ୍ଣ ପ୍ରେମଲୀଳା' ବା 'ଡଣ୍‌ନାଟ୍' ବା 'ରାଧାକୃଷ୍ଣ ପ୍ରଥମଭେଟ' ବିଷୟରେ ଆଲୋଚନା କରିବା।

ଶ୍ରୀକୃଷ୍ଣ ଓ ବିବାହିତା ରାଧାଙ୍କ ମଧ୍ୟରେ ପ୍ରେମ ମିଳନ ହେଉଛି 'ଡଣ୍‌ନାଟ୍'ର ମୁଖ୍ୟ ବିଷୟ। ଶ୍ରୀକୃଷ୍ଣ ଦିନେ ରାଧାଙ୍କୁ ଯମୁନାକୂଳରେ ଦେଖିଛନ୍ତି। ତାଙ୍କର ରୂପ ଲାବଣ୍ୟରେ ମୁଗ୍ଧହୋଇ ତାଙ୍କ ସହିତ ମିଳନ ହେବାପାଇଁ ଇଚ୍ଛାପ୍ରକାଶ କରିଛନ୍ତି। ଅନ୍ୟତ୍ର ଦେଖିବାକୁ ମିଳେ ଯେ, ଶ୍ରୀକୃଷ୍ଣ ସ୍ୱପ୍ନରେ ରାଧାଙ୍କୁ ଦେଖି ତାଙ୍କ ସହିତ ମିଳନର ଆଶା କରିଛନ୍ତି। ଶରୀରରେ କାମ ପ୍ରାବଲ୍ୟ ଦେଖାଦେଇଛି। ରାଧା କିନ୍ତୁ ବିବାହିତା। ସେ କୁଳବଧୂ। ତାଙ୍କ ନିକଟରେ ତାଙ୍କର ଶାଶୂ ଜଟିଳା ଓ ନଣନ୍ଦ କୁଟିଳା ଅଛନ୍ତି। ଏଣୁ ରାଧାଙ୍କ ସହିତ ମିଳନ ହେବା ସହଜ ନୁହେଁ। ଶ୍ରୀକୃଷ୍ଣ ଏକ ଉପାୟ ପାଞ୍ଚିଛନ୍ତି। ପୁରାଣ ବର୍ଣ୍ଣିତ ଏକ ଚରିତ୍ର 'ଦୂତୀ'ଙ୍କୁ ଡାକି ମନକଥା ଜଣେଇ ରାଧାଙ୍କ ସହିତ ଭେଟ କରେଇବାକୁ ନିବେଦନ କରିଛନ୍ତି। ଦୂତୀ ପ୍ରଥମେ ସାମାଜିକ ନିୟମ ଅନୁସାରେ ଏହା ଠିକ୍ ନୁହେଁ ବୋଲି ଶ୍ରୀକୃଷ୍ଣଙ୍କୁ ବୁଝେଇଛନ୍ତି। ମାତ୍ର ଶ୍ରୀକୃଷ୍ଣ ଅବୁଝା ହେବାରୁ ଦୂତୀ ବାଧ୍ୟବାଧକତାରେ ରାଧାଙ୍କ ଗୃହକୁ ଯାଇଛନ୍ତି। ସେଠାରେ ରାଧାଙ୍କୁ ଏକାକୀ ଦେଖି ଆସିବାର ଅଭିପ୍ରାୟ ଜଣେଇଛନ୍ତି। କାରଣ ରାଧା ସହିତ ତାଙ୍କର ନଣନ୍ଦ ସବୁବେଳେ ପାଖରେ ପାଖରେ ଥାଏ। ରାଧା ଓ ଦୂତୀ ମଧ୍ୟରେ ସମ୍ପର୍କ ହେଉଛି ମକର ବା ସଙ୍ଗାତ। ରାଧା ଅମଙ୍ଗ ହେବାରୁ ଦୂତୀ ଅନେକ ପ୍ରକାରେ ଚାଟୁବାଣୀ ପ୍ରୟୋଗ କରି ଶ୍ରୀକୃଷ୍ଣଙ୍କ ନିକଟକୁ ରାଧାଙ୍କୁ ନେବାକୁ ଚେଷ୍ଟା କରିଛନ୍ତି। ମାତ୍ର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଲା। ଶେଷରେ ରାଧା ଓ କୁଟିଳା କୁଳବତୀ ନାରୀର ମର୍ଯ୍ୟାଦା ବିଷୟରେ ଜଣେଇ ଦୂତୀକୁ ଗାଳି ଓ ମାଡ଼ ଦେଇ ବାହାର କରିଦେଇଛନ୍ତି। ଦୂତୀ ଫେରି ଆସି ଶ୍ରୀକୃଷ୍ଣଙ୍କୁ ଜଣେଇଛନ୍ତି। ତା'ପରେ ଶ୍ରୀକୃଷ୍ଣ ସ୍ୱୟଂ ରାତ୍ର କାଳରେ ରାଧାଙ୍କ ଘରକୁ ଯାଇଛନ୍ତି। ମାୟାବଳରେ ସମଗ୍ର ଗୋପପୁର ନିଦ୍ରିତ। ରାଧା ଓ କୁଟିଳା ମଧ୍ୟ ନିଦ୍ରିତ । ରାଧାଙ୍କ ସ୍ୱାମୀ ଚନ୍ଦ୍ରସେଣା ଘରେ ନାହାନ୍ତି। ସେ ଗୋ ଗୋଷ୍ଠରେ ରହିଛନ୍ତି। ଶ୍ରୀକୃଷ୍ଣ ରାଧାଙ୍କୁ ଡାକିଛନ୍ତି। ରାଧାଙ୍କ ନିଦ ଭାଙ୍ଗିଯାଇଛି। ଶ୍ରୀକୃଷ୍ଣ ନିଜକୁ ନନ୍ଦ ଯଶୋଦାଙ୍କ ପୁତ୍ର ବୋଲି ପରିଚୟ ଦେଇଛନ୍ତି। ରାଧା ଅବିଶ୍ୱାସ କରି ଶ୍ରୀକୃଷ୍ଣଙ୍କୁ ଚୋର, ତସ୍କର ବୋଲି ଗାଳି ଦେଲେ। କାରଣ ଶ୍ରୀକୃଷ୍ଣ ବାଳୁତ ପିଲା। ସେ ରତିରସ କଥା କିପରି ଜାଣିବେ ? ପରେ ଶ୍ରୀକୃଷ୍ଣ ଗୋଲୋକ ଧାମର ନିତ୍ୟରାସ କଥା ମନେ ପକେଇଛନ୍ତି। ମାତ୍ର ରାଧା ବିଶ୍ୱାସ କଲେନାହିଁ। ଶ୍ରୀକୃଷ୍ଣ ନିରାଶ ହୋଇ ଫେରି ଆସିଛନ୍ତି ଓ ବ୍ରହ୍ମାଙ୍କୁ ସ୍ମରଣ କରି ରାଧା ସହିତ ମିଳନ ହୋଇନପାରିବା ବିଷୟ ଜଣେଇଛନ୍ତି। ତାଙ୍କର ରଙ୍ଗାବତାରର କାର୍ଯ୍ୟ ପୂର୍ଣ୍ଣ ନହେବାରୁ ସେ ବୈକୁଣ୍ଠ ଫେରିଯିବେ ଏବଂ ବ୍ରହ୍ମା ନିଜ ସୃଷ୍ଟି ସମ୍ଭାଳନ୍ତୁ ବୋଲି ଶ୍ରୀକୃଷ୍ଣ ଜଣେଇଲେ। ପରେ ବ୍ରହ୍ମାଙ୍କ ନିର୍ଦ୍ଦେଶକ୍ରମେ ବରୁଣ ମୋହନ ବଂଶୀ ଆଣିଦେଇଛନ୍ତି। ଏହି ବଂଶୀ ମାଧ୍ୟମରେ ରାଧା ରାଧା ବୋଲି ଶ୍ରୀକୃଷ୍ଣ ଡାକିଛନ୍ତି। ରାଧା ଏହି ଧ୍ୱନି ଶୁଣି ଶ୍ରୀକୃଷ୍ଣ ସହିତ ମିଳନ ହେବାକୁ ଅଧୀରା ହେଲେ। ଦୂତୀକୁ ଡାକି ରାଧା ଶ୍ରୀକୃଷ୍ଣଙ୍କୁ ଭେଟ କରେଇବା ପାଇଁ ବିନତି ବାଢିଛନ୍ତି। ଦୂତୀ ଶ୍ରୀକୃଷ୍ଣଙ୍କୁ ଆଣି ରାଧା ସହିତ ଭେଟ କରେଇଲେ।

ରାତିରେ ରାଧା ସହିତ ଭେଟ ହେବାପରେ ଶ୍ରୀକୃଷ୍ଣ ରାଧା ସହିତ ପଲଙ୍କରେ ଶୋଇପଡ଼ିଲେ। ଗୋଟିଏ ପଲଙ୍କରେ ଦୁଇ ପଟରେ ରାଧା ଓ କୁଟିଳା ଏବଂ ମଝିରେ ଶ୍ରୀକୃଷ୍ଣ। ସକାଳ ହେବା ବେଳକୁ ଚନ୍ଦ୍ରସେଣା ଆସି ଝରକା ବାଟେ ଏ ଦୃଶ୍ୟ ଦେଖି ରାଗି ଯାଇଛି। ପରେ ଶ୍ରୀକୃଷ୍ଣ ଏହା ଜାଣି ନିଜେ ବାଳୁତ ରୂପ ଧାରଣ କରିଛନ୍ତି। ଚନ୍ଦ୍ରସେଣାର ଭ୍ରମ ଦୂର ହୋଇଛି। ମୋଟାମୋଟି ଭାବରେ ଏଇୟା ହେଉଛି 'ଡଣ୍‌ନାଟ୍' ବା 'ରାଧାକୃଷ୍ଣ ପ୍ରଥମଭେଟ'ର ବିଷୟବସ୍ତୁ।

ଏହି ବିଷୟବସ୍ତୁର ମୁଖ୍ୟ ଉତ୍ସ ହେଉଛି ପଞ୍ଚସଖା ଯୁଗର ପ୍ରସିଦ୍ଧ କବି ଅଚ୍ୟୁତାନନ୍ଦ ଦାସଙ୍କ ବହୁ ପ୍ରସିଦ୍ଧ 'ହରିବଂଶ' ପୁରାଣ। ଏହି ପୁରାଣର ତୃତୀୟ ଖଣ୍ଡର ପ୍ରଥମ ପାଞ୍ଚଟି ଅଧ୍ୟାୟରେ ଉପରୋକ୍ତ ପ୍ରସଙ୍ଗ ମୋଟାମୋଟି ଭାବେ ବର୍ଣ୍ଣିତ। 'ଡଣ୍‌ନାଟ୍' ଅଭିନୟ କରୁଥିବା ବିଭିନ୍ନ ଦଳ ଏହି କାହାଣୀରେ ଅଳ୍ପ କିଛି ପରିବର୍ତ୍ତନ କରି ବା ବିଷୟବସ୍ତୁର କ୍ରମାନ୍ୱୟରେ ପରିବର୍ତ୍ତନ କରି ଅଭିନୟ କରୁଥିବା ଦେଖିବାକୁ ମିଳେ। ହରିବଂଶ ତୃତୀୟ ଖଣ୍ଡ ଅନୁସାରେ ଶ୍ରୀକୃଷ୍ଣ ଦୋଳିରେ ଶୋଇଥିବା ବେଳେ ଗୋପପୁରର ଦୂତୀ ଦେଖିବାକୁ ଆସିଛି। ଏହି ଦୂତୀ ବୟସରେ ବୃଦ୍ଧା ଓ ପାକୁଆ ପାଟି ତଥା ବିଚିତ୍ର ବେଶ ପରିହିତା ଓ ସମସ୍ତଙ୍କ ପ୍ରିୟ। ସେ ଶ୍ରୀକୃଷ୍ଣଙ୍କୁ ଦୋଳିରେ ଦେଖି ନିତ୍ୟରାସ କଥା ମନେ ପକେଇଦେଇଛି। ଚନ୍ଦ୍ରବଳୀ ରାଧିକା ସହିତ ମିଳନ ହେବାର ସୂଚନା ଦେଇଛି। ଏହା ଶୁଣି ଶ୍ରୀକୃଷ୍ଣ ମନରେ କାମ ଭାବନା ଜାଗ୍ରତ ହେଲା ଓ ସେ ନିଜେ ରାଧା ଗୃହକୁ ଯାଇଛନ୍ତି। ତା' ପରବର୍ତ୍ତୀ କାହାଣୀ ଉପରେ ବର୍ଣ୍ଣିତ।

କିଛି 'ଡଣ୍‌ନାଟ୍'ରେ ଅଭିନୀତ ଶ୍ରୀକୃଷ୍ଣ ଯମୁନା କୂଳରେ ରାଧାଙ୍କୁ ଦେଖି ଅଧୀର ତ କିଛି 'ଡଣ୍‌ନାଟ୍'ରେ ସ୍ୱପ୍ନରେ ରାଧାଙ୍କୁ ଦେଖି ଅଧୀର ହେବା ଓ ପ୍ରଥମେ ଶ୍ରୀକୃଷ୍ଣ ଦୂତୀକୁ ରାଧା ନିକଟକୁ ପଠେଇବା ପ୍ରସଙ୍ଗ ହରିବଂଶ ପୁରାଣରେ ନାହିଁ। ଏହା ଲୋକ କଳାକାରମାନଙ୍କ କଳ୍ପନା ସମ୍ଭୂତ ମାତ୍ର। ସେ ଯାହାହେଉ, ଶ୍ରୀକୃଷ୍ଣ ରାଧାଙ୍କ ସହିତ ମିଳନ ହେବାର ଇଚ୍ଛା ପୋଷଣ କରିବା, ରାଧାଙ୍କଠାରୁ ଭର୍ତ୍ସନା ପାଇବା, ମୋହନ ବଂଶୀଦ୍ୱାରା ରାଧାଙ୍କୁ ଉତ୍ତେଜିତ କରିବା ଓ ଶେଷରେ ଦୂତୀ ମାଧ୍ୟମରେ ରାଧାଙ୍କ ସହିତ ମିଳନ ହେବା 'ଡଣ୍‌ନାଟ୍'ର ମୁଖ୍ୟ ବିଷୟ।

'ଡଣ୍‌ନାଟ୍'ରେ ପୁରାଣ ଆଧାରିତ ଚରିତ୍ରଗୁଡ଼ିକ ହେଉଛନ୍ତି- ଶ୍ରୀକୃଷ୍ଣ, ଶ୍ରୀରାଧା, ଦୂତୀ, କୁଟିଳା(ତିଳୋତ୍ତମା), ଚନ୍ଦ୍ରସେଣା, ବେଦବର ବ୍ରହ୍ମା ଓ ବରୁଣ। ଏହା ବ୍ୟତୀତ 'ଡଣ୍‌ନାଟ୍'ର ଅନ୍ୟ ଏକ ମୁଖ୍ୟ ଚରିତ୍ର ହେଉଛି 'ଢୁଲିଆ'। ଢୋଲ ବଜାଉଥିବାରୁ ଏହାଙ୍କୁ 'ଢୁଲିଆ' କୁହାଯାଏ। ଏହି 'ଢୁଲିଆ' ସମଗ୍ର 'ଡଣ୍‌ନାଟ୍'ରେ ସମସ୍ତ ଚରିତ୍ର ସହିତ ସମନ୍ୱୟ ରକ୍ଷାକରେ। 'ଡଣ୍‌ନାଟ୍'ର ସମସ୍ତ ନାରୀ ଚରିତ୍ର ଢୁଲିଆକୁ ମାମୁ ବୋଲି ସମ୍ବୋଧନ କରନ୍ତି। 'ଡଣ୍‌ନାଟ୍'ର ଶ୍ରୀକୃଷ୍ଣ ଓ ଶ୍ରୀରାଧା ଉଭୟେ କାମଦ୍ୱାରା ଜର୍ଜ୍ଜରିତ।

ଦୂତୀ ଉଭୟଙ୍କୁ ସାହାଯ୍ୟ କରୁଥିବା ଚରିତ୍ର। କୁଟିଲା ବେଳେବେଳେ ରାଧାଙ୍କୁ ବିରୋଧ କରେ ଓ ବେଳେବେଳେ ରାଧା ସହିତ କୃଷ୍ଣଙ୍କ ମିଳନରେ ସାହାଯ୍ୟ କରେ। ମାତ୍ର ହରିବଂଶରେ ରାଧାଙ୍କ ନଣନ୍ଦ ନିଦ୍ରିତ ଅବସ୍ଥାରେ ଥାଏ। ସେ ରାଧା ଓ କୃଷ୍ଣଙ୍କ ମିଳନ କଥା କିଛି ଜାଣେ ନାହିଁ। ଚନ୍ଦ୍ରସେଣା ଏକ ନପୁଂସକ ଚରିତ୍ର, ଯିଏ ଅଧିକାଂଶ ସମୟ ଗୋ ଗୋଷ୍ଠରେ ରହେ। କେବଳ ଖାଇବାବେଳେ ଘରକୁ ଆସେ। ବେଦବରଙ୍କ କାର୍ଯ୍ୟ କେବଳ ଶ୍ରୀକୃଷ୍ଣଙ୍କୁ ବଂଶୀ ସମ୍ପର୍କରେ ସୂଚନା ଦେବା ଓ ବରୁଣ ବଂଶୀ ଆଣିଦେବା।

ନାଟକରେ ଯେତେ ଅଭିନେତା ଅଭିନୟ ପାଇଁ ମଞ୍ଚକୁ ଆସନ୍ତି ସେମାନେ ପ୍ରଥମେ ଇଷ୍ଟ ସ୍ତୁତି କରି ନିଜ ନିଜର ପରିଚୟ ଦିଅନ୍ତି। ଏହି ନାଟ ଆରମ୍ଭରେ ପ୍ରଥମେ ଢୁଲିଆ ମଞ୍ଚକୁ ଆସି ଦେବଦେବୀଙ୍କ ଉଦ୍ଦେଶ୍ୟରେ ବିବିଧ ବାଦ୍ୟ ବଜେଇଲା ପରେ ରାଧାଙ୍କ ନଣନ୍ଦ ଆସିବ। ସେ ତା'ର ପରିଚୟ ଦେଇ ରାଧାଙ୍କୁ ଖୋଜିବ। ତା' ପରେ ରାଧା ମଞ୍ଚକୁ ଆସିବେ। ସେମାନେ ଗଲାପରେ ଶ୍ରୀକୃଷ୍ଣ ଆସିବେ ଓ ଦୂତୀଙ୍କୁ ଡାକି ମନକଥା କହି ରାଧା ନିକଟକୁ ପଠେଇବେ। ରାଧାଙ୍କଠାରୁ ନାସ୍ତିବାଣୀ ଶୁଣି ଦୂତୀ କୃଷ୍ଣଙ୍କୁ କହିଲା ପରେ ଶ୍ରୀକୃଷ୍ଣ ପୁଣି ମଞ୍ଚକୁ ଆସି ରାଧା ନିକଟକୁ ନିଜେ ଯିବେ। ରାଧାଙ୍କୁ ଭର୍ତ୍ସନା କରିବାରୁ ସେ ବ୍ରହ୍ମାଙ୍କୁ ଡାକିବେ। ତାଙ୍କ ନିର୍ଦ୍ଦେଶରେ ବରୁଣ ଶ୍ରୀକୃଷ୍ଣଙ୍କୁ ବଂଶୀ ଦେବେ। ପରେ ରାଧା ବଂଶୀ ସ୍ୱନଶୁଣି ଅଧୀର ହୋଇ ଦୂତୀ ମାଧ୍ୟମରେ ମିଳନ ହେବେ। ଶେଷରେ ଚନ୍ଦ୍ରସେଣା ବାହାରିବେ। କିଛି ନାଟକରେ ଏଥିରେ ବ୍ୟତିକ୍ରମ ଦେଖାଯାଏ। କୁଟିଲା ଓ ରାଧା ଆସିଲା ପରେ ଚନ୍ଦ୍ରସେଣା ଆସି ଖାଦ୍ୟ ଖାଇ ସାଙ୍ଗରେ ଶିକା ବାହୁଙ୍ଗା ନେଇ ଚାଲିଯାଏ। ତାପରେ ଶ୍ରୀକୃଷ୍ଣ ଆସନ୍ତି। ଶେଷରେ ଦୂତୀ ମାଧ୍ୟମରେ ମିଳନ ହୁଏ ଓ ନାଟକ ସରିଯାଏ।

ଏହି 'ଡଣ୍ନାଟ୍' କେବେଠାରୁ ଆରମ୍ଭ ହେଲା ତାହାର ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ ହୋଇପାରିନାହିଁ। ଲୋକ ସାହିତ୍ୟର ଅନେକ ବୈଶିଷ୍ଟ୍ୟ ମଧ୍ୟରୁ ଗୋଟିଏ ହେଉଛି ଏହାର ସ୍ରଷ୍ଟାଙ୍କ ନାମ ଅଜ୍ଞାତ। ସମ୍ପୂର୍ଣ୍ଣ 'ଡଣ୍ନାଟ୍'ର ସ୍ରଷ୍ଟା ମଧ୍ୟ ଅଜ୍ଞାତ। ମାତ୍ର ଏହାର ଗୀତଗୁଡ଼ିକରେ ଲେଖକମାନଙ୍କ ନାମ ଭଣତି ହୋଇଥାଏ। ସାମ୍ପ୍ରତିକ ସମୟରେ ଅନେକ ଗୀତ ବୋଲାଯାଉଛି ଯାହାର ଭଣତିରେ ନାମ ଥିଲେ ମଧ୍ୟ ସେହି ସ୍ରଷ୍ଟାଙ୍କ ପରିଚୟ ବା ଠିକଣା ମିଳୁନାହିଁ। ମାତ୍ର କିଛି ଗୀତ ବୋଲାଯାଉଛି ଯାହାର ଲେଖକ ଜୀବିତ ଓ ପରିଚିତ ମଧ୍ୟ। ଏହି 'ଡଣ୍ନାଟ୍' ଅଭିନୟରେ ରୁଚି ରଖୁଥିବା କଳାକାରମାନେ ଗୁରୁ ପରମ୍ପରା ମାଧ୍ୟମରେ ତାଲିମ ନେଇ ଅଭିନୟ କରନ୍ତି। ଏହାର ସଂଳାପ ନାଟୁଆ ଦଳ ଅନୁସାରେ କିଛି ପରିମାଣରେ ଭିନ୍ନ ଭିନ୍ନ ହୋଇଥିବାର ଦେଖାଯାଏ।

'ଡଣ୍ନାଟ୍'ର ମୁଖ୍ୟ ବାଦ୍ୟ ହେଉଛି ଢୋଲ। ଏହା କାଷ୍ଠରେ ଓ ଚମଡ଼ା ଢାଙ୍କୁଣୀରେ ତିଆରି ଏକ ବାଦ୍ୟ ଯନ୍ତ୍ର। ଗୋଟିଏ ପଟେ ଏକ ବାଡ଼ିରେ ଓ ଅନ୍ୟପଟେ ହାତରେ ଆଘାତ କରି ବଜାଯାଏ। ପୂର୍ବକାଳରେ ଢୋଲ ସହିତ ଏକ ସ୍ୱତନ୍ତ୍ର ପ୍ରକାର ମୃଦଙ୍ଗ, ବଂଶୀ, ମୁହୁରି, ନିଶାଣ ଏବଂ ଥାଳି ବା ପରାତକୁ ଓଲଟାଇ ଗିନି ମାଧ୍ୟମରେ ବଜାଉଥିଲେ। ସାମ୍ପ୍ରତିକ ସମୟରେ ଏଥିରେ ଆଧୁନିକ ବାଦ୍ୟଯନ୍ତ୍ର କେସିଓ, ପ୍ୟାଡ ଭଳି ବାଦ୍ୟଯନ୍ତ୍ରର ବ୍ୟବହାର ଦେଖିବାକୁ ମିଳୁଛି। ଏଥିରେ ଅଭିନୟ କରୁଥିବା ଚରିତ୍ରମାନେ ପୌରାଣିକ ବେଶରେ ସଜ୍ଜିତ ହୁଅନ୍ତି। ଶ୍ରୀକୃଷ୍ଣ ପୀତବସ୍ତ୍ର ପରିଧାନ ସହିତ ହାତରେ ବଂଶୀ ଓ ମୁଣ୍ଡରେ ବାଙ୍କ ଚୂଳ ମୁକୁଟ ଓ ମୟୂର ଚନ୍ଦ୍ରିକା ଧାରଣ କରିଥାନ୍ତି। ପୂର୍ବରୁ ଏହି ନାଟରେ ସମସ୍ତ ଚରିତ୍ର ଭୂମିକାରେ ପୁରୁଷମାନେ ଅଭିନୟ କରୁଥିଲେ। ସାମ୍ପ୍ରତିକ ସମୟରେ ମଧ୍ୟ ଅଭିନୟ କରୁଛନ୍ତି। ମାତ୍ର କିଛି ଦଳରେ ନାରୀ ଚରିତ୍ର ସ୍ଥାନରେ ନାରୀମାନେ ଅଭିନୟ କରୁଥିବାର ଦେଖାଯାଏ। ଯେଉଁ ନାଟରେ ନାରୀ ଭୂମିକାରେ ନାରୀମାନେ ଅଭିନୟ କରନ୍ତି ସେହି 'ଡଣ୍ନାଟ୍'କୁ 'ଟୁକିଲ ଡଣ୍ନାଟ୍' ବା 'ମହିଳା ଡଣ୍ନାଟ୍' ବୋଲି କୁହାଯାଏ।

ରସ ବିହୀନ ସାହିତ୍ୟ ଅଲୋଡ଼ା ହୋଇପଡ଼େ। 'ଡଣ୍ନାଟ୍'ର ମୁଖ୍ୟ ରସ ହେଉଛି ଶୃଙ୍ଗାର। ତେବେ ଏ ଶୃଙ୍ଗାର ବା ପ୍ରେମ ପରକୀୟା ଅଟେ। କାରଣ ରାଧା ଚନ୍ଦ୍ରସେଣାର ବିବାହିତା ପତ୍ନୀ। ହରିବଂଶ ପୁରାଣ ତୃତୀୟ ଖଣ୍ଡ ଅନୁସାରେ ଚନ୍ଦ୍ରସେଣା ଓ ଯଶୋଦା ଭାଇ ଭଉଣୀ। ଏଣୁ ରାଧା ମାନ୍ୟରେ ଶ୍ରୀକୃଷ୍ଣଙ୍କ ମାଇଁ। ତେବେ ସମାଜ ଦୃଷ୍ଟିରେ ମାଇଁ ଓ ଭଣଜା ଅର୍ଥାତ ରାଧା ଓ କୃଷ୍ଣଙ୍କ ମଧ୍ୟରେ ଥିବା ଏହି ପ୍ରେମ ପରକୀୟା। ମାତ୍ର ବ୍ରହ୍ମବୈବର୍ତ୍ତ ପୁରାଣର ପଞ୍ଚଦଶ ଅଧ୍ୟାୟ ଅନୁସାରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କୁ ବ୍ରହ୍ମା ଭାଣ୍ଡୀର ବଣରେ ବିବାହ କରେଇଥିଲେ। ଏଣୁ ରାଧା ଓ କୃଷ୍ଣ ହେଉଛନ୍ତି ପତିପତ୍ନୀ। ବୈଷ୍ଣବ ଶାସ୍ତ୍ର ଅନୁସାରେ ରାଧା ହେଉଛନ୍ତି ଶ୍ରୀକୃଷ୍ଣଙ୍କ ହ୍ଲାଦିନୀ ଶକ୍ତି। ମାତ୍ର ଏହି ପତିପତ୍ନୀ ସମ୍ପର୍କ ବା ରାଧା ଯେ ହ୍ଲାଦିନୀ ଶକ୍ତି ତାହା ଲୋକମୁଖରେ ଲୁଚିଯାଇ ମାଇଁ ଭଣଜା ମଧ୍ୟରେ ପ୍ରେମର ବର୍ଣ୍ଣନା ବହୁ ମାତ୍ରାରେ ପ୍ରଚଳିତ। ଏଣୁ 'ଡଣ୍ନାଟ୍'ରେ ଶୃଙ୍ଗାର ରସ ହିଁ ଅଙ୍ଗୀରସ ଭାବେ ସ୍ୱୀକୃତ। ହରିବଂଶ ପୁରାଣର ତୃତୀୟ ଖଣ୍ଡ ଚତୁର୍ଥ ଅଧ୍ୟାୟରେ ରାଧା ଓ କୃଷ୍ଣଙ୍କ ରତି ବର୍ଣ୍ଣନା ରହିଛି। ଏହାର ପ୍ରଭାବରେ 'ଡଣ୍ନାଟ୍'ରେ ମଧ୍ୟ ଶ୍ରୀକୃଷ୍ଣ ଦୂତୀ ହାତରେ ଯେଉଁ ପତ୍ର ଲେଖି ପଠାନ୍ତି ସେଥିରେ ମଧ୍ୟ ରତିଭିକ୍ଷା ରହିଛି। ଉଦାହରଣ ସ୍ୱରୂପ-

"ଗେଲେଗେଲେ ଲେଖିଦେଲି ନ ଧରିବ ଦୋଷ,
ଇନ୍ଦୁମୁଖୀ ବାରେ ମୋତେ ନକର ନିରାଶ ।।
ବାରିଜ ବଦନକୁ ବଳାଇଛି ଆଶ,
କୁମୁଦ ବନରେ ଯେହ୍ନେ ଚନ୍ଦ୍ରଙ୍କର ହାସ ।।
ଦିନ ସରୁନାହିଁ ଧନ ତୋ ରୂପକୁ ଗୁଣି,
ଅଦ୍ୟ ଛ' ଅକ୍ଷରକୁ ମୋହର ମାଗୁଣି" ।।

ଏହି ଗୀତ ଶ୍ରୀ ଲିଙ୍ଗରାଜ ବାଗ, ପିତା-ମୂରଲୀ ବାଗ, ବୟସ-୪୫, ଠିକଣା- ଗ୍ରାମ: ପତ୍ରାପାଲି, ଡାକ-ହଳଦି, ଥାନା: ମୁରିବାହାଲ, ଜିଲ୍ଲା: ବଲାଙ୍ଗିରଙ୍କମୁଖରୁ ସଂଗୃହୀତ ('ଡଣ୍ନାଟ୍'ରେ କୃଷ୍ଣ ଭୂମିକାର ଅଭିନେତା)। ଏହି ଗୀତର ଲେଖକ ବ୍ୟାସଦେବ ସାହୁ ବୋଲି କହନ୍ତି। ଏହି କବିଙ୍କ ଠିକଣା ଅଜ୍ଞାତ। ଦୂତୀ ରାଧାଙ୍କୁ କୃଷ୍ଣଙ୍କ ନିକଟକୁ ଆଣି ନ ପାରିବାରୁ ଶ୍ରୀକୃଷ୍ଣ ଯାଇଛନ୍ତି। ସେଠାରେ ରାଧାଙ୍କୁ ବୁଝେଇଛନ୍ତି ମାତ୍ର ରାଧା ଅମଙ୍ଗ ହୋଇ ମୌନ ରହିବାରୁ କାମ ଯନ୍ତ୍ରଣା ଜନିତ କ୍ରୋଧ ଜର୍ଜରିତ ହୋଇ କବାଟକୁ ଲାତ ମାରିବାଦ୍ୱାରା କବାଟ ଖୋଲି ଯିବାରୁ ରାଧା ପାଖକୁ ଯାଇଛନ୍ତି। ଶ୍ରୀକୃଷ୍ଣ 'ଡଣ୍ନାଟ୍'ରେ କହନ୍ତି-

"ମଦନ ଆରତେ ନନ୍ଦ ନନ୍ଦନ,
ରାଗେ କବାଟକୁ ମାଇଲେ ଲାତେ,
ଫିଟିଲା ଖଞ୍ଜା ଅର୍ଗଳି ସହିତେ ଯେ ଶ୍ୟାମ ଭିତରକୁ ଗଲେ ।
ଉଠ ରାଇ ବୋଲି ବେନି ଭୁଜ ଧରି ପଲଙ୍କ ପରେ ବସିଲେ" ।

ପୂର୍ବରୁ ଶୃଙ୍ଗାର ବର୍ଣ୍ଣନା ସର୍ବଜନ ବୋଧ ଭାଷାରେ ନହୋଇ ଅନେକ କଠିନ ଶବ୍ଦ ଓ ପ୍ରହେଳିକା ମାଧ୍ୟମରେ ହେଉଥିଲା। ସାମ୍ପ୍ରତିକ ସମୟରେ 'ଡଣ୍ନାଟ୍'ରେ ଏପରି ଅଶ୍ଳୀଳ ଇଙ୍ଗିତ ମାଧ୍ୟମରେ ଶୃଙ୍ଗାର ବର୍ଣ୍ଣନା କରାଯାଉଛି ଯେ ବେଳେବେଳେ ତାହା ଅତି ଉତ୍କଟ ହୋଇପଡୁଛି। ରାଧା ଓ କୃଷ୍ଣ ଉଭୟେ ଶାସ୍ତ୍ରୀୟ ଚରିତ୍ର। ହିନ୍ଦୁ ଧର୍ମରେ ପରମପୁରୁଷ ଭଗବାନ ଭାବରେ ସ୍ୱୀକୃତ। ରାଧା ଓ କୃଷ୍ଣଙ୍କ ପ୍ରେମ ଅପ୍ରାକୃତ ପ୍ରେମ ବୋଲି ମଧ୍ୟଯୁଗୀୟ କବି ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି' କାବ୍ୟର ପ୍ରଥମ ଛାନ୍ଦର ଆରମ୍ଭରେ ଉଲ୍ଲେଖ କରିଛନ୍ତି-"ଅପ୍ରାକୃତ ପ୍ରେମ ମୂର୍ତ୍ତି ଜୟ ରାଧାହରି / ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି"। ମାତ୍ର 'ଡଣ୍ନାଟ୍'ରେ ଉଭୟ ଚରିତ୍ର ଏକ ସାଧାରଣ ଲୌକିକ ଜୀବନର କାମାତୁର ପ୍ରାଣୀ ଭାବରେ ପ୍ରଦର୍ଶନ ହେବା

ଚିନ୍ତାର ବିଷୟ। ଏହି ନାଟରେ ଶୃଙ୍ଗାର ରସ ସହିତ ହାସ୍ୟ ରସ ଦେଖାଯାଏ। ଏହି ହାସ୍ୟ ରସର ଉଦ୍ରେକ ପାଇଁ କୁଟିଲା, ଦୂତୀ, ଚନ୍ଦ୍ରସେଣା ଓ ଢୁଲିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

'ଡଣ୍‌ନାଟ୍'ରେ ଓଡ଼ିଶାର ପାରିବାରିକ ଜୀବନର ଚିତ୍ରକୁ ନିଖୁଣ ଭାବରେ କଳାକାରମାନେ ଉପସ୍ଥାପନ କରନ୍ତି। ରାଧା ବିବାହିତା ହେତୁ ଘର କାର୍ଯ୍ୟ ତଥା ଶାଶୂ ଓ ନଣନ୍ଦଙ୍କ ଟାହି ଟାପରା କଥା ଦେଖିବାକୁ ମିଳେ। ପ୍ରଥମେ ରାଧା ସ୍ୱକୀୟା ପ୍ରେମର ଗୁରୁତ୍ୱ ଦେଉଥିବା ଦେଖାଯାଏ। ଏହି ସମୟରେ ରାଧା ମୁହଁରେ ସାମାଜିକ ଆଚାର ବିଚାର ନୀତିନିୟମ ତଥା ସଂଯମୀ ଜୀବନକୁ ଦର୍ଶକ ଅନୁଭବ କରିପାରିବ। ଏଥିରେ କେବଳ ପ୍ରେମ ବିଷୟ ନ ରହି ପ୍ରଶ୍ନ ଉତ୍ତର ଶୈଳୀରେ ବିଭିନ୍ନ ଶାସ୍ତ୍ରର ବିଷୟ ଉପସ୍ଥାପନ କରାଯାଏ। କୃଷ୍ଣ ଓ ରାଧା, ଦୂତୀ ଓ କୃଷ୍ଣ, ରାଧା ଓ କୃଷ୍ଣ, ଦୂତୀ ଓ ରାଧା, ରାଧା ଓ କୁଟିଲା, ଚନ୍ଦ୍ରସେଣା ଓ ରାଧା, କୁଟିଲା ଓ ରାଧାଙ୍କ ମଧ୍ୟରେ ଉକ୍ତିପ୍ରତ୍ୟୁକ୍ତି ମାଧ୍ୟମରେ ପିଣ୍ଡବ୍ରହ୍ମାଣ୍ଡ ବାଦ, ଶରୀର ତତ୍ତ୍ୱ, ଜୀବପରମ ବିଚାର, ଯୋଗତତ୍ତ୍ୱ, ରାଧା ଜୀବନୀ ସମ୍ପର୍କିତ ବିଷୟ, କୃଷ୍ଣ ଜୀବନୀ ସମ୍ପର୍କିତ ବିଷୟ ଇତ୍ୟାଦିକୁ ଅନେକ ପ୍ରଶ୍ନ ଉତ୍ତର କରାଯାଏ। ଏହା ଦର୍ଶକ ମନରେ 'ଡଣ୍‌ନାଟ୍' ପ୍ରତି ଆଗ୍ରହ ତିଆରି କରେ। ବିଭିନ୍ନ ପ୍ରହେଳିକା, ପ୍ରବାଦ ପ୍ରବଚନ ଏବଂ ସର୍ବୋପରି ଶୃଙ୍ଗାର ଓ ହାସ୍ୟ ରସ ଯୁକ୍ତ ପ୍ରଶ୍ନ ଦର୍ଶକ ରୂପକ ଭ୍ରମରକୁ ଟାଣିଆଣେ।

'ଡଣ୍‌ନାଟ୍'ରେ ଓଡ଼ିଆ ଓ ପଶ୍ଚିମାଞ୍ଚଳର କଥିତ ଭାଷା(କୋସଲି) ଉଭୟ ବ୍ୟବହାର ହୁଏ। ଏଥିରେ ସ୍ଥାନୀତ ଅନେକ ଗୀତ ମାନକ ଓଡ଼ିଆ ଭାଷାରେ ରଚିତ। ସଂଳାପ ମଧ୍ୟରୁ ଅଧିକାଂଶ ଆଞ୍ଚଳିକ ଭାଷାରେ ଉପସ୍ଥାପନ କରାଯାଏ।

**ସହାୟକ ଗ୍ରନ୍ଥସୂଚୀ:-**

୧. ଦାସ, ଅଚ୍ୟୁତାନନ୍ଦ, ହରିବଂଶ (ତୃତୀୟ ଖଣ୍ଡ), ରାଧାରମଣ ପୁସ୍ତକାଳୟ, କଟକ ।
୨. ଦାସ, ହେମନ୍ତ କୁମାର, ଓଡ଼ିଆ ଲୋକ ନାଟକ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ-୨୦୦୬।
୩. ପ୍ରଧାନ, କ୍ଷେତ୍ରମୋହନ (ଅନୁବାଦ), ବ୍ରହ୍ମବୈବର୍ତ୍ତ ପୁରାଣ, ଚତୁର୍ଥ ଭାଗ/ଶ୍ରୀକୃଷ୍ଣ ଜନ୍ମଖଣ୍ଡ, ଧର୍ମଗ୍ରନ୍ଥ ଷ୍ଟୋର, କଟକ।
୪. ମହାନ୍ତି ଆର୍ତ୍ତବଲ୍ଲଭ(ସଂ); ବିଦଗ୍ଧ ଚିନ୍ତାମଣି; ଆର୍ତ୍ତବଲ୍ଲଭ ମହାନ୍ତି, ଚତୁର୍ଥ ସଂସ୍କରଣ-୧୯୬୫(ସୌଜନ୍ୟ- ଓଡ଼ିଆ ବିଭବ)।

**ସହାୟକ ବ୍ୟକ୍ତି:-**

୧. ଶ୍ରୀ ପ୍ରସନ୍ନ ସାହୁ, ପିତା-ଯୁଧିଷ୍ଠି ସାହୁ, ବୟସ-୫୧ ବର୍ଷ, ଠିକଣା- ଗ୍ରାମ: ଅଶୁଲା, ଡାକ: କପିଲାଭଟା, ଥାନା: ବଙ୍ଗୋମୁଣ୍ଡା, ଜିଲ୍ଲା: ବଲାଙ୍ଗିର । ('ଡଣ୍‌ନାଟ୍'ରେ କୃଷ୍ଣ ଭୂମିକାର ଅଭିନେତା)
୨. ଶ୍ରୀ ଲିଙ୍ଗରାଜ ବାଗ, ପିତା-ମୂରଲୀ ବାଗ, ବୟସ-୪୫, ଠିକଣା- ଗ୍ରାମ: ପତ୍ରାପାଲି, ଡାକ-ହଳଦି, ଥାନା: ମୁରିବାହାଲ, ଜିଲ୍ଲା: ବଲାଙ୍ଗିର । ('ଡଣ୍‌ନାଟ୍'ରେ କୃଷ୍ଣ ଭୂମିକାର ଅଭିନେତା)

■ ■ ■

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ପଞ୍ଚରା
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଓଷାବ୍ରତ ଓ ପର୍ବପର୍ବାଣିରେ ଶିବ

ବର୍ଷାରାଣୀ ସାହୁ

ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

DOI - https://doi.org/10.5281/zenodo.23350432

## ସାରାଂଶ

ଭାରତୀୟ ସାଂସ୍କୃତିକ ଓ ସାମାଜିକ ପ୍ରେକ୍ଷାପଟ୍ଟରେ ଓଷାବ୍ରତ ଓ ପର୍ବପର୍ବାଣିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଧର୍ମ ଓ ବିଶ୍ୱାସକୁ ସୁଦୃଢ଼ କରିବାରେ ଏଗୁଡ଼ିକର ଅବଦାନ ସ୍ୱୀକୃତ । ବିବିଧ ଧର୍ମ ଓ ସଂସ୍କୃତିକୁ ଆଶ୍ରା କରି ବିଭିନ୍ନ ସମୟରେ ଏଗୁଡ଼ିକ ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶୈବ ସଂସ୍କୃତି ସହିତ ସମ୍ପର୍କିତ ପର୍ବପର୍ବାଣିକୁ ଏଠାରେ ଆଲୋଚନା କରାଗଲା ।

ମୂଳଶବ୍ଦ - ଓଷାବ୍ରତ, ପର୍ବପର୍ବାଣୀ, ଶୈବ, ସଂସ୍କୃତି, ଶିବରାତ୍ରି, ଆଦିବାସୀ ।

ଭାରତୀୟ ସଂସ୍କୃତିରେ ଓଷାବ୍ରତ ଓ ପର୍ବପର୍ବାଣିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ଧର୍ମ ଓ ବିଶ୍ୱାସକୁ ସୁଦୃଢ଼ କରିବାରେ ଏଗୁଡ଼ିକର ଅବଦାନ ସ୍ୱୀକୃତ । ଏଗୁଡ଼ିକ ମଧ୍ୟରୁ କେତେକ ପୌରାଣିକ ଆଖ୍ୟାନକୁ ନେଇ ଗଢ଼ିଉଠିଥିବା ବେଳେ କେତେକ ସାମାଜିକ ଗଣ୍ଡି ଭିତରୁ ପଲ୍ଲବିତ ହୋଇଛି । ଓଷା ଓ ବ୍ରତକୁ ସମାନ ଅର୍ଥରେ ଗ୍ରହଣ କରାଯାଉଥିଲେ ହେଁ ଏମାନଙ୍କ ମଧ୍ୟରେ କିଛି ସୂକ୍ଷ୍ମ ପାର୍ଥକ୍ୟ ରହିଛି । 'ଓଷା'ର ଆଭିଧାନିକ ଅର୍ଥ ହେଉଛି ନାରୀଙ୍କଦ୍ୱାରା ଆଚରିତ ବ୍ରତ ହେବା ବେଳେ ବ୍ରତର ଆଭିଧାନିକ ଅର୍ଥ ହେଉଛି ନାରୀ ଓ ପୁରୁଷ ଉଭୟଙ୍କଦ୍ୱାରା ପାଳିତ ।(୧) 'ଓଷା' ଶବ୍ଦଟି 'ଉପବାସ' ଶବ୍ଦରୁ ସୃଷ୍ଟି ହୋଇଛି । ପୁନଶ୍ଚ 'ଉପବାସ' ଶବ୍ଦ ସଂସ୍କୃତ 'ଉପବାସକ'ରୁ ଉତ୍ପନ୍ନ ହୋଇଛି ଯାହାର ଅର୍ଥ ଯଜ୍ଞକର୍ମର ପୂର୍ବ ଦିବସ । ଏହାର ଶବ୍ଦ ବ୍ୟୁତ୍ପତ୍ତି ହେଉଛି- ସଂ.ଉପବାସକ > ପ୍ରା.ଉଅଆସଅ (ମଧ୍ୟବର୍ତ୍ତୀ ଅଳ୍ପ ବ୍ୟଞ୍ଜନ ପ୍, ବ୍, ଢ ର ଲୋପ) > ଉଆସଅ(ସ୍ୱରସଂଶ୍ଲେଷ)>ଉସଅ(ସ୍ୱର ସଂଶ୍ଲେଷ)>ଉଷା(ସ୍ୱର ସଂଶ୍ଲେଷ) > ଓସା(ଉ-ଓ) > ଓଷା (ଓଡ଼ିଆରେ ଶ, ଷ, ସର ବ୍ୟବହାରରେ କେତେକ ପାରସ୍ପରିକ ବିନିମୟ ରହିଛି) ।(୨) ସେହିପରି ବ୍ରତ ଶବ୍ଦର ବ୍ୟୁତ୍ପତ୍ତିଗତ ଉତ୍ସ ହେଉଛି ସଂସ୍କୃତ ବ୍ରତତୀ ଶବ୍ଦ ।(୩) ନିଷ୍ଠାର ସହିତ କୌଣସି କାର୍ଯ୍ୟ କରିବାକୁ ବ୍ରତ କୁହାଯାଇଥାଏ ।

ଓଡ଼ିଆ ସଂସ୍କୃତିରେ କୋଉ ପ୍ରାଚୀନ କାଳରୁ ଓଷାବ୍ରତ ଓ ପର୍ବପର୍ବାଣିଗୁଡ଼ିକ ପ୍ରଚଳିତ । ପୁରାଣ ଯୁଗରୁ ଓଡ଼ିଶାରେ ପାଳିତ ଶୈବ ଓଷାବ୍ରତ ଓ ପର୍ବପର୍ବାଣିରୁ ଅନୁଭୂତ ହୁଏ ଯେ, ଶୈବଧର୍ମ ହିଁ ଓଡ଼ିଶାର ଗଣଧର୍ମ । କେବଳ ଶିବରାତ୍ରୀ ନୁହେଁ ପ୍ରତ୍ୟେକ ଶିବ ମନ୍ଦିରରେ ଶିବ ବିବାହୋତ୍ସବ, ଚତୁର୍ଦ୍ଦଶୀ ବେଢ଼ା, ଦେବାଭିଷେକ, ମକରସଂକ୍ରାନ୍ତି, ବଡ଼ଓଷା ଓ ପଣାସଂକ୍ରାନ୍ତି ଇତ୍ୟାଦି ପର୍ବ ବିଧି ଅନୁଯାୟୀ ପାଳିତ ହୋଇଥାଏ । ନିମ୍ନରେ ସେ ସବୁ ସମ୍ପର୍କରେ ଆଲୋଚନା କରାଗଲା ।

## ଶିବରାତ୍ରି ବ୍ରତ

ଶିବରାତ୍ରି ବ୍ରତ ଶିବଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏକ ଶାସ୍ତ୍ରୀୟ ବ୍ରତ ଅଟେ । ଏହା ଶୈବସଂସ୍କୃତିର ଚରମ ନିଦର୍ଶନ । ସର୍ବ ଭାରତୀୟ ସ୍ତରରେ ପ୍ରତ୍ୟେକ ଶିବପୀଠରେ ଏହି ମହାନ୍ ପର୍ବ ମହାସମାରୋହରେ ପାଳିତ ହୁଏ । ପ୍ରାଗ୍-ବୈଦିକ କାଳରୁ ଶିବ ଉପାସନା ଭାରତୀୟ ଜନମାନସକୁ ଉଦ୍ବୁଦ୍ଧ କରିଅଛି । । ଏହି ବ୍ରତ ଓଡ଼ିଶାର ଘରେ ଘରେ ପରିଚିତ । ଆବାଳ ବୃଦ୍ଧବନିତା ଏହି ବ୍ରତକୁ ପାଳନ କରିଥାନ୍ତି । ଏହି ବ୍ରତ କଥାଟି ଶିବପୁରାଣୋକ୍ତ ବୋଲି ଉଲ୍ଲେଖ ରହିଛି । ବ୍ରତ କଥାଟି ଶିବ ପାର୍ବତୀଙ୍କ କଥୋପକଥନ ଶୈଳୀରେ ଅଗ୍ରଗତି କରାଯାଇଛି । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଉପବାସ ରହି ପାଳନ କରିବାକୁ ନିର୍ଦ୍ଦେଶ ରହିଛି । ଶିବରାତ୍ରି ବ୍ରତକଥାରେ ଉଲ୍ଲେଖ ଅଛି-

"ଫାଲଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ
ଶିବରାତ୍ରି ଖ୍ୟାତ ଅଟେ ସେହି ତିଥି ନିଶି ।
ଉକ୍ତ ଦିନ ଉପବାସ କରେ ଯେଉଁ ଜନ
ସେହି ଜନ ମୋତେ ନିଶ୍ଚେ କରଇ ପ୍ରସନ୍ନ ।"(୪)

ଏହି ବ୍ରତ କଥାରେ ଦୁଇଟି ଉପାଖ୍ୟାନ ଦେଖିବାକୁ ମିଳେ । ପ୍ରଥମଟି ହେଉଛି ଶିକାରୀ ପ୍ରସଙ୍ଗ ଓ ଦ୍ୱିତୀୟଟି କୃଷ୍ଣ ଶର୍ମା ଓ ତାଙ୍କ ଶିଷ୍ୟ ନିରଘ ଉପାଖ୍ୟାନ । ପ୍ରଥମ ଉପାଖ୍ୟାନରୁ ଜଣାଯାଏ ଯେ, ମଧ୍ୟଦେଶର ଜଣେ ଶବର ପାପକର୍ମରେ ଲିପ୍ତ ଥିବାରୁ ସେ ପ୍ରଥମେ ଏହି ବ୍ରତଟି ପାଳନ କରିଥିଲା । ଶିବ କହୁଛନ୍ତି-

"ଶଙ୍କର ବୋଇଲେ ଏକ ନିଶାଦ ଚରିତ
କହୁଅଛି ଶୁଣ ପ୍ରିୟେ ହୋଇ ଏକ ଚିତ୍ତ ।
ପାପକର୍ମା ତାର ମଧ୍ୟଦେଶେ ଘର
ଚକ୍ଷୁତାର କୃଷ୍ଣ ବିସ୍ତୃତ ଶରୀର ।
କୁଟିଳ ହୃଦୟ ସେହି ଅତ୍ୟନ୍ତ ଦୁର୍ଜନ
ପଶୁପକ୍ଷୀ ମାରି କରେ ଉଦର ପୋଷଣ ।"(୫)

ଶବରଟି କାଳାଞ୍ଜନ ନାମକ ପର୍ବତରୁ ବହୁ ପକ୍ଷୀ ଧରି ଫେରିଲାବେଳେ ବାଟରେ ରାତ୍ରି ହୋଇଗଲା । ରାତ୍ରିରେ ବର୍ଷା ମଧ୍ୟ ଆରମ୍ଭ ହେଲା । ଜଙ୍ଗଲର ହିଂସ୍ରଜନ୍ତୁ ଓ ବର୍ଷାରୁ ରକ୍ଷା ପାଇବା ନିମନ୍ତେ ସେ ଏକ ଗଛ ଉପରେ ଆଶ୍ରୟ ନେଲା । ରାତି ସାରା କ୍ଷୁଧାର୍ତ୍ତ ଓ ଉଜାଗର ହୋଇ ସେ ବସିରହିଲା । ରାତିରେ ଏକ ମହାବଳ ବାଘ ଗଛରେ ମଣିଷଟିଏ ଅଛି ଜାଣି ଗଛ ତଳେ ଜଗି ରହିଲା । ପାପକର୍ମା ଗଛ ଉପରେ ରହି ବାଘକୁ ଘଉଡ଼ାଇବା ପାଇଁ

ଗଛ ଉପରୁ ପତ୍ରମାନ ତଳକୁ ପକାଇଲା । ସୌଭାଗ୍ୟ ବଶତଃ ସେହି ଗଛଟି ଥିଲା ଗୋଟିଏ ବେଲଗଛ । ଏବଂ ତା'ର ତଳେ ଏକ ଶିବଲିଙ୍ଗ ମଧ୍ୟ ଥିଲା । ସୂର୍ଯ୍ୟୋଦୟ ପରେ ବାଘଟି ପଳାଇ ଯାଇଛି ଭାବି ପାପକର୍ମା ଗଛରୁ ଓହ୍ଲାଇବା ମାତ୍ରେ ଲୁଚି ରହିଥିବା ବାଘଟି ତାକୁ ଖାଇଦେଲା । ପାପକର୍ମାର ମୃତ୍ୟୁ ତା'ର ପୂଣ୍ୟକର୍ମ ଯୋଗୁଁ ଶିବଗଣ ତାକୁ କୈଳାସପୁରକୁ ଘେନିଗଲେ । ପାପକର୍ମା ରାତ୍ରି ଉଜାଗର ରହି ଭୋକ ଉପାସରେ ଶିବଲିଙ୍ଗରେ ବେଲପତ୍ର ଓ ଡାଳକୁ ବର୍ଷାସିକ୍ତ କରିପକାଇଥିବା ହେତୁ ତାର ସମସ୍ତ ପାପ କ୍ଷୟ ହୋଇଥିଲା । ତେଣୁ ସେ ଶିବଲୋକକୁ ଗମନ କଲା । ଏହା ହିଁ ହେଉଛି ଶିବରାତ୍ରି ବ୍ରତ କଥାର ମହିମା । ଶିବପୁରାଣରେ ମଧ୍ୟ ଏହି ଉପଖ୍ୟାନଟି ସଂଯୋଜିତ ଅଛି । ମାତ୍ର ନାମର ପରିବର୍ତ୍ତନ ହୋଇଛି । ସେଥିରେ ଉଲ୍ଲେଖ ଅଛି-

"ଉତ୍ତର ଖଣ୍ଡେ ପବିତ୍ର ଭୂମି ମଧ୍ୟେ ଦେଶ
ତହିଁକି ଲାଗିଛି ମାଳଭୂମି ତା'ର ପାଶ ।
ସେ ବନେ ଅଛି ପଣ୍ଡୁର ନାମେ ଏକ ଗିରି
ବହଇ ସୁନନ୍ଦା ନଦୀ ତହିଁ ଜଳ ପୂରି ।
ଉତ୍ତରଗାମୀ ସେ ଭଇରବ ଧାମେ ମିଶେ
ବହୁ କିରାତ ପଲ୍ଲୀ ସେ ବନରେ ବସେ
ଶାର୍ଦ୍ଦୁଳ ନାମେ ନିଷାଦ ତାଙ୍କ ମଧ୍ୟେ ମୁଖ୍ୟ
ନାନ ଜୀବଜନ୍ତୁ ମାରି କରଇ ସେ ଲକ୍ଷ୍ୟ ।" (୬)

କୃଷ୍ଣଶର୍ମା ଏବଂ ଶିଷ୍ୟ ନିରଘ ଉପାଖ୍ୟାନଟି ମୁଖ୍ୟ ଉପାଖ୍ୟାନ ସହ ପ୍ରାୟ ସମାନ । ଏକଦା କୃଷ୍ଣଶର୍ମା ଗୋଟିଏ ପୁଷ୍କରିଣୀରେ ସ୍ନାନ କରିବା ସମୟରେ ତୁଠରେ ପଡ଼ିଥିବା ଗୋଟିଏ ପଥରରେ ପାଦ ଘଷି ସଫାକଲେ । ତହିଁ ପରଦିନ କୃଷ୍ଣଶର୍ମା ସର୍ପାଘାତରେ ମୃତ୍ୟୁବରଣ କଲେ । ଯମ ଦୂତମାନେ ତାଙ୍କୁ ଯମପୁରକୁ ନେଇଗଲେ । ସେ ଗୋଡ଼ ଘଷିଥିବା ପଥରଟି ଶିବ ମନ୍ଦିରର ଗୋଟିଏ ପଥର ଥିବାରୁ ଜଣେ ଧାର୍ମିକ ବ୍ୟକ୍ତି ହେଲେ ମଧ୍ୟ ତାଙ୍କର ସମସ୍ତ ଧର୍ମ କ୍ଷୟ ହୋଇଗଲା । ତେଣୁ ସେ ଯମଦ୍ୱାରା ଦଣ୍ଡିତ ହୋଇ ଅଯୁତ ବର୍ଷ ସେଇ ପୋଖରୀ କୂଳରେ ପିଶାଚ ହୋଇ ରହିଲେ । ଭଗମାଳୀ ନାମକ ଜଣେ ସନ୍ୟାସୀଙ୍କ ଆଶ୍ରମ ଗଙ୍ଗାଯମୁନା ନଦୀ କୂଳରେ ଥିଲା । ତାଙ୍କ ଆଶ୍ରମରେ ଥରେ କାଶ୍ମିରରୁ ଜଣେ ଶିବଭକ୍ତ ଆସି ପହଞ୍ଚିଥିଲେ । ସେ ପଣ୍ଡିତ ଜଣଙ୍କ ପିତୃଗଣଙ୍କୁ ସ୍ନାନତର୍ପଣ କରି ସନ୍ତୁଷ୍ଟ କରିଥିଲେ ମାତ୍ର ସେ ଶିବଙ୍କୁ ଦର୍ଶନ କରିନଥିଲେ । ଭଗମାଳୀ ସେଇ ଅତିଥିଙ୍କୁ ଆହାର ଗ୍ରହଣ ପାଇଁ ଅନୁରୋଧ କରନ୍ତେ ଅତିଥି ଶିବଦର୍ଶନ ନକଲା ଯାଏ ଆହାର ଗ୍ରହଣ କରିବାକୁ ମନା କଲେ । ସେ ଶିବପୂଜାର ମହତ୍ତ୍ୱ କହିଲେ । ଦୁଇଜଣଙ୍କ ସହଯୋଗରେ ସେଠାରେ ଗୋଟିଏ ଶିବ ମନ୍ଦିର ନିର୍ମାଣ କରାଗଲା । ସେଦିନ ଶିବଚତୁର୍ଦ୍ଦଶୀ ଥିବାରୁ ଦୁହେଁ ଶିବରାତ୍ରି ବ୍ରତ ପାଳନ କରି ମନ୍ଦିର ପ୍ରତିଷ୍ଠା କରାଇଲେ । କିଛି ଦିନ ପରେ କାଶ୍ମିରୀ ଆଗତ ବ୍ରାହ୍ମଣ ଅନ୍ୟତ୍ର ପଳାଇଗଲେ । ମନ୍ଦିରଟି କାଳକ୍ରମେ ଭାଙ୍ଗିଗଲା । ଏଣୁ ସେହି ମନ୍ଦିରର ଖଣ୍ଡିଏ ପଥର ଆସି ପୋଖରୀ କୂଳରେ ପଡ଼ିଥିଲା । କୃଷ୍ଣଶର୍ମା ସେହି ପୋଖରୀ କୂଳରେ ପିଶାଚ ହୋଇ ରହିଲେ ।

କୃଷ୍ଣଶର୍ମାଙ୍କ ଶିଷ୍ୟ ନିରଘ ଜଣେ ଶିବ ଭକ୍ତ । ସେ ପ୍ରତିଦିନ ଶିବ ପୂଜା କରନ୍ତି । ସେ ଚଉଦ ବର୍ଷ ଶିବ ପୂଜା କରିବା ପରେ ସେଠାକୁ ଆସି ଶିବରାତ୍ରି ବ୍ରତ ପାଳନ କରିଥିଲେ । ନିରଘ ବ୍ରତର ପରଦିନ ସୂର୍ଯ୍ୟତର୍ପଣ ସାରିବା ପରେ କୃଷ୍ଣଶର୍ମା ନିଜର ଦୁଃଖ ଜଣାଇଲେ । ନିରଘ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ତାଙ୍କର ଗୁରୁଙ୍କୁ ଶିବରାତ୍ରି ବ୍ରତର ଫଳ ପ୍ରଦାନ କଲେ । ଏଣୁ କୃଷ୍ଣଶର୍ମା ଯମଙ୍କର ଆଦେଶ ଅନୁସାରେ ମୁକ୍ତି ପାଇ କୈଳାସପୁରୀରେ ରହିଲେ ।(୭)

ଉପରୋକ୍ତ କାହାଣୀ ଦ୍ୱୟରୁ ଜଣାଗଲା ଯେ ଶିବ ପ୍ରଥମେ ଆଦିବାସୀମାନଙ୍କ ଦ୍ୱାରା ପୂଜିତ ହେଉଥିଲେ । ଦ୍ୱିତୀୟତଃ ଶୈବଧର୍ମର ରକ୍ଷଣାବେକ୍ଷଣ ଦିଗକୁ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଛି । କାଶ୍ମିରୀ ପଣ୍ଡିତଙ୍କୁ କାଶ୍ମିରୀ ଶୈବ ବୋଲି ବିବେଚନା କରାଯାଇପାରେ ।

ଏହି ଦିନ ଓଡ଼ିଶାରେ ଥିବା ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠେ । ଏହି ଦିନ ଦେବୋତ୍ତର ବିଭାଗ ସହିତ ପୋଲିସ୍, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ବିଦ୍ୟୁତ, ପୂର୍ତ୍ତ ବିଭାଗ ଓ ଲୋକ ସମ୍ପର୍କ ପ୍ରଭୃତି ବିଭାଗର ପଦାଧିକାରୀ ତଥା କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଶୈବପୀଠରେ ଶିବରାତ୍ରି ଶୃଙ୍ଖଳାର ସହ ପାଳିତ ହୁଏ । ଏଥିନିମନ୍ତେ ମନ୍ଦିରଗୁଡ଼ିକରେ ପୋଲିସ୍ କର୍ମଚାରୀମାନେ ନିଯୁକ୍ତ ଥାନ୍ତି । ଶିବରାତ୍ରିର ବିଶେଷ ପୂଜା ନିମନ୍ତେ ଦେବୋତ୍ତର ନିର୍ବାହୀ ଅଧିକାରୀ ରାଜପୁରୋଧା, ମନ୍ଦିର ପୁରୋଧା ଓ ପୂଜାପଣ୍ଡାଙ୍କ ସହିତ ଆଲୋଚନା ପୂର୍ବକ ପୂଜାର କାର୍ଯ୍ୟସୂଚୀ ସ୍ଥିର କରନ୍ତି। ତଦନୁଯାୟୀ ସମସ୍ତ ଦେବନୀତି ଏବଂ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୁଏ ।

ଏହି ଦିନ ଦୈନନ୍ଦିନ ନୀତି ଓ ସନ୍ଧ୍ୟା ଆଳତି ଶେଷ ପରେ ଶିବରାତ୍ରିର ବିଶେଷ ପୂଜା ବିଶ୍ୱମଙ୍ଗଳାର୍ଥେ ହୋଇଥାଏ। ଏହି ବିଶେଷ ପୂଜାରେ ରାଜପୁରୋଧାଙ୍କ ଅଧ୍ୟକ୍ଷତାରେ ପଞ୍ଚପୁରୋଧାଙ୍କଦ୍ୱାରା ସମ୍ପନ୍ନ କରାଯାଇଥାଏ । ଅନ୍ୟାନ୍ୟ ସେବାୟତମାନେ ମଧ୍ୟ ଏଥିରେ ପୁରୋଧାବୃନ୍ଦଙ୍କୁ ସହଯୋଗ କରନ୍ତି । ପ୍ରଥମ ପ୍ରହର ସ୍ନାନ ଓ ପ୍ରଥମ ଚାରିପୂଜା ମନ୍ଦିରର ପୂଜା ପଣ୍ଡା କରିଥାନ୍ତି । ଆବଶ୍ୟକୀୟ ଉପଚାର, ଭୋଗ, ଚନ୍ଦନ, ଅଗୁରୁ, କସ୍ତୁରୀ, ଛେନା, ଦୁଧ, ଦହି, ଘୃତ ମହୁ, ଗୁଡ଼, ଅରୁଆ ଚାଉଳ, ଡଙ୍କୀ, ଗୋମୂଖୀ ପ୍ରଭୃତି ଜିମାଦାର ଯୋଗାଇଦେଇଥାନ୍ତି। ପ୍ରତ୍ୟେକ ପୂଜାରେ ଦୁଗ୍ଧ, ଦଧି, ଛେନା, ମଧୁ ଓ ଘୃତ ସହିତ ସୁବାସିତ ଅକ୍ଷତରେ ଠାକୁରଙ୍କ ଲିଙ୍ଗ ଓ ଶକ୍ତି ମାଜଣା କରାଯାଇ ଚତୁଃସମ କୁଙ୍କୁମ, କସ୍ତୁରୀ ଲାଗିହୋଇ ଷୋଡ଼ଶ ଉପଚାରରେ ପୂଜା ହୁଏ। ପୂଜା ପଣ୍ଡା ଏହିକ୍ରମରେ ଚାରିପୂଜା ସମ୍ପନ୍ନ କରିସାରିବା ପରେ ପୀଠ ପୁରୋଧା ଦ୍ୱିତୀୟ ପ୍ରହର ସ୍ନାନ ଓ ଚାରିପୂଜା କରିଥାନ୍ତି । ଏହାପରେ ପୁରୋଧାଙ୍କଦ୍ୱାରା ତୃତୀୟ ପ୍ରହର ସ୍ନାନ ଓ ଚାରିପୂଜା ଅନୁଷ୍ଠିତ ହୁଏ । ଶେଷରେ ରାଜପୁରୋଧାଙ୍କ ଆନୁକୂଲ୍ୟରେ ଚତୁର୍ଥ ପ୍ରହର ସ୍ନାନ ଓ ଚାରିପୂଜା ଶେଷ ହେବା ପରେ ସମବେତ ପୁରୋଧା ମଣ୍ଡଳୀଙ୍କ ଦ୍ୱାରା ଶିବ ଲିଙ୍ଗ ଅଭିଷେକ କରାଯାଇଥାଏ। ଶୁଦ୍ଧ ପଇଡ଼ ଜଳଦ୍ୱାରା ବୈଦିକ ସୂକ୍ତ ପାଠ କରାଯାଇ ଶିବଙ୍କର ରୁଦ୍ରାଭିଷେକ ହୁଏ । ପୂଜା ଓ ଅଭିଷେକ ସମୟରେ ସେବକମାନେ ଘଣ୍ଟ, ଘଣ୍ଟା, ବୀରକାହାଳୀ, ପ୍ରଭୃତି ବାଦନ କରାଯାଇଥାଏ । ଏହି ସମୟରେ ମନ୍ଦିରର ଉତ୍ତର ପାର୍ଶ୍ୱରେ ଝାଡ଼ଦୀପ ଲଗାଯାଇଥାଏ । ଶିବରାତ୍ରି ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ରାତ୍ରି ଅଭିଷେକ ନିଷେଧ। ଅଭିଷେକ ପରେ ମହାସ୍ନାନ ଆରମ୍ଭ କରାଯାଇଥାଏ । ପଞ୍ଚବକ୍ର ହେଉଛି ଶିବଙ୍କର ଅନ୍ୟ ଏକ ନାମ । କାରଣ ତାଙ୍କର ପାଞ୍ଚୋଟି ମୁହଁ ସେଗୁଡ଼ିକ ହେଉଛି- ତତ୍ପୁରୁଷ, ଅଘୋର, ସଦ୍ୟୋଜାତ, ବାମଦେବ ଓ ଈଶାନ । ଏଥିନିମନ୍ତେ ପଞ୍ଚାମୃତ ମହାସ୍ନାନ ଯଥାକ୍ରମେ କ୍ଷୀର, ଦହି, ଘୃତ, ମଧୁ ଓ ଖଣ୍ଡରେ କରାଯାଇଥାଏ। ପ୍ରତ୍ୟେକ ମନ୍ତ୍ରକୁ ଅଙ୍ଗନ୍ୟାସ, କରନ୍ୟାସ ଓ ଧ୍ୟାନପରେ ଅଭିମନ୍ତ୍ରିତ ପଞ୍ଚାମୃତରେ ସ୍ନାନ କରାଯାଇଥାଏ । ଶକ୍ତି ଓ ଲିଙ୍ଗ ପଞ୍ଚାମୃତରେ ପରିପୂର୍ଣ୍ଣ

ହେବାପରେ ଘର୍ଷଣମାର୍ଜନାଦି ସମାହିତ ହୋଇଥାଏ । ଏହାପରେ ପୟୋମୃତ ତୀର୍ଥର ଶୁଦ୍ଧ ଜଳରେ ସ୍ନାନ ପରେ ଘୃତକମ୍ବଳ ଦିଆଯାଏ ।

ଏହାପରେ ପଞ୍ଚବକ୍ରମଣ୍ଡିତ କୋଷାବରଣ ଲିଙ୍ଗ ଉପରେ ସ୍ଥାପନ କରାଯାଏ । ପଞ୍ଚବକ୍ର ଉପରେ ସ୍ୱର୍ଣ୍ଣ ନିର୍ମିତ ଗଇଶ, ବେଲପତ୍ର ଓ ଚମ୍ପକ ପ୍ରଭୃତି ଲାଗିହୁଏ । ଏହାପରେ ପୁଷ୍ପମାଲ୍ୟ ସହିତ କେତେକୀ ଫୁଲରେ ସଜାଯାଇଥାଏ । କେବଳ ଏହି ଦିନ କେତକୀ ଫୁଲ ଶିବଙ୍କ ସେବାରେ ଲାଗିଥାଏ । ତାହାପରେ ଚତୁର୍ଦ୍ଦଶୀ ବେଢ଼ା ଅନୁଷ୍ଠିତ ହୁଏ । ପ୍ରାୟ ପ୍ରତ୍ୟେକ ଚତୁର୍ଦ୍ଦଶୀରେ ବେଢ଼ା ପରିକ୍ରମା ହେଉଥିଲେ ମଧ୍ୟ ଶିବରାତ୍ରିର ଚତୁର୍ଦ୍ଦଶୀ ବେଢ଼ା ସ୍ୱତନ୍ତ୍ର । ଘୃତପୂର୍ଣ୍ଣ ମହାଦୀପକୁ ଘଣ୍ଟବାଦ୍ୟ ସହିତ ହରିବୋଲ, ହୁଳୁହୁଳି ଦେଇ ତିନିଥର ମନ୍ଦିର ପରିକ୍ରମା ପରେ ମନ୍ଦିର ଉପରକୁ ଉଠାଯାଏ । ଦେଉଳ ଉଠା ସେବାସୀ ଏହି ସେବା କରିଥାନ୍ତି । ସେ ନୂଆ ବସ୍ତ୍ର ପରିଧାନ କରି ମହାଦୀପକୁ ମସ୍ତକରେ ବହନ କରି ଲୌହବଳୟଚାରରେ ମନ୍ଦିରର ଶୀର୍ଷଦେଶକୁ ଉଠିଥାନ୍ତି । ମନ୍ଦିର ଚୂଡ଼ାରେ ଅଗଣିତ ଭକ୍ତ ମହାଦୀପ ଦର୍ଶନ କରି ନିଜ ଜନ୍ମକୁ ସଫଳ କରନ୍ତି ।

### ବଡ଼ଓଷା

କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଓଡ଼ିଶାର ଶୈବପୀଠଗୁଡ଼ିକରେ ଏହା ପାଳିତ ହୁଏ । ଧବଳେଶ୍ୱର ହେଉଛନ୍ତି ଏହି ଓଷାର ଉପାସ୍ୟ । ଆଠଗଡ଼ ରାଜାଙ୍କ ଦେଉଳକରଣ ଭବାନୀ ପ୍ରହରାଜ ଧବଳେଶ୍ୱରଙ୍କ ବୃହତ ବ୍ରତ ବା ବଡ଼ଓଷା ନାମରେ ଖଣ୍ଡିଏ ପୁସ୍ତିକା ପ୍ରକାଶ କରିଛନ୍ତି । ଧବଳେଶ୍ୱରଙ୍କ ବଡ଼ଓଷାକୁ ମଧ୍ୟ ପିଠାଓଷା ବୋଲି କୁହାଯାଏ । ଏହି ବ୍ରତକଥାର ଆଖ୍ୟାନ ଭାଗରୁ ଜଣାଯାଏ ଯେ କେବଳ ଧବଳେଶ୍ୱରଙ୍କୁ ଅବଜ୍ଞା କରିବା ହେତୁ ରାଜା କ୍ରତୁଙ୍କୁ କୃଷ୍ଣ ବ୍ୟାଧି ହୋଇଥିଲା । ପରେ ସେ ଧବଳେଶ୍ୱରଙ୍କ କୃପାରୁ ମୁକ୍ତି ପାଇଥିଲେ । ଶିବ କୃଷ୍ଣ ରୋଗରୁ ମୁକ୍ତି କରିଥିବାରୁ ଶିବଙ୍କୁ ମହାଭେଷଜ ବୋଲି କୁହାଯାଏ । ଏହି ଓଷାର କାହାଣୀଟି ଏହିପରି- କ୍ରତୁ ନାମରେ ଜଣେ ରାଜା ଉତ୍କଳରେ ରାଜତ୍ୱ କରୁଥିଲେ । ସେ ଶିକାର ପାଇଁ ବଣରେ ବୁଲୁବୁଲୁ ଘଞ୍ଚ ଜଙ୍ଗଲରେ ଏକ ଶିବନ୍ଦିର ନିକଟସ୍ଥ ହେଲେ । ସେଠାରେ ନାଗପୁରର ରାଜଜେମା ହରପ୍ରିୟା କ୍ରତୁଙ୍କୁ ପାଇବା ପାଇଁ ଶିବପୂଜା କରୁଥିଲେ। ଉଭୟେ ଉଭୟଙ୍କୁ ଚିହ୍ନିବା ପରେ ମନ୍ଦିରରେ ଗାନ୍ଧର୍ବ ବିବାହ କଲେ । ବିବାହ ପରେ କ୍ରତୁ ବିଳାସ ବ୍ୟସନରେ ମାତିବା ହେତୁ ରାଜ୍ୟ ଶାସନ କ୍ଷେତ୍ରରେ ତାଙ୍କର ଅପାରଗତା ଦେଖାଦେଲା । ଶତ୍ରୁମାନେ ତାଙ୍କର ରାଜ୍ୟ ଅଧିକାର କରିନେଲେ। ଫଳରେ ରାଜ୍ୟଶୂନ୍ୟ ହୋଇ ରାଜାରାଣୀ ଜଙ୍ଗଲରେ ବୁଲିଲେ । ଏକଦା ଜଣେ ଶୈବ ସନ୍ନ୍ୟାସୀ ଶିବଙ୍କ ପୂଜାର୍ଚ୍ଚନା ନିମନ୍ତେ କେତକୀ ଫୁଲ ନେଇକି ଜଙ୍ଗଲ ମଧ୍ୟରେ ଯାଉଥିଲେ। କ୍ରତୁ ଏହା ଦେଖି ରାଣୀଙ୍କ ଅଙ୍ଗରାଗ ଲାଗି ସନ୍ନ୍ୟାସୀଙ୍କ ପାଖରୁ ଫୁଲ ଛଡ଼ାଇ ଆଣିଲେ । ତେଣୁ ଶିବ ରାଜାଙ୍କ ଉପରେ କୋପ କଲେ ଏବଂ ତାଙ୍କ ଠାରେ କୃଷ୍ଣ ବ୍ୟାଧି ଦେଖାଦେଲା । ରାଣୀ ହରପ୍ରିୟା ଜଣେ ଶୈବ ସନ୍ନ୍ୟାସୀଙ୍କ ପରାମର୍ଶରେ ସେ ଧବଳେଶ୍ୱରଙ୍କ ବଡ଼ଓଷା ପାଳନ କଲେ । ଧବଳେଶ୍ୱରଙ୍କ ମହିମାରେ ରାଜା ଆରୋଗ୍ୟଲାଭ କଲେ ଓ ରାଜ୍ୟ ଫେରିପାଇଲେ । ସୁଖରେ ପୁତ୍ର ସନ୍ତାନମାନଙ୍କ ସହ କାଳାତିପାତ କରିବାକୁ ଲାଗିଲେ ।(୮)

ଏହିଧର୍ମୀୟ ଭାବନାକୁ ନେଇ ଓଡ଼ିଶାର ପ୍ରତ୍ୟେକ ଶୈବପୀଠରେ ବଡ଼ଓଷା ପାଳନ କରାଯାଏ । ଏହିଦିନ ଶୈବପୀଠଗୁଡ଼ିକରେ ମହାଦେବଙ୍କର ସ୍ୱତନ୍ତ୍ର ପୂଜା ହୋଇଥାଏ। ପୂଜାଦିନ ଭୋରରୁ ଶିବଙ୍କ ୧୦୮ ଗରା ପାଣିରେ ସ୍ନାନ କରାଯାଇଥାଏ । ଏହାପରେ ମଙ୍ଗଳ ଆଳତୀ ମଇଲମ ଆଦି ରୀତିନୀତି କରାଯାଇଥାଏ । ଗଜା ପିଠା ଓ ଗଜା ମଣ୍ଡା ଭୋଗ ହୁଏ । ଶିବଙ୍କ ଉଦ୍ଦେଶ୍ୟରେ ଏହି ପିଠା ସମର୍ପିତ ହେବା ପରେ ଭକ୍ତମାନେ ଏହାକୁ ସେବନ କରିଥାନ୍ତି । ଏହିଦିନ କେତକ ପୀଠରେ ଶିବଙ୍କର ଧବଳେଶ୍ୱର ବେଶ ହୁଏ । ଏହି ଦିନ ଶିବ ଦର୍ଶନ କରି ପରିବାରର ମଙ୍ଗଳକାମନା ଓ ଆରୋଗ୍ୟ ଲାଭ ନିମନ୍ତେ ଶିବଙ୍କୁ ପ୍ରାର୍ଥନା କରାଯାଇଥାଏ ।

### ଗୌରୀ ତୃତୀୟା ବା ହରିତାଳିକା ବ୍ରତ

ଭାଦ୍ରବ ଶୁକ୍ଳ ତୃତୀୟା ଦିନ ଏହି ବ୍ରତ ସର୍ବଭାରତୀୟ ସ୍ତରରେ କୁଆଁରୀ ଝିଅମାନେ ଉତ୍ତମ ପତି ପାଇବା ଉଦ୍ଦେଶ୍ୟରେ ପାଳନ କରିଥାନ୍ତି । ଏ ବ୍ରତଟି ଢେଙ୍କାନାଳରେ ବିଶେଷ ଜନପ୍ରିୟ ନୁହେଁ । ତଥାପି କେତେକ ଶୈବପୀଠରେ ଏହି ବ୍ରତକୁ କୁଆଁରୀ ଝିଅମାନେ ପାଳନ କରିବା ସ୍ୱରୂପ ଶିବଙ୍କର ଆରାଧନା କରିଥାନ୍ତି। ବ୍ରଜନାଥଙ୍କ ଚତୁର ବିନୋଦରେ ରାଜଜେମା ଗୌରୀବ୍ରତ ପାଳନ କରିଥିବା କଥା ଉଲ୍ଲେଖ ଅଛି ।(୯) ଏଥିରୁ ଅନୁମିତ ହୁଏ ଯେ ଏହି ବ୍ରତଟି ଢେଙ୍କାନାଳରେ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସୁଛି।

ଏହାର ବିଷୟବସ୍ତୁରେ ରହିଛି ପାର୍ବତୀ ବାରବର୍ଷ କାଳ ଶିବଙ୍କୁ ପାଇବା ଲାଗି ହିମାଳୟର ଶଙ୍କର ଶୃଙ୍ଗରେ କୋଠରେ ତପସ୍ୟା କଲେ । ଏହି ସମୟରେ ହିମାଳୟ ତାଙ୍କ ପାଇଁ ଗୋଟିଏ ଉତ୍ତମ ପାତ୍ର ଖୋଜୁଥିଲେ । ବିଷ୍ଣୁ ତାଙ୍କୁ ବିବାହ କରିବାକୁ ନାରଦଙ୍କ ମଧ୍ୟସ୍ଥତାରେ ହିମାଳୟଙ୍କ ପାଖକୁ ପ୍ରସ୍ତାବ ମଧ୍ୟ ପଠେଇଥିଲେ। ଏଥିରେ ହିମାଳୟ ମଧ୍ୟ ସହମତି ପ୍ରଦାନ କରିଥିଲେ । କିନ୍ତୁ ପାର୍ବତୀ ଏସମ୍ବାଦ ପାଇ ଅତ୍ୟନ୍ତ ଦୁଃଖ ଅନୁଭବ କଲେ । ପାର୍ବତୀ ନିଜ ସଖୀଙ୍କ ସହିତ ବଣକୁ ଗଲେ। ସେହି ଘଞ୍ଚ ଅରଣ୍ୟରେ ପାର୍ବତୀ ଗୋଟିଏ ନଦୀକୂଳରେ ବସି ଶିବଙ୍କର ମୂର୍ତ୍ତି ଗଢ଼ିଲେ । ରାତିସାରା ଉଜାଗର ରହି ସ୍ତୁତି ଗୀତାଦି ଗାନ କରି ଶିବଙ୍କୁ ପ୍ରାର୍ଥନା କଲେ । ସେହି ଦିନଟି ଥିଲା ଭାଦ୍ରବ ଶୁକ୍ଳପକ୍ଷ ହସ୍ତା ନକ୍ଷତ୍ର ଯୁକ୍ତ ତୃତୀୟା ତିଥି । ଭଗବାନ ଶଙ୍କର ପାର୍ବତୀଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଆବିର୍ଭାବ ହେଲେ । ପରଦିନ ନଦୀରେ ସ୍ନାନ କରିବା ପୂର୍ବକ ବ୍ରତର ଉପକରଣମାନ ଭସାଇ ଦେଲେ । ବନର ଫଳମୂଳ ଖାଇ ସେହି ଦିନଟି ସଖୀ ବା ଆଳୀମାନଙ୍କୁ ସହିତ ଅତିବାହିତ କରିଥିବାରୁ ବ୍ରତକୁ ହରିତାଳିକା ବୋଲି ମଧ୍ୟ କୁହାଯାଏ । ଏଣେ ହିମାଳୟ କନ୍ୟାକୁ ଖୋଜିଖୋଜି ଆସି ସେଠାରେ ପହଞ୍ଚିଲେ । ପାର୍ବତୀ ପିତାଙ୍କ ଆଗରେ ସବୁ କଥା କହିଲେ । ପାର୍ବତୀ ଶିବଙ୍କୁ ବିବାହ କରିବା ନିମନ୍ତେ ଅନୁମତି ଦେଲେ । ଶିବପାର୍ବତୀଙ୍କର ବିବାହ ଅନୁଷ୍ଠିତ ହେଲା । ତେଣୁ ଉତ୍ତମ ପତି ପାଇବା ନିମନ୍ତେ କନ୍ୟାମାନେ ଏହି ବ୍ରତ ପାଳନ କରିଥାନ୍ତି ।

### ପୁଷ୍ୟାଭିଷେକ

ପୌଷ ମାସ ପୂର୍ଣ୍ଣମା ଦିନ ଏହା ପାଳନ କରାଯାଇଥାଏ। ମନ୍ଦିରରେ ଅଧିଷ୍ଠିତ ଠାକୁରମାନଙ୍କୁ ନୂତନ ବସ୍ତ୍ର ଭୂଷଣ ଆଦି ପ୍ରଦାନ କରାଯାଇ ଅଭିଷେକ କର୍ମ ଅନୁଷ୍ଠିତ ହୁଏ । ଏହି ଅଭିଷେକର ଫଳ ସମ୍ପର୍କରେ ଲିଙ୍ଗପୁରାଣରେ ଉଲ୍ଲେଖ ଅଛି-

"ପୁଷମାସ ପୂର୍ଣ୍ଣିମା ଯେ ତିଥି ମନୋହର
ପୁଷ୍ୟା ନକ୍ଷେତ୍ର ସଂଯୁକ୍ତ ତହିଁରେ ଆବର ।
ରୁକ୍ଷଭାବେ ତିଥି ଜାଣି ଆନନ୍ଦିତ ମନେ
କରିବେ ମୋ ବନ୍ଦାପନା ଭକ୍ତ ଦ୍ୱିଜଗଣେ ।

ମୁକ୍ତିଦାତ୍ରୀ ଅଟେ ଜାଣ ପୌଷ ପୂର୍ଣ୍ଣମାସୀ

ସର୍ବଲୋକଙ୍କ ମଙ୍ଗଳ ଘଟାଏ ବିଶେଷି ।" (୧୦)

ପୂର୍ଣ୍ଣମୀର ପୂର୍ବଦିନ ଅର୍ଥାତ୍ ଚତୁର୍ଦ୍ଦଶୀ ଦିନ ମଧରାତ୍ରରେ ସେବାୟତମାନେ ଶୁଚିମନ୍ତ ହୋଇ କଳସୀରେ ଜଳ ଆଣି ମନ୍ଦିର ଭିତରେ ରଖିବେ । ସୂର୍ଯ୍ୟୋଦୟ ପରେ ନାନା ସୁଗନ୍ଧ ଫୁଲ ଓ ଚନ୍ଦନ ସହିତ କ୍ଷୀର ତଥା ପଞ୍ଚାମୃତ ମିଶାଇ ଠାକୁରଙ୍କୁ ସ୍ନାନ କରାଯିବ। ଏହାପରେ ରୁଦ୍ରାଭିଷେକ ପାଠ କରାଯିବ । ଏହାପରେ ଅଷ୍ଟାକ୍ଷରୀ ମନ୍ତ୍ର ପାଠ ହେବ । ଏହାପରେ ଷୋଳ ଉପଚାରରେ ପୂଜା ହୁଏ ।

### ଶିବପାର୍ବତୀ ବିବାହ ବା ଶୀତଳ ଷଷ୍ଠୀ

ଓଡ଼ିଶାର ପୁରପଲ୍ଲୀରେ ଶିବ ବିବାହ ବା ଶୀତଳ ଷଷ୍ଠୀ ଉତ୍ସବ ପାଳିତ ହୋଇଥାଏ । ଜ୍ୟୋଷ୍ଠମାସ ଶୁକ୍ଳ ପ୍ରତିପଦା ଠାରୁ ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି ଯାତ୍ରା ଉତ୍କଳୀୟ ଧର୍ମ, ସମାଜ ଓ ସଂସ୍କୃତି ତଥା ଶାନ୍ତି ମୈତ୍ରୀର ଏକ ପାରମ୍ପରିକ ପର୍ବ ରୂପେ ପାଳିତ ହୋଇ ଆସୁଛି । ଓଡ଼ିଶାର ଧାର୍ମିକ ପରମ୍ପରାରେ ଗଣପର୍ବର ମାନ୍ୟତା ଲାଭ କରିଥିବା ଏହି ପର୍ବ ଉତ୍କଳୀୟ ସଂସ୍କୃତିର ସ୍ମାରକ । ଯାତ୍ରା ପାଳନ ଉପଲକ୍ଷେ ବୈଶାଖ ଶୁକ୍ଳ ତୃତୀୟା ବା ପବିତ୍ର ଅକ୍ଷୟ ତୃତୀୟା ଠାରୁ ଏହି ଉତ୍ସବର ପ୍ରାରମ୍ଭିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥାଏ । ସେହିଦିନ କନ୍ୟାପିତା ଚୟନ କରାଯାଏ । ଏଥି ସହିତ ଶିବ ମନ୍ଦିରମାନଙ୍କରେ ପ୍ରସ୍ତୁତି ପର୍ବ ଯଥା- ରଥ ଓ ମେଢ଼ ନିର୍ମାଣ ଆଦି କାର୍ଯ୍ୟର ଅନୁକୂଳ ହୋଇଥାଏ । ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ ତିଥିରେ କନ୍ୟା ପିତାଙ୍କ ଗୃହରେ ବିବାହ ନିମନ୍ତେ ନିର୍ବନ୍ଧ କର୍ମ ଅନୁଷ୍ଠିତ ହୁଏ । ପଞ୍ଚମୀ ଦିନ ପାର୍ବତୀଙ୍କୁ ମନ୍ଦିର ମଧ୍ୟରେ ବିମାନରେ କନ୍ୟାପିତାଙ୍କ ଗୃହକୁ ଅଣାଯାଇଥାଏ । ଦେବୀଙ୍କୁ ନାନାଦି ସୁନା ରୂପା ଅଳଙ୍କାର ଓ ପାଟ ବସ୍ତ୍ରରେ କନ୍ୟାବେଶରେ ସଜାଇ ଦିଆଯାଏ । ସନ୍ଧ୍ୟାରେ ଶିବଙ୍କୁ ବରବେଶରେ ସଜାଇ ବୃଷଭ ବାହନ ମେଢ଼ ବା ରଥରେ ବସାଇ କନ୍ୟାପିତାଙ୍କ ଗୃହକୁ ବରଯାତ୍ରୀ ସହ ବାଣ, ବାଦ୍ୟ ବଜାଇ ପଟୁଆରାରେ ଅଣାଯାଏ । ବିବାହ ମଣ୍ଡପରେ ଶିବପାର୍ବତୀ କନ୍ୟା ରୂପରେ ବସନ୍ତି । ବାଟ ବରଣ, ପାଣିଗ୍ରହଣ, ହସ୍ତଗଣ୍ଠି ବନ୍ଧନ, କନ୍ୟାଦାନ, କଉଡ଼ି ଖେଳ ଓ ବନ୍ଦାପନା ଆଦି ଦୃଶ୍ୟ ମନୋହର ହୋଇଥାଏ । ବୈଦିକ ବିଧାନ ଅନୁସାରେ ବିବାହ ସମ୍ପନ୍ନ ହୋଇଥାଏ । ବିବାହ ଉପଲକ୍ଷେ କନ୍ୟାପିତାଙ୍କର ନିମନ୍ତ୍ରିତ ବନ୍ଧୁବାନ୍ଧବ ବିଭିନ୍ନ ଭାର, ବେଭାର ଅର୍ପଣ କରନ୍ତି । କନ୍ୟା ପକ୍ଷରୁ ଆସିଥିବା ବନ୍ଧୁବାନ୍ଧବ ଓ ବରଯାତ୍ରୀମାନଙ୍କ ନିମନ୍ତେ ପ୍ରୀତି ଭୋଜନର ବ୍ୟବସ୍ଥା କରାଯାଇଥାଏ । ବିବାହର ପରଦିନ ଶୀତଳ ଷଷ୍ଠୀ ଯାତ୍ରା । ଶିବ ପାର୍ବତୀ ସ୍ୱମନ୍ଦିରକୁ ଯାତ୍ରା କରନ୍ତି ।

### ଜଳଛାୟା

ଗ୍ରୀଷ୍ମଋତୁରେ ଢେଙ୍କାନାଳର ଶୈବପୀଠଗୁଡ଼ିକରେ ଜଳଛାୟା ମହୋତ୍ସବ ପାଳିତ ହୁଏ । ଏହି ଅବସରରେ ଠାକୁରଙ୍କର ଜଳଲାଗି ହୁଏ । ଏହିଦିନରେ ଶିବଙ୍କୁ ୧୦୮ କଳସୀ ଜଳରେ ସ୍ନାନ କରାଯାଏ । ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥାଏ । ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଏ । ଏତଦବ୍ୟତୀତ ଢେଙ୍କାନାଳର ଶୈବପୀଠଗୁଡ଼ିକରେ ମେଷ ସଂକ୍ରାନ୍ତି, ଦମନକ ଚତୁର୍ଦ୍ଦଶୀ, ଶିବ ପବିତ୍ରାରୋପଣ, ଶାରତ କାଳୀନ ଦୁର୍ଗୋତ୍ସବ, ପ୍ରଥମାଷ୍ଟମୀ, ଓଢଣ ଷଷ୍ଠୀ, ଧନୁସଂକ୍ରାନ୍ତି, ମକର ସଂକ୍ରାନ୍ତି ଇତ୍ୟାଦି ପର୍ବପର୍ବାଣୀ ପାଳନ କରାଯାଏ ।

### ପ୍ରାନ୍ତଟୀକା:-


୧.ପୂର୍ଣ୍ଣଚନ୍ଦ୍ର ଭାଷାକୋଷ,ପୃ-୧୧୮୩ ।

୨.ସାହୁ ବାସୁଦେବ: ଓଡ଼ିଆ ଶବ୍ଦ ବ୍ୟୁତ୍ପତ୍ତି ବିଜ୍ଞାନ । କୋଣାର୍କ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨ । ପୃ-୯୬ ।

୩.ନାୟକ ସଦାନନ୍ଦ: ଲୋକଧର୍ମ ଓ ଲୋକ ସାହିତ୍ୟ । ଗାୟତ୍ରୀ ବୁକ୍ସ, କଲ୍ପନା ଛକ, ଭୁବନେଶ୍ୱର, ୧ମ ମୁଦ୍ରଣ-୧୯୯୯, ପୃ

୪.ଦାଶ ସୁଦର୍ଶନ: ସାବିତ୍ରୀ ଓ ଶିବରାତ୍ରୀ ବ୍ରତକଥା । ଲୋକସେବା ଯନ୍ତ୍ରାଳୟ, କଟକ, ୧ମ ମୁଦ୍ରଣ-୧୯୨୨ । ପୃ-୨୧ ।

୫. ରଥ ଗୋବିନ୍ଦ: ଶିବରାତ୍ରି ବ୍ରତକଥା ଓ ଉପବାସ ବିଧି । ପୃ-୪

୬. ପ୍ରଧାନ କ୍ଷେତ୍ରମୋହନ: ବୃହତ୍ ଶିବ ପୁରାଣ (୩ୟ ଖଣ୍ଡ), ଧର୍ମଗ୍ରନ୍ଥ ଷ୍ଟୋର, ଆଲିଶା ବଜାର, କଟକ-୨ । ପୃ-୧୧୪ ।

୭. ରଥ ଗୋବିନ୍ଦ: ଶିବରାତ୍ରି ବ୍ରତକଥା ଓ ଉପବାସବିଧି । ପୃ-୯ ।

୮. ପ୍ରହରାଜ ଭବାନୀ: ଧବଳେଶ୍ୱରଙ୍କ ବୃହତ ବ୍ରତକଥା ବା ବଡ଼ଓଷା ।

୯.ବଡ଼ଜେନା ବ୍ରଜନାଥ: ଚତୁର ବିନୋଦ (ସଂ. ସୁଧାକର ପଟ୍ଟନାୟକ) । ପ୍ରାଚୀ ସମିତି, ଷ୍ଟୁଡେଣ୍ଟ ଷ୍ଟୋର । ୧୯୪୬ । ପୃ-୫୬ ।

୧୦. ଲିଙ୍ଗ ପୁରାଣ, ପୃ-୨୧୬ ।


### ସହାୟିକା :-


**୧ ) ପ୍ରହରାଜ, ଗୋପାଳ ଚନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (୧ମ ଖଣ୍ଡ)। ଉତ୍କଳ ସାହିତ୍ୟ ପ୍ରେସ୍, କଟକ, ପ୍ରଥମ ପ୍ରକାଶ- ୧୯୩୮।**

**୨)ରଥ, ଗୋବିନ୍ଦ, ଶିବରାତ୍ରି ବ୍ରତକଥା ଓ ଉପବାସ ବିଧି, ପ୍ରକାଶକ ଗୋବିନ୍ଦ ରଥ, କଟକ, ୧୯୧୦।**

**୩)ପ୍ରହରାଜ, ଭବାନୀ, ଧବଳେଶ୍ୱରଙ୍କ ବୃହତ୍ ବ୍ରତ ବା ବଡ଼ଓଷା। ଆଠଗଡ଼ ମହାରାଜା ଶ୍ରୀକର୍ଣ୍ଣ ରାଧାନାଥ ବେବର୍ତ୍ତା, ୨ୟ ସଂସ୍କରଣ-୧୯୧୪।**

**୪) ପ୍ରଧାନ, କ୍ଷେତ୍ରମୋହନ (ସଂ), ଲିଙ୍ଗ ପୁରାଣ, ଧର୍ମଗ୍ରନ୍ଥ**


■ ■ ■

ISSN - 3139 - 9940 (ONLINE)
ପଞ୍ଚରା
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ଲୋକସଂସ୍କୃତି ଓ ଭୌତିକବିଜ୍ଞାନର ସମ୍ପର୍କ

ଆଲିଶ କୁମାର କର୍ଣ୍ଣ

ଗବେଷକ, ବିଶ୍ୱଭାରତୀ, ଶାନ୍ତିନିକେତନ , ପଶ୍ଚିମବଙ୍ଗ
DOI - https://doi.org/10.5281/zenodo.23350513

## ସାରାଂଶ

ଲୋକସଂସ୍କୃତି (Folklore) ପାରମ୍ପରିକ ଜ୍ଞାନ, ବିଶ୍ୱାସ, ଅଭ୍ୟାସ, ପ୍ରଥା, ଆଖ୍ୟାନ ଏବଂ ପର୍ଯ୍ୟବେକ୍ଷଣକୁ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ସ୍ଥାନାନ୍ତରିତ କରିଥାଏ । ଯଦିଓ ଏହା ପ୍ରାୟତଃ ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ସହିତ ଜଡ଼ିତ, ଅନେକ ପାରମ୍ପରିକ ପ୍ରଥାରେ ପ୍ରାକୃତିକ ଘଟଣାଗୁଡ଼ିକର ପର୍ଯ୍ୟବେକ୍ଷଣ ଥାଏ ଯାହାକୁ ଆଧୁନିକ ବିଜ୍ଞାନର ନୀତି ମାଧ୍ୟମରେ ପରୀକ୍ଷା କରାଯାଇପାରିବ। ପଦାର୍ଥ, ଶକ୍ତି, ଗତି, ବଳ, ତାପ, ଶବ୍ଦ, ଆଲୋକ ଏବଂ ଅନ୍ୟାନ୍ୟ ଭୌତିକ ଘଟଣାଗୁଡ଼ିକର ପଦ୍ଧତିଗତ ଅଧ୍ୟୟନ ଭାବରେ ପଦାର୍ଥବିଜ୍ଞାନ ପାରମ୍ପରିକ ଜ୍ଞାନର ବୈଜ୍ଞାନିକ ପରିମାଣ ପରୀକ୍ଷା କରିବା ପାଇଁ ଏକ ଉପଯୋଗୀ ଢାଞ୍ଚା ପ୍ରଦାନ କରେ । ତେଣୁ ପାରମ୍ପରିକ ବିଶ୍ୱାସ ଏବଂ ପ୍ରଥାରେ ସନ୍ନିହିତ ଭୌତିକ ଘଟଣାଗୁଡ଼ିକୁ ଚିହ୍ନଟ କରି ଏବଂ ବୈଜ୍ଞାନିକ ଯୁକ୍ତି ମାଧ୍ୟମରେ ସେଗୁଡ଼ିକୁ ପରୀକ୍ଷା କରି ଲୋକସଂସ୍କୃତି ଏବଂ ଭୌତିକବିଜ୍ଞାନ ମଧ୍ୟରେ ସମ୍ପର୍କ ଅଧ୍ୟୟନ କରାଯାଇପାରିବ । ଅଗ୍ନିଚାଲିବା, ବଜ୍ର ଏବଂ ବିଜୁଳି, ପ୍ରତିଧ୍ୱନି, ଇନ୍ଦ୍ରଧନୁ, ପାରମ୍ପରିକ ପାଣିପାଗ ପର୍ଯ୍ୟବେକ୍ଷଣ, ଭାସମାନ ଦୀପ ଏବଂ ଲୋକ ବାଦ୍ୟଯନ୍ତ୍ର ଭଳି ଉଦାହରଣଗୁଡ଼ିକ ଦର୍ଶାଏ ଯେ, ପ୍ରାକୃତିକ ଘଟଣା ଲୋକସଂସ୍କୃତି ମଧ୍ୟରେ ସାଂସ୍କୃତିକ କିମ୍ବା ପ୍ରତୀକାତ୍ମକ ବ୍ୟାଖ୍ୟା କିପରି ହାସଲ କରିପାରେ । ସେହି ସମୟରେ, ବୈଜ୍ଞାନିକ ବିଶ୍ଳେଷଣ ଆବଶ୍ୟକ ଭାବରେ ପ୍ରତ୍ୟେକ ପାରମ୍ପରିକ ବିଶ୍ୱାସକୁ ବୈଧ କରେ ନାହିଁ; ବରଂ ଏହା ପର୍ଯ୍ୟବେକ୍ଷଣଯୋଗ୍ୟ ଭୌତିକ ଘଟଣାଗୁଡ଼ିକୁ ଅଲୌକିକ କିମ୍ବା ସାଂସ୍କୃତିକ ଭାବରେ ନିର୍ମିତ ବ୍ୟାଖ୍ୟାରୁ ପୃଥକ କରେ । ଏପରି ଏକ ଅନ୍ତଃଶାଖାଗତ ପଦ୍ଧତି (interdisciplinary methods) ପ୍ରାକୃତିକ ଜଗତ ବିଷୟରେ ସମ୍ପ୍ରଦାୟଗୁଡ଼ିକ କିପରି ପର୍ଯ୍ୟବେକ୍ଷଣ, ବ୍ୟାଖ୍ୟା, ମନେରଖିବା ଏବଂ ପ୍ରକାଶନ କରିଛନ୍ତି, ତାହା ପ୍ରକାଶ କରିବାରେ ସାହାଯ୍ୟ କରେ । ତେଣୁ ପଦାର୍ଥବିଜ୍ଞାନ ମାଧ୍ୟମରେ ଲୋକସଂସ୍କୃତି ଅଧ୍ୟୟନ ପାରମ୍ପରିକ ଜ୍ଞାନ, ସାଂସ୍କୃତିକ ଅଭ୍ୟାସ ଏବଂ ବୈଜ୍ଞାନିକ ଚିନ୍ତାଧାରା ମଧ୍ୟରେ ସମ୍ପର୍କର ଏକ ବ୍ୟାପକ ବୁଝାମଣାରେ ସହାୟକ ହୁଏ ।

**ମୂଳଶବ୍ଦ** - ଲୋକସଂସ୍କୃତି, ପଦାର୍ଥ ବିଜ୍ଞାନ, ପାରମ୍ପରିକ ଜ୍ଞାନ, ବୈଜ୍ଞାନିକ ଦୃଷ୍ଟି, ପ୍ରାକୃତିକ ଘଟଣା, ସାଂସ୍କୃତିକ ବିଶ୍ୱାସ, ଅଗ୍ନିଚାଳନ, ଶବ୍ଦ, ଆଲୋକ, ଉତ୍ତାପ, ଧ୍ୱନି, ଆନ୍ତଃଶାଖାଗତ ଶିକ୍ଷା ।

ଲୋକସଂସ୍କୃତି (folklore) ଏବଂ ପଦାର୍ଥବିଜ୍ଞାନ (physics) ଜ୍ଞାନର ଦୁଇଟି ଭିନ୍ନ କ୍ଷେତ୍ର ପରି ମନେହୋଇପାରେ, କିନ୍ତୁ ମାନବୀୟ ଅନୁଭୂତି, ପ୍ରକୃତିର ପର୍ଯ୍ୟବେକ୍ଷଣ ଏବଂ ପ୍ରାକୃତିକ ଘଟଣାବଳୀର ବ୍ୟାଖ୍ୟା ମାଧ୍ୟମରେ ସେଗୁଡ଼ିକ ପରସ୍ପର ସହ ଜଡ଼ିତ । ଲୋକସଂସ୍କୃତି ମଧ୍ୟରେ ପାରମ୍ପାରିକ ବିଶ୍ୱାସ, ମୌଖିକ କାହାଣୀ, ରୀତିନୀତି, ପ୍ରବାଦ-ପ୍ରବଚନ, କର୍ମକାଣ୍ଡ, ଲୋକଗୀତ ଏବଂ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତରିତ ହେଉଥିବା ଦେଶଜ ଜ୍ଞାନ ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ, ପଦାର୍ଥବିଜ୍ଞାନ ହେଉଛି ପ୍ରାକୃତିକ ବିଜ୍ଞାନର ଏକ ଶାଖା ଯାହା ପଦାର୍ଥ, ଶକ୍ତି, ଗତି, ବଳ ଏବଂ ବ୍ରହ୍ମାଣ୍ଡକୁ ପରିଚାଳିତ କରୁଥିବା ମୌଳିକ ନିୟମଗୁଡ଼ିକ ବିଷୟରେ ଅନୁସନ୍ଧାନ କରିଥାଏ ।

ଆଧୁନିକ ବୈଜ୍ଞାନିକ ପଦ୍ଧତିର ଆବିର୍ଭାବ ପୂର୍ବରୁ ପାରମ୍ପାରିକ ସମ୍ପ୍ରଦାୟଗୁଡ଼ିକ କିପରି ପ୍ରାକୃତିକ ଘଟଣାବଳୀକୁ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ସେଗୁଡ଼ିକ ପାଇଁ ବ୍ୟାଖ୍ୟା ପ୍ରସ୍ତୁତ କରୁଥିଲେ, ତାହା ଅନୁଧ୍ୟାନ କରି ଲୋକସଂସ୍କୃତି ଓ ପଦାର୍ଥ ବିଜ୍ଞାନ ମଧ୍ୟରେ ଥିବା ସମ୍ପର୍କକୁ ବୁଝାଯାଇପାରିବ । ଉଦାହରଣ ସ୍ୱରୂପ, ଋତୁ ପରିବର୍ତ୍ତନ, ଶବ୍ଦ, ଅଗ୍ନି, ଜଳ, ପବନ ଏବଂ ଆକାଶୀୟ ପିଣ୍ଡର ଗତିବିଧି ସମ୍ବନ୍ଧୀୟ ପାରମ୍ପାରିକ ଜ୍ଞାନ ପ୍ରାୟତଃ ବାରମ୍ବାର ପର୍ଯ୍ୟବେକ୍ଷଣ ଏବଂ ବ୍ୟାବହାରିକ ଅନୁଭୂତି ମାଧ୍ୟମରେ ବିକଶିତ ହୋଇଥିଲା । ପଦାର୍ଥବିଜ୍ଞାନ ଏହି ପର୍ଯ୍ୟବେକ୍ଷଣଗୁଡ଼ିକୁ ପରୀକ୍ଷା କରିବା ଏବଂ ସେଗୁଡ଼ିକର ମୂଳ କାରଣ ବା ପ୍ରକ୍ରିୟାକୁ ବ୍ୟାଖ୍ୟା କରିବା ପାଇଁ ବୈଜ୍ଞାନିକ ପଦ୍ଧତି ପ୍ରଦାନ କରିଥାଏ ।

ବାସ୍କମ୍ (୧୯୫୪) ବ୍ୟାଖ୍ୟା କରିଥିଲେ ଯେ ଲୋକସଂସ୍କୃତି ସମାଜରେ ଶିକ୍ଷା, ସାଂସ୍କୃତିକ ନିରନ୍ତରତା ଏବଂ ସାମାଜିକ ମୂଲ୍ୟବୋଧର ହସ୍ତାନ୍ତରଣ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସେହିଭଳି, ଡୁଣ୍ଡେସ (୧୯୬୫) ସାଂସ୍କୃତିକ ଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଭିବ୍ୟକ୍ତି ଭାବରେ ଲୋକସଂସ୍କୃତିର ଅଧ୍ୟୟନର ଗୁରୁତ୍ୱ ପ୍ରତିପାଦିତ କରିଥିଲେ । ଏହି ଦୃଷ୍ଟିକୋଣରୁ, ଲୋକସଂସ୍କୃତିକୁ କେବଳ ଏକ ସାଂସ୍କୃତିକ ଐତିହ୍ୟ ଭାବରେ ନୁହେଁ, ବରଂ ପ୍ରାକୃତିକ ଜଗତ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ସ ଭାବରେ ମଧ୍ୟ ଅଧ୍ୟୟନ କରାଯାଇପାରିବ ।

ତଥାପି, ବୈଜ୍ଞାନିକ ଭାବେ ଅନୁସନ୍ଧାନଯୋଗ୍ୟ ପାରମ୍ପରିକ ପର୍ଯ୍ୟବେକ୍ଷଣ ଏବଂ ଅଲୌକିକ ବା ପ୍ରତୀକାତ୍ମକ ବିଶ୍ୱାସ (ଯାହା ସର୍ବଦା ବୈଜ୍ଞାନିକ ବ୍ୟାଖ୍ୟା ହୋଇନଥାଏ) ମଧ୍ୟରେ ପାର୍ଥକ୍ୟ ବୁଝିବା ଗୁରୁତ୍ୱପୂର୍ଣ୍ଣ । ତେଣୁ, ଲୋକସଂସ୍କୃତି ଓ ପଦାର୍ଥବିଜ୍ଞାନ ମଧ୍ୟରେ ଥିବା ସମ୍ପର୍କକୁ ପାରମ୍ପରିକ ସାଂସ୍କୃତିକ ଜ୍ଞାନ ଏବଂ ପ୍ରମାଣ-ଭିତ୍ତିକ ବୈଜ୍ଞାନିକ ଅନୁସନ୍ଧାନ ମଧ୍ୟରେ ଏକ ସଂଳାପ ଭାବରେ ବୁଝିବା ସର୍ବୋତ୍ତମ ।

ଲୋକସଂସ୍କୃତିରେ ପିଢ଼ିରୁ ପିଢ଼ିକୁ ସମୁଦାୟ ମଧ୍ୟରେ ପ୍ରଚଳିତ ପାରମ୍ପରିକ ବିଶ୍ୱାସ, ପ୍ରଥା, କାହାଣୀ, ରୀତିନୀତି, ପ୍ରବଚନ, ଆଚାର-ଅନୁଷ୍ଠାନ ଓ ଜ୍ଞାନର ବିଭିନ୍ନ ରୂପ ସମ୍ମିଳିତ ହୁଏ। ଏହା ପ୍ରାକୃତିକ ଓ ସାମାଜିକ ଜଗତ ସମ୍ପର୍କରେ ସମୁଦାୟର ସାମୂହିକ ପର୍ଯ୍ୟବେକ୍ଷଣ ଓ ବ୍ୟାଖ୍ୟାକୁ ସଂରକ୍ଷଣ କରିପାରେ । ଅନ୍ୟପକ୍ଷରେ ଭୌତିକବିଜ୍ଞାନ ହେଉଛି ପଦାର୍ଥ, ଶକ୍ତି, ଗତି, ବଳ,

ଧ୍ୱନି, ଆଲୋକ, ବିଦ୍ୟୁତ, ଚୁମ୍ବକତ୍ୱ ଏବଂ ଭୌତିକ ଘଟଣାକୁ ନିୟନ୍ତ୍ରଣ କରୁଥିବା ମୌଳିକ ନିୟମଗୁଡ଼ିକ ସମ୍ପର୍କରେ ଅଧ୍ୟୟନ କରୁଥିବା ଏକ ବ୍ୟବସ୍ଥିତ ବିଜ୍ଞାନ (Urone & Hinrichs, 2012) । ଲୋକସଂସ୍କୃତି ଓ ଭୌତିକବିଜ୍ଞାନର ସମ୍ପର୍କର ଅର୍ଥ ଏହା ନୁହେଁ ଯେ ସମସ୍ତ ପାରମ୍ପରିକ ବିଶ୍ୱାସ ବୈଜ୍ଞାନିକ ଭାବେ ଠିକ୍ ବରଂ, ଲୋକସଂସ୍କୃତି ପ୍ରାକୃତିକ ଘଟଣାର ପର୍ଯ୍ୟବେକ୍ଷଣକୁ ସଂରକ୍ଷଣ କରିପାରେ, ଯେତେବେଳେ ଭୌତିକବିଜ୍ଞାନ ସେହି ପର୍ଯ୍ୟବେକ୍ଷଣର କିଛି ଅଂଶ ପାଇଁ ପରୀକ୍ଷଣଯୋଗ୍ୟ ବୈଜ୍ଞାନିକ ବ୍ୟାଖ୍ୟା ଦେଇପାରେ ।

## ୧) ମାଟିପାତ୍ର ବା ମାଠିଆରେ ପାଣି ରଖିବା (Storing Water in Earthen Pots)

ଓଡ଼ିଆ ଲୋକସଂସ୍କୃତିରେ ଖରାଦିନେ ମାଟି ପାତ୍ର ବା ମାଠିଆରେ ପାଣି ରଖିବା ଏକ ପାରମ୍ପରିକ ପ୍ରଥା । ଲୋକବିଶ୍ୱାସ ଅନୁସାରେ, ମାଟି ପାତ୍ରରେ ରଖାଯାଇଥିବା ଜଳ ଶୀତଳ, ସ୍ୱଚ୍ଛ ଓ ପବିତ୍ର ରହିଥାଏ । ପାନୀୟ ଜଳକୁ ମାଟିପାତ୍ର ବା ମାଠିଆରେ ସଞ୍ଚୟ କରିବାର ପାରମ୍ପରିକ ପ୍ରଥାକୁ ଭୌତିକ ବିଜ୍ଞାନର ସିଦ୍ଧାନ୍ତଗୁଡ଼ିକଦ୍ୱାରା ବୈଜ୍ଞାନିକ ଭାବେ ବ୍ୟାଖ୍ୟା କରାଯାଇପାରେ, ବିଶେଷକରି ବାଷ୍ପୀଭବନ ଶୀତଳୀକରଣ (evaporative cooling), ତାପ ସ୍ଥାନାନ୍ତରଣ (heat transfer), ବାଷ୍ପୀଭବନର ଗୁପ୍ତ ତାପ (latent heat of vaporization) ଏବଂ ମାଟିର ଛିଦ୍ରାଳୁ ସ୍ୱଭାବ (porous nature of clay) ମାଧ୍ୟମରେ (Cengel & Ghajar, 2020। ଯଦିଓ ଏହି ପ୍ରଥା ଶତାବ୍ଦୀଧରି ଲୋକସଂସ୍କୃତି (folklore) ଭାବେ ଚାଲିଆସୁଛି, ତଥାପି ଆଧୁନିକ ବିଜ୍ଞାନ ଏହାକୁ ସୁଚିନ୍ତିତ ଭୌତିକ ସିଦ୍ଧାନ୍ତ ଉପରେ ଆଧାରିତ ବୋଲି ସ୍ପଷ୍ଟ କରେ ।

## ୨) ବଜ୍ରପାତ ଓ ବିଜୁଳି ଚମକ (Lighting)

ବିଜୁଳି ମଣିଷ ସମାଜପାଇଁ ଏକ ଆଶ୍ଚର୍ଯ୍ୟଜନକ ଓ ଭୟଙ୍କର ପ୍ରାକୃତିକ ଘଟଣା । ପ୍ରାଚୀନ ସମୟରେ ଲୋକମାନେ ବିଜୁଳି କିପରି ସୃଷ୍ଟି ହୁଏ ତାହା ଜାଣିନଥିଲେ । ଆକାଶରେ ହଠାତ୍ ଆଲୋକ ଚମକିବା ଓ ତା'ପରେ ଜୋରରେ ଘଡ଼ଘଡ଼ି ହେବା ଘଟଣାକୁ ସେମାନେ ଦେବତା, ଅଲୌକିକ ଶକ୍ତି ବା ଆକାଶରେ ଘଟୁଥିବା କୌଣସି ଅସାଧାରଣ କାର୍ଯ୍ୟ ସହିତ ଯୋଡ଼ି ବୁଝୁଥିଲେ। ଏହିପରି ଧାରଣାରୁ ବିଜୁଳି ଓ ଘଡ଼ଘଡ଼ିକୁ ନେଇ ବିଭିନ୍ନ ଲୋକକଥା ଓ ବିଶ୍ୱାସ ସୃଷ୍ଟି ହୋଇଥିଲା ।

ଆଧୁନିକ ବିଜ୍ଞାନ ଅନୁସାରେ ବିଜୁଳି କୌଣସି ଦେବତାଙ୍କ ଶକ୍ତି ବା ଅଲୌକିକ ଘଟଣା ନୁହେଁ । ଏହା ବାୟୁମଣ୍ଡଳରେ ଘଟୁଥିବା ଏକ ବଡ଼ ବିଦ୍ୟୁତ୍ ନିର୍ଗମନ (electrical discharge) । ବଡ଼ ଘଡ଼ଘଡ଼ିଆ ମେଘ ବା thundercloud ମଧ୍ୟରେ ଜଳକଣା, ବରଫ କଣିକା ଓ ଛୋଟ ଛୋଟ ବରଫ-ଜଳ କଣିକା ଦ୍ରୁତ ଗତିରେ ଉପର-ତଳକୁ ଚଳାଚଳ କରନ୍ତି । ସେମାନଙ୍କ ମଧ୍ୟରେ ଧକ୍କା ଓ ଗତି ଯୋଗୁଁ ବିଦ୍ୟୁତ୍ ଆବେଶ (electric charge) ଅଲଗା ହେବା ଆରମ୍ଭ ହୋଇଥାଏ । ମେଘର ଉପର ଅଂଶରେ ସାଧାରଣତଃ ଧନାତ୍ମକ ଆବେଶ (Positive charge) ଏବଂ ତଳ ଅଂଶରେ ଋଣାତ୍ମକ ଆବେଶ (Negative charge) ଅଧିକ ସଞ୍ଚିତ ହୁଏ (Cooray, 2015) ।

ଯେତେବେଳେ ମେଘ ମଧ୍ୟରେ ବା ମେଘ ଓ ପୃଥିବୀ ମଧ୍ୟରେ ବିଦ୍ୟୁତ୍ ଆବେଶର ପାର୍ଥକ୍ୟ ବହୁତ ବଢ଼ିଯାଏ, ସେତେବେଳେ ବାୟୁ ଆଉ ବିଦ୍ୟୁତ୍ ପ୍ରବାହକୁ ରୋକିପାରେ ନାହିଁ । ଫଳରେ ହଠାତ୍ ବିଦ୍ୟୁତ୍ ନିର୍ଗମନ ହୁଏ । ଏହି ନିର୍ଗମନ ସମୟରେ ଆମେ ଆକାଶରେ ଯେଉଁ ତୀବ୍ର ଆଲୋକ ଦେଖୁଥାଉ, ତାହାକୁ ବିଜୁଳି (lightning) କୁହାଯାଏ । ବିଜୁଳି ମେଘ ମଧ୍ୟରେ, ଦୁଇଟି ମେଘ ମଧ୍ୟରେ କିମ୍ବା ମେଘ ଓ ପୃଥିବୀ ମଧ୍ୟରେ ମଧ୍ୟ ହୋଇପାରେ (Cooray, 2015) ।

ବିଜୁଳି ସହିତ ଯେଉଁ ଘଡ଼ଘଡ଼ି ଶବ୍ଦ ଶୁଣାଯାଏ, ତାହାର ମଧ୍ୟ ବୈଜ୍ଞାନିକ କାରଣ ଅଛି । ବିଜୁଳିର ବିଦ୍ୟୁତ୍ ପଥ ଚାରିପାଖର ବାୟୁକୁ ଅତ୍ୟନ୍ତ ଶୀଘ୍ର ଗରମ କରେ । ଗରମ ବାୟୁ ହଠାତ୍ ପ୍ରସାରିତ ହେବାରୁ ଶକ୍ତିଶାଳୀ ଧ୍ୱନିତରଙ୍ଗ ସୃଷ୍ଟି ହୁଏ । ଆମେ ଏହି ଧ୍ୱନିକୁ ଘଡ଼ଘଡ଼ି ବା thunder ଭାବରେ ଜାଣିଛେ (Cooray, 2015) ।

## ୩) ଅଗ୍ନିପଥ ଚାଲିବା ( Fire-walking)

ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ଅଗ୍ନିପଥ ଚାଲିବାର ପ୍ରଥା ଦେଖାଯାଏ । ଏହାକୁ ଆଧ୍ୟାତ୍ମିକ ଶକ୍ତି, ଦୈବୀ ସୁରକ୍ଷା, ପବିତ୍ରତା କିମ୍ବା ଧାର୍ମିକ ଆଚାର ସହିତ ସମ୍ପର୍କିତ କରାଯାଇପାରେ । କିନ୍ତୁ ବିଜ୍ଞାନ ଦୃଷ୍ଟିକୋଣରୁ ଗରମ ଅଙ୍ଗାର ଉପରେ ଖାଲି ପାଦରେ ଚାଲିବା ଅସମ୍ଭବ ଲାଗେ; କିନ୍ତୁ ଏହାକୁ ତାପ ସ୍ଥାନାନ୍ତରଣ (heat transfer) ଓ ତାପ ପରିବାହକତା (thermal conductivity) ଦ୍ୱାରା ବୁଝାଯାଇପାରେ । ଅଙ୍ଗାର ବହୁତ ଗରମ ହୋଇପାରେ, କିନ୍ତୁ ଏଥିରୁ ପାଦକୁ କେତେ ପରିମାଣରେ ତାପ ପହଞ୍ଚେ ତାହା ଗୁରୁତ୍ୱପୂର୍ଣ୍ଣ । କୋଇଲା ବା ଅଙ୍ଗାର ତାପର ଦୁର୍ବଳ ପରିବାହକ । ଧାତୁ ଭଳି ପଦାର୍ଥ ତାପକୁ ଶୀଘ୍ର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇପାରେ । କିନ୍ତୁ କାଠର ଅଙ୍ଗାର ତାପକୁ ଧୀରେ ଧୀରେ ପରିବହନ କରେ । ତେଣୁ ଅଙ୍ଗାର ବହୁତ ଗରମ ହେଲେ ମଧ୍ୟ ତାହାର ସମସ୍ତ ତାପ ତୁରନ୍ତ ପାଦକୁ ପହଞ୍ଚେ ନାହିଁ । (Willey, n.d.).

ପାଦ ଓ ଅଙ୍ଗାର ମଧ୍ୟରେ ସମ୍ପର୍କର ସମୟ ବହୁତ କମ୍। ଅଗ୍ନିପଥ ଚାଲିବା ସମୟରେ ପାଦ ଗୋଟିଏ ଅଙ୍ଗାର ଉପରେ ଅଧିକ ସମୟ ରହେ ନାହିଁ । ତେଣୁ ଅଙ୍ଗାରରୁ ପାଦକୁ ଅଧିକ ତାପ ଯିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳେ ନାହିଁ । ଅନ୍ୟ ଏକ କାରଣ ହେଉଛି ଅଙ୍ଗାର ଉପରେ ଥିବା ପାଉଁଶ । ପାଉଁଶ ମଧ୍ୟ ତାପର ଏକ ଦୁର୍ବଳ ପରିବାହକ । ତେଣୁ ଏହା ଅଙ୍ଗାରର ତାପକୁ ପାଦରେ ଶୀଘ୍ର ପହଞ୍ଚିବାରୁ କିଛି ମାତ୍ରାରେ ରୋକିପାରେ। ଅଙ୍ଗାର ଗରମ ହେଲେ ମଧ୍ୟ ଏହା ତାପକୁ ଶୀଘ୍ର ପରିବହନ କରେ ନାହିଁ, ପାଉଁଶ ତାପକୁ କିଛି ମାତ୍ରାରେ ରୋକେ ଏବଂ ପାଦ ଅଙ୍ଗାର ସହିତ ଅତି କମ୍ ସମୟ ସମ୍ପର୍କରେ ରହେ । ଏହି କାରଣରୁ କେତେକ ପରିସ୍ଥିତିରେ ଲୋକମାନେ ଗୁରୁତର ପୋଡ଼ା ବିନା ଅଙ୍ଗାର ଉପରେ ଚାଲିପାରନ୍ତି (Willey, n.d.) ।

## ୪) ଶୋଇବାର ଦିଗ (Sleeping direction)

କେତେକ ଦକ୍ଷିଣ ଏସୀୟ ପରମ୍ପରାରେ ଲୋକମାନଙ୍କୁ ମୁଣ୍ଡ ଉତ୍ତର ଦିଗକୁ ରଖି ନ ଶୋଇବାକୁ ପରାମର୍ଶ ଦିଆଯାଏ। ଭୌତିକବିଜ୍ଞାନ ନିଶ୍ଚିତ କରେ ଯେ ପୃଥିବୀର ଏକ ଚୁମ୍ବକୀୟ କ୍ଷେତ୍ର ରହିଛି ଏବଂ ଚୁମ୍ବକତ୍ୱ ଏକ ପ୍ରତିଷ୍ଠିତ ଭୌତିକ ଘଟଣା (Wolfe et al., 2015) (OpenStax) । କିନ୍ତୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଯୋଗୁଁ ମୁଣ୍ଡ ଉତ୍ତର ଦିଗକୁ ରଖି ଶୋଇଲେ ବିପଜ୍ଜନକ ରକ୍ତପ୍ରବାହ ସମସ୍ୟା ହୁଏ ବୋଲି ଯେ ଲୋକପ୍ରିୟ ଦାବି ରହିଛି, ତାହାପାଇଁ ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରମାଣ ମିଳିନାହିଁ ।

ଲୋକସଂସ୍କୃତି ଓ ଭୌତିକବିଜ୍ଞାନର ଶିକ୍ଷାମୂଳକ ଅଧ୍ୟୟନରେ ଏହି ପାର୍ଥକ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୌଣସି ଭୌତିକ ଘଟଣାର ଅସ୍ତିତ୍ୱ ମାତ୍ର ଏକ ପାରମ୍ପରିକ ବ୍ୟାଖ୍ୟାର ବୈଜ୍ଞାନିକ ସତ୍ୟତାକୁ ସ୍ୱତଃସିଦ୍ଧ କରେ ନାହିଁ । ପ୍ରସ୍ତାବିତ କାରଣତତ୍ତ୍ୱକୁ ପ୍ରାୟୋଗିକ ଗବେଷଣା ମାଧ୍ୟମରେ ପରୀକ୍ଷା କରିବା ଆବଶ୍ୟକ ।

### ୫) ପ୍ରତିଧ୍ୱନି ( Echo)

ପ୍ରତିଧ୍ୱନି ହେଉଛି ଏପରି ଏକ ପ୍ରାକୃତିକ ଘଟଣା, ଯେଉଁଥିରେ ଆମେ କୌଣସି ଶବ୍ଦ କରିବା ପରେ କିଛି ସମୟ ପରେ ସେହି ଶବ୍ଦକୁ ପୁଣି ଶୁଣିଥାଉ । ପାହାଡ଼, ଗୁମ୍ଫା, ବଡ଼ ପଥର, ଉଚ୍ଚ ପାହାଡ଼ିଆ ଅଞ୍ଚଳ କିମ୍ବା ଖାଲି ବଡ଼ ଘର ନିକଟରେ ପ୍ରତିଧ୍ୱନି ସ୍ପଷ୍ଟ ଭାବରେ ଶୁଣାଯାଏ। ବୈଜ୍ଞାନିକ ଜ୍ଞାନର ବିକାଶ ପୂର୍ବରୁ ଲୋକମାନେ ଏହି ଅଜଣା ଶବ୍ଦକୁ ଅଲୌକିକ ଶକ୍ତି, ପାହାଡ଼ର ଆତ୍ମା କିମ୍ବା ଦେବତାଙ୍କ ସହିତ ଯୋଡ଼ି ବୁଝୁଥିଲେ । ପାରମ୍ପରିକ କାହାଣୀଗୁଡ଼ିକରେ ପର୍ବତ, ଗୁମ୍ଫା, ମନ୍ଦିର ଓ ଅନ୍ୟାନ୍ୟ ବିଶେଷ ସ୍ଥାନରେ ରହସ୍ୟମୟ ସ୍ୱର, ପୁନରାବୃତ୍ତ ଧ୍ୱନି କିମ୍ବା ଅଲୌକିକ ସଂଯୋଗର ବର୍ଣ୍ଣନା ମିଳେ। ଏପରି କିଛି ଅନୁଭୂତି ସାଧାରଣ ଧ୍ୱନିବିଜ୍ଞାନୀୟ ଘଟଣା ସହିତ ସମ୍ପର୍କିତ ହୋଇପାରେ।

ଆଧୁନିକ ବିଜ୍ଞାନ ଅନୁସାରେ ପ୍ରତିଧ୍ୱନି କୌଣସି ଅଲୌକିକ ଶକ୍ତିର କାହାଣୀ ନୁହେଁ । ଏହା ଶବ୍ଦର ପ୍ରତିଫଳନ (reflection of sound) ଯୋଗୁଁ ହୁଏ । ଆମେ କୌଣସି ଶବ୍ଦ କଲେ ଶବ୍ଦ ତରଙ୍ଗ ବାୟୁ ମାଧ୍ୟମରେ ଆଗକୁ ଯାଏ । ଯଦି ଏହି ଶବ୍ଦ ତରଙ୍ଗ ଏକ ଦୃଢ଼ ଓ ବଡ଼ ପୃଷ୍ଠ—ଯଥା ପାହାଡ଼, ପଥର, ଉଚ୍ଚ କୋଠା ବା ଦେଉଳରେ ଧକ୍କା ଖାଏ, ତେବେ ଏହାର କିଛି ଅଂଶ ପଛକୁ ଫେରିଆସେ । ଏହି ଫେରିଥିବା ଶବ୍ଦକୁ ଆମେ ପ୍ରତିଧ୍ୱନି ବୋଲି କହୁ (National Council of Educational Research and Training [NCERT], 2025–2026) ।

ପ୍ରତିଧ୍ୱନି ସ୍ପଷ୍ଟ ଭାବରେ ଶୁଣିବା ପାଇଁ ମୂଳ ଶବ୍ଦ ଓ ଫେରିଥିବା ଶବ୍ଦ ମଧ୍ୟରେ ଅତି କମରେ ୦.୧ ସେକେଣ୍ଡର ତାରତମ୍ୟ ରହିବା ଆବଶ୍ୟକ । ବାୟୁରେ ଶବ୍ଦର ବେଗ ପ୍ରାୟ ୩୪୪ m/s ଧରିଲେ, ଶବ୍ଦକୁ ପ୍ରତିଫଳକ ପୃଷ୍ଠକୁ ଯାଇ ପୁଣି ଫେରିଆସିବା ପାଇଁ ପ୍ରାୟ ୩୪.୪ ମିଟର ଦୂରତା ଅତିକ୍ରମ କରିବାକୁ ପଡ଼େ । ତେଣୁ ଏକ ସ୍ପଷ୍ଟ ପ୍ରତିଧ୍ୱନି ପାଇଁ ପ୍ରତିଫଳକ ପୃଷ୍ଠଟି ଶବ୍ଦର ଉତ୍ସଠାରୁ ପ୍ରାୟ ୧୭.୨ ମିଟର କିମ୍ବା ତାଠାରୁ ଅଧିକ ଦୂରରେ ରହିବା ଆବଶ୍ୟକ (NCERT, 2025–2026) । କୌଣସି ପୃଷ୍ଠରୁ ଧ୍ୱନି ତରଙ୍ଗ ପ୍ରତିଫଳିତ ହୋଇ ପର୍ଯ୍ୟାପ୍ତ ସମୟାନ୍ତର ପରେ ଶ୍ରୋତାଙ୍କ ପାଖକୁ ଫେରିଆସିଲେ ତାହାକୁ ପ୍ରତିଧ୍ୱନି କୁହାଯାଏ । ଧ୍ୱନି ହେଉଛି ଏକ ଯାନ୍ତ୍ରିକ ତରଙ୍ଗ, ଯାହା କୌଣସି ମାଧ୍ୟମରେ ବିକ୍ଷୋଭ ଓ ଚାପର ପରିବର୍ତ୍ତନ ମାଧ୍ୟମରେ ଗତି କରେ (Urone & Hinrichs, 2012) । (OpenStax)

### ୬) ସୂର୍ଯ୍ୟ, ଋତୁ ଓ କୃଷିଭିତ୍ତିକ ଲୋକସଂସ୍କୃତି (The Sun, Seasons, and Agricultural Folklore)

ପାରମ୍ପରିକ କୃଷିନିର୍ଭର ସମୁଦାୟଗୁଡ଼ିକ ସୂର୍ଯ୍ୟ, ମେଘ, ପବନ, ବର୍ଷା, ଋତୁ ଓ ଅନ୍ୟାନ୍ୟ ପରିବେଶୀୟ ଘଟଣା ସମ୍ପର୍କରେ ଅନେକ ପ୍ରବଚନ, ବିଶ୍ୱାସ ଓ ପ୍ରଥା ବିକଶିତ କରିଛନ୍ତି । ଏପରି ପରମ୍ପରାଗୁଡ଼ିକ ପିଢ଼ି ପରେ ପିଢ଼ିର ପରିବେଶୀୟ ପର୍ଯ୍ୟବେକ୍ଷଣକୁ ସଂରକ୍ଷଣ କରିପାରେ ।

ବାୟୁମଣ୍ଡଳୀୟ ଘଟଣାକୁ ତାପମାତ୍ରା, ବାୟୁମଣ୍ଡଳୀୟ ଚାପ, ଆର୍ଦ୍ରତା, ସଂବହନ, ଘନୀଭବନ ଓ ବାୟୁର ଗତି ଭଳି ଚଳକମାନଙ୍କ ମାଧ୍ୟମରେ ବୈଜ୍ଞାନିକ ଭାବେ ଅଧ୍ୟୟନ କରାଯାଇପାରେ । ଉଦାହରଣ ସ୍ୱରୂପ, ବଜ୍ରଝଡ଼ ଅସ୍ଥିର ବାୟୁ, ଉଷ୍ମ ଓ ଆର୍ଦ୍ର ବାୟୁର ଊର୍ଦ୍ଧ୍ୱଗମନ, ଘନୀଭବନ ସହିତ ସମ୍ପର୍କିତ ବାୟୁମଣ୍ଡଳୀୟ ପରିସ୍ଥିତିରେ ବିକଶିତ ହୁଏ (NASA, n.d.) । (GPM Mission)

### ୭) ଭାସୁଥିବା ଦୀପ ଓ ଜଳ (Floating Lamps: Buoyancy)

ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ ପରିପ୍ରେକ୍ଷିତରେ ଜଳ ଉପରେ ଦୀପ କିମ୍ବା ଅନ୍ୟାନ୍ୟ ଛୋଟ ବସ୍ତୁ ରଖିବାର ପ୍ରଥା ଦେଖାଯାଏ । ଏପରି ପ୍ରଥାର ସାଂସ୍କୃତିକ ଅର୍ଥ ଧାର୍ମିକ କିମ୍ବା ପ୍ରତୀକାତ୍ମକ ହୋଇପାରେ; କିନ୍ତୁ ଭାସୁଥିବା ବସ୍ତୁର ଭୌତିକ ବ୍ୟବହାରକୁ ଉତ୍ପ୍ଲାବନ ବଳ (buoyant force) ମାଧ୍ୟମରେ ବ୍ୟାଖ୍ୟା କରାଯାଇପାରେ । ଆର୍କିମିଡିଜ୍‌ଙ୍କ ସିଦ୍ଧାନ୍ତ ଅନୁସାରେ, କୌଣସି ବସ୍ତୁ ଉପରେ କାର୍ଯ୍ୟ କରୁଥିବା ଉତ୍ପ୍ଲାବନ ବଳ ସେହି ବସ୍ତୁ ଦ୍ୱାରା ବିସ୍ଥାପିତ ତରଳର ଓଜନ ସମାନ ହୁଏ । ଯେତେବେଳେ ସମ୍ପର୍କିତ ବଳଗୁଡ଼ିକ ବସ୍ତୁକୁ ଜଳପୃଷ୍ଠରେ ରହିବାକୁ ସହାୟତା କରେ, ସେତେବେଳେ ବସ୍ତୁଟି ଭାସେ (Urone & Hinrichs, 2022) । (OpenStax)

### ୮) ଇନ୍ଦ୍ରଧନୁ ସମ୍ପର୍କିତ ଲୋକବିଶ୍ୱାସ (Rainbow related folklore)

ବିଭିନ୍ନ ସଂସ୍କୃତିରେ ଇନ୍ଦ୍ରଧନୁ ଅନେକ ପୌରାଣିକ କାହାଣୀ, ଲୋକକଥା ଓ ପ୍ରତୀକାତ୍ମକ ବ୍ୟାଖ୍ୟାର ଉତ୍ସ ହୋଇଛି । ଏହାକୁ ସେତୁ, ଦୈବୀ ସଙ୍କେତ, ଅଲୌକିକ ପଥ କିମ୍ବା ଅଲୌକିକ ସତ୍ତାର ପ୍ରକାଶ ଭାବେ ଦର୍ଶାଯାଇପାରେ ।

ଭୌତିକବିଜ୍ଞାନ ଅନୁସାରେ, ଜଳବିନ୍ଦୁ ସହିତ ସୂର୍ଯ୍ୟାଲୋକର ପାରସ୍ପରିକ କ୍ରିୟାରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ । ସୂର୍ଯ୍ୟାଲୋକ ଜଳବିନ୍ଦୁରେ ପ୍ରବେଶ କଲେ ଏହା ପ୍ରତିସରଣ, ଆଭ୍ୟନ୍ତରୀଣ ପ୍ରତିଫଳନ ଏବଂ ପୁନଃ ପ୍ରତିସରଣ ମାଧ୍ୟମରେ ଗତି କରେ । ଜଳର ପ୍ରତିସରଣାଙ୍କ ତରଙ୍ଗ ଦୈର୍ଘ୍ୟ ଅନୁସାରେ ପରିବର୍ତ୍ତିତ ହେବାରୁ ଧଳା ଆଲୋକ ତାହାର ଉପାଦାନ ତରଙ୍ଗ ଦୈର୍ଘ୍ୟରେ ବିଭକ୍ତ ହୋଇ ଦୃଶ୍ୟମାନ ବର୍ଣ୍ଣପଟ ସୃଷ୍ଟି କରେ (Urone & Hinrichs, 2022) । (OpenStax) ଇନ୍ଦ୍ରଧନୁ ଏହା ଦର୍ଶାଏ ଯେ ଏକ ଦୃଶ୍ୟମାନ ଓ ଆକର୍ଷଣୀୟ ପ୍ରାକୃତିକ ଘଟଣା ବିଭିନ୍ନ ସାଂସ୍କୃତିକ ବ୍ୟାଖ୍ୟା ଅର୍ଜନ କରିପାରେ, ଯଦିଓ ତାହାର ଏକ ସୁପ୍ରତିଷ୍ଠିତ ଭୌତିକ ବ୍ୟାଖ୍ୟା ରହିଛି।

### ଉପସଂହାର

ଲୋକସଂସ୍କୃତି ଓ ଭୌତିକବିଜ୍ଞାନର ସମ୍ପର୍କକୁ ପାରମ୍ପରିକ ଜ୍ଞାନ, ସାଂସ୍କୃତିକ ବ୍ୟାଖ୍ୟା ଓ ବୈଜ୍ଞାନିକ ବ୍ୟାଖ୍ୟା ମଧ୍ୟରେ ଥିବା ସମ୍ପର୍କ ଭାବେ ବୁଝାଯାଇପାରେ । ଲୋକସଂସ୍କୃତି ପ୍ରକୃତି, ପାଣିପାଗ, ଧ୍ୱନି, ଅଗ୍ନି, ଜଳ, ଆଲୋକ ଓ ଅନ୍ୟାନ୍ୟ ଭୌତିକ ଘଟଣା ସମ୍ପର୍କରେ ପର୍ଯ୍ୟବେକ୍ଷଣକୁ ସଂରକ୍ଷଣ କରେ। ଭୌତିକବିଜ୍ଞାନ ପର୍ଯ୍ୟବେକ୍ଷଣ, ମାପ, ପରୀକ୍ଷଣ, ଗାଣିତିକ ମଡେଲ ଓ ପରୀକ୍ଷଣଯୋଗ୍ୟ ବ୍ୟାଖ୍ୟା ମାଧ୍ୟମରେ ଏହି ଘଟଣାଗୁଡ଼ିକୁ ବ୍ୟବସ୍ଥିତ ଭାବେ ଅଧ୍ୟୟନ କରେ ।

ଲୋକସଂସ୍କୃତି ଏବଂ ପଦାର୍ଥବିଜ୍ଞାନ ମଧ୍ୟରେ ସମ୍ପର୍କ ପାରମ୍ପରିକ ପର୍ଯ୍ୟବେକ୍ଷଣରୁ ବୈଜ୍ଞାନିକ ବୁଝାମଣା ପର୍ଯ୍ୟନ୍ତ ଏକ ଆକର୍ଷଣୀୟ ଯାତ୍ରାକୁ ପ୍ରତିନିଧିତ୍ୱ କରେ । ପ୍ରାଚୀନ କାଳରୁ, ମଣିଷ ପ୍ରକୃତିର ରହସ୍ୟଗୁଡ଼ିକୁ ଅବଲୋକନ କରିଆସିଛି ଏବଂ କାହାଣୀ, ରୀତିନୀତି, ପ୍ରଥା, ପ୍ରବାଦ ଏବଂ ପାରମ୍ପରିକ ଅଭ୍ୟାସ ମାଧ୍ୟମରେ ସେମାନଙ୍କର ଅଭିଜ୍ଞତା ପ୍ରକାଶ କରିଛି। ଏହି ସାଂସ୍କୃତିକ ଅଭିବ୍ୟକ୍ତି ପିଢ଼ି ପିଢ଼ିର ସାମୂହିକ ସ୍ମୃତି ଏବଂ ଜ୍ଞାନକୁ ସଂରକ୍ଷଣ କରେ, ଯେତେବେଳେ ପଦାର୍ଥବିଜ୍ଞାନ ଭୌତିକ ଜଗତର ଅନ୍ତର୍ନିହିତ ପ୍ରାକୃତିକ ନିୟମଗୁଡ଼ିକର ଅନୁସନ୍ଧାନ କରେ।

ବଜ୍ର ଏବଂ ବିଜୁଳି, ଅଗ୍ନିଚାଳ, ପ୍ରତିଧ୍ୱନି, ଇନ୍ଦ୍ରଧନୁ, ଭାସମାନ ଦୀପ ଏବଂ ଲୋକ ବାଦ୍ୟଯନ୍ତ୍ର ଭଳି ଉଦାହରଣଗୁଡ଼ିକ ଦର୍ଶାଏ ଯେ, ସାଂସ୍କୃତିକ ଅଭ୍ୟାସଗୁଡ଼ିକ ଭୌତିକ ଘଟଣା

ସହିତ କିପରି ଛେଦିତ ହୁଏ । ପଦାର୍ଥବିଜ୍ଞାନ ଏହି ଘଟଣାଗୁଡ଼ିକୁ ବିଦ୍ୟୁତ୍, ତାପ ସ୍ଥାନାନ୍ତର, ଶବ୍ଦ ପ୍ରତିଫଳନ, ଆଲୋକ, ଉଚ୍ଛ୍ଳା ଏବଂ କମ୍ପନ ଭଳି ନୀତି ମାଧ୍ୟମରେ ବ୍ୟାଖ୍ୟା କରେ । ତଥାପି, ପ୍ରତ୍ୟେକ ପାରମ୍ପରିକ ବିଶ୍ୱାସ ବୈଜ୍ଞାନିକ ଭାବରେ ବୈଧ ନୁହେଁ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ବୈଜ୍ଞାନିକ ପ୍ରମାଣ ସହିତ ଦ୍ୱନ୍ଦ୍ୱରେ ପକାଇବା ଉଚିତ୍ ନୁହେଁ ।

ଲୋକସଂସ୍କୃତି ଓ ପଦାର୍ଥବିଜ୍ଞାନ ମଧ୍ୟରେ ପାରସ୍ପରିକ ସମ୍ପର୍କ ଅଧ୍ୟୟନ ପାଇଁ ଏହି ଆନ୍ତଃବିଷୟିକ ଦୃଷ୍ଟିକୋଣ କ୍ଷେତ୍ର କାର୍ଯ୍ୟ, ମୌଖିକ ବର୍ଣ୍ଣନା, ଐତିହାସିକ ରେକର୍ଡ ଏବଂ ବୈଜ୍ଞାନିକ ବିଶ୍ଳେଷଣ ମାଧ୍ୟମରେ ଓ ପାରମ୍ପରିକ ଜ୍ଞାନର ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରେ । ଲୋକସଂସ୍କୃତି ସାଂସ୍କୃତିକ ଅଭିଜ୍ଞତାର ଜ୍ଞାନକୁ ସଂରକ୍ଷଣ କରେ, ଯେତେବେଳେ ପଦାର୍ଥ ବିଜ୍ଞାନ ପ୍ରାକୃତିକ ଜଗତର ଯନ୍ତ୍ରପାତିକୁ ଆଲୋକିତ କରେ । ଏହି ଦୃଷ୍ଟିକୋଣଗୁଡ଼ିକୁ ଏକାଠି କରି ଗବେଷକମାନେ ବୈଜ୍ଞାନିକ ଦାବିଗୁଡ଼ିକୁ ସମାଲୋଚନାମୂଳକ ଭାବରେ ପରୀକ୍ଷା କରିବା ସହିତ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଦେଇପାରିବେ ।

ପରିଶେଷରେ, ଏହି ସମ୍ପର୍କର ପ୍ରକୃତ ମୂଲ୍ୟ ପରମ୍ପରାକୁ ଶୁଣିବା, ଯୁକ୍ତି ସହିତ ପ୍ରଶ୍ନ କରିବା ଏବଂ ବିଜ୍ଞାନ ମାଧ୍ୟମରେ ଅନୁସନ୍ଧାନ କରିବାର ଆମର କ୍ଷମତାରେ ରହିଛି । ଏହା ପ୍ରକୃତି ଏବଂ ବ୍ରହ୍ମାଣ୍ଡ ବିଷୟରେ ମାନବତାର ସ୍ଥାୟୀ କୌତୁହଳକୁ ଅନୁସନ୍ଧାନ କରିବା ପାଇଁ ଲୋକସଂସ୍କୃତିକୁ କେବଳ ଉତ୍ତରାଧିକାରୀ ବିଶ୍ୱାସର ଏକ ରେକର୍ଡରୁ ଏକ ଅର୍ଥପୂର୍ଣ୍ଣ କ୍ଷେତ୍ରରେ ପରିଣତ କରେ ।

## ସହାୟିକା

1) NASA. (n.d.). What causes thunderstorms? NASA Global Precipitation Measurement Mission.

2) Urone, P. P., & Hinrichs, R. College physics. OpenStax. 2012

3) Urone, P. P., & Hinrichs, R. . College physics 2e. OpenStax. 2022

4) Wolfe, G., Gasper, E., Stoke, J., Kretchman, J., Anderson, D., Czuba, N., Oberoi, S., Pujji, L., Lyublinskaya, I., & Ingram, D. . College physics for AP® courses. OpenStax. 2015

5) Cengel, Y. A., & Ghajar, A. J. . Heat and mass transfer: Fundamentals and applications (6th ed.). McGraw-Hill Education. 2020

6) Cooray, V. (2015). An introduction to lightning. Springer. pp. 79–89, 91–116.

7) Willey, D. (n.d.). Firewalking: Myth vs. physics. University of Pittsburgh.

8) Bascom, W. R. . Four functions of folklore. The Journal of American Folklore, 67(266), 333–349. https://doi.org/10.2307/536411, 1954

9) Dundes, A. (Ed.). The study of folklore. Prentice-Hall. 1965

10) National Council of Educational Research and Training. . Sound. In Science: Textbook for Class IX (pp. 143–146). NCERT. 2025–2026

11) National Council of Educational Research and Training. Reflection of sound and echo. In Science: Textbook for Class IX. NCERT. 2025–2026.

■ ■ ■

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ପ୍ରହ୍ଲାଦ ନାଟକର ହିରଣ୍ୟକଶିପୁ: ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର

ସୁବାସ ଚନ୍ଦ୍ର ଭୋଇ
ଅଧ୍ୟାପକ , ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର
DOI - https://doi.org/10.5281/zenodo.23350707

## ସାରାଂଶ

ଲୋକସାହିତ୍ୟ ହିଁ ଲୋକଜୀବନର କଳାତ୍ମକ ଅଭିବ୍ୟକ୍ତି । ଅନ୍ୟ ଅର୍ଥରେ କହିଲେ ଲୋକଙ୍କ ଦୈନନ୍ଦିନ ସାମାଜିକ, ସାଂସ୍କୃତିକ ଦଲିଲ୍ ହେଉଛି ଲୋକସାହିତ୍ୟ । ଲୋକଗୀତ, ଲୋକକାହାଣୀ, ଲୋକନାଟକ, ବିଭିନ୍ନ ସମ୍ପ୍ରଦାୟର ଲୋକାଚାର ଇତ୍ୟାଦି ଏହାର ଅନ୍ତର୍ଗତ । ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶାକୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଓଡ଼ିଶା ଭାବରେ ଚିହ୍ନିତ କରାଯାଏ। କହିବାକୁ ଗଲେ ଏ ପ୍ରକାର ବିଭାଜନ ପାଇଁ ଭୌଗୋଳିକ ସ୍ଥିତି ଅପେକ୍ଷା ସାଂସ୍କୃତିକ ବିବିଧତା ହିଁ ଦାୟୀ। ସେ ଦିଗରୁ ବିଚାର କଲେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ତାହାର ସାହିତ୍ୟ ଓ ସଂସ୍କୃତି ପାଇଁ ଓଡ଼ିଶାରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାର ଅବଦାନ ଯଥେଷ୍ଟ। ଏ ଅଞ୍ଚଳରେ ପ୍ରହ୍ଲାଦ ନାଟକ, ରାଧା ପ୍ରେମଲୀଳା, ବାଘନାଟ, ସଖୀନାଟ, କେଳାକେଲୁଣୀ ନାଟ, ଦଣ୍ଡ ନାଟ, କୃଷ୍ଣ ଲୀଳା, ଭାରତ ଲୀଳା ( ଦୁଆରୀ ନାଟ) ଦାସକାଠିଆ, ଢଣ କୋଇଲା ନାଟକଗୁଡ଼ିକ ଏ ଅଞ୍ଚଳରେ ପ୍ରସିଦ୍ଧି ଅର୍ଜନ କରିଥିଲା । ଭିନ୍ନ ଭିନ୍ନ ନାଟକ ପାଇଁ ଭିନ୍ନ ଭିନ୍ନ କଳାକାର ନିଜର ଅଧ୍ୟବସାୟ ଫଳରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ନିକଟ ଅତୀତରେ ପ୍ରହ୍ଲାଦ ନାଟକ ପାଇଁ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ଲାଭ କରିଛନ୍ତି । ଏହି ମହାନ ଅଭିନେତାଙ୍କ କଳାକାର ଜୀବନ ସମ୍ପର୍କରେ ତର୍ଜମା କରିବା ହିଁ ଉକ୍ତ ଆଲେଖ୍ୟର ଉଦ୍ଦେଶ୍ୟ ।

**ମୂଳଶବ୍ଦ -** ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର, ବୋମକେଇ, ପ୍ରହ୍ଲାଦ ନାଟକ, ହିରଣ୍ୟକଶିପୁ ।

ଲୋକନାଟକ ଲୋକଜୀବନର ଏକ କଳାତ୍ମକ ଅଭିବ୍ୟକ୍ତି। ଏହାଦ୍ୱାରା ଲୋକଧାରାର ସ୍ୱରୂପ ତଥା କଳାତ୍ମକ ଅଭିରୁଚିକୁ ଜାଣିହୁଏ। ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶାକୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଓଡ଼ିଶା ଭାବରେ ଚିହ୍ନିତ କରାଯାଏ। କହିବାକୁ ଗଲେ ଏ ପ୍ରକାର ବିଭାଜନ ପାଇଁ ଭୂଗୋଳ ଅପେକ୍ଷା ସାଂସ୍କୃତିକ ବିବିଧତା ହିଁ ଦାୟୀ। ସେପରି ଦିଗରୁ ବିଚାର କଲେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା ତାହାର ସାହିତ୍ୟ ଓ ସଂସ୍କୃତି ପାଇଁ ଓଡ଼ିଶାରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ସେ ଆଧାରରେ ଏ ଭୂମିରେ ରୀତି ସାହିତ୍ୟ ତାହାର କାୟା ବିସ୍ତାର କରିଥିଲା। ମଧ୍ୟଯୁଗର ସାହିତ୍ୟରେ ପ୍ରତିଫଳିତ ସାହିତ୍ୟିକ ଗୁଣ ଏ ଅଞ୍ଚଳର ସମ୍ଭ୍ରାନ୍ତ ସାଂସ୍କୃତିକ ଐତିହ୍ୟଗତ ଇତିହାସକୁ ପ୍ରମାଣିତ କରେ। ଦକ୍ଷିଣ ଓଡ଼ିଶାର ଅବିଭକ୍ତ ଗଞ୍ଜାମ କେବଳ ବିଦଗ୍ଧ ସାହିତ୍ୟ ପାଇଁ ପରିଚିତ ଥିଲା ତାହା ନୁହେଁ, ଏହାର ଏକ ସୁଦୀର୍ଘ ଓ ଶକ୍ତ ଲୋକନାଟକ ପରମ୍ପରା ମଧ୍ୟ ଏହାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିପାରିଛି । ଏ ଅଞ୍ଚଳରେ ପ୍ରହ୍ଲାଦ ନାଟକ, ରାଧା ପ୍ରେମଲୀଳା, ବାଘନାଟ, ସଖୀନାଟ, କେଳାକେଲୁଣୀ ନାଟ, ଦଣ୍ଡ ନାଟ, କୃଷ୍ଣ ଲୀଳା, ଭାରତ ଲୀଳା ( ଦୁଆରୀ ନାଟ) ଦାସକାଠିଆ, ଢଣ କୋଇଲା ନାଟକଗୁଡ଼ିକ ଏ ଅଞ୍ଚଳରେ ପ୍ରସିଦ୍ଧି ଅର୍ଜନ କରିଥିଲା।

ଦକ୍ଷିଣ ଓଡ଼ିଶାରେ ଅଭିନୀତ ହେଉଥିବା ପ୍ରହ୍ଲାଦ ନାଟକ ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟଙ୍କ ନାମରେ ଭଣିତା ହୋଇଛି। ମାତ୍ର ଏହାର ରଚୟିତା ସେ ନିଜେ କି ଅନ୍ୟଦ୍ୱାରା ଲେଖାଇ ନିଜ ନାମରେ ଭଣତି କରିବା ପାଇଁ କହିଛନ୍ତି ତାହାର ଲିଖିତ ପ୍ରମାଣ ନାହିଁ। ଏ ନାଟକର ରଚନା ସମ୍ପର୍କରେ ବିଭିନ୍ନ କାହାଣୀ ଶୁଣିବାକୁ ମିଳେ। କେହି କେହି ଏହାର ଉତ୍ପତ୍ତି ସ୍ଥଳ ଜଳନ୍ତର ଅନ୍ତର୍ଗତ ଇଚ୍ଛାପୁର କହୁଥିବା ବେଳେ, କେହି କେହି ଏହାର ଉତ୍ପତ୍ତି ସ୍ଥଳକୁ ପାରଳାଖେମୁଣ୍ଡି ଅନ୍ତର୍ଗତ ତରଳାଗଡ଼ା ବୋଲି ଚିହ୍ନିତ କରନ୍ତି। ସେ ଯାହା ହେଉ ବିଭିନ୍ନ କାହାଣୀ ଅନୁସାରେ ଜଣାଯାଉଛି ଯେ, ପ୍ରହଲ୍ଲାଦ ନାଟକ ପ୍ରଥମେ ତେଲୁଗୁ ଭାଷାରେ ରଚିତ ହୋଇଥିଲା। ସାତ ଜଣ ପଣ୍ଡିତ କିମ୍ବା ଗୌରହରି ପରିଚ୍ଛାଙ୍କଦ୍ୱାରା ଓଡ଼ିଆରେ ରଚନା କରାଯାଇ, ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟଙ୍କ ନାମରେ ଭଣତି ହୋଇଛି । ଏ ପ୍ରସଙ୍ଗରେ ହେମନ୍ତ କୁମାର ଦାସଙ୍କ ମତାମତକୁ ଉଦ୍ଧାର କରାଯାଇ ପାରେ, " ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟଙ୍କ ଊନବିଂଶ ଶତକରେ ରଚନା କରନ୍ତି 'ପ୍ରହ୍ଲାଦ ନାଟକ' । ନାଟକ ନାମଧାରୀ ହୋଇଥିଲେ ହେଁ ଯଥାର୍ଥତଃ ଏହା ଦକ୍ଷିଣ ଓଡ଼ିଶାର ଏକ ଲୋକପ୍ରିୟ ଗଣନାଟ୍ୟ। ଲୋକନାଟ୍ୟ ସହିତ ବିଦଗ୍ଧ ନାଟ୍ୟ ଶୈଳୀର ସମନ୍ୱୟରେ ଏହାର ରଚନା । କେତେକ ସମାଲୋଚକ କବି ଗୌରହରି ପରିଚ୍ଛାଙ୍କୁ ଏହି ଗ୍ରନ୍ଥର ରଚୟିତା ବୋଲି କହିଥାନ୍ତି। ଏହି ମନ୍ତବ୍ୟ ସତ୍ୟ ହୋଇପାରେ, ମାତ୍ର ସମ୍ପୂର୍ଣ୍ଣ ଅନୁମାନ ଭିତ୍ତିକ।"

ନାଟକରେ ଦିତିଙ୍କର ପୁତ୍ର ହିରଣାକ୍ଷ ବିଷ୍ଣୁଙ୍କଦ୍ୱାରା ନିହତ ହେବା ପରେ ମାତାଙ୍କଠାରୁ ହିରଣ୍ୟକଶିପୁ ଆଶୀର୍ବାଦ ନେଇ ଭ୍ରାତୃହନ୍ତାର ପ୍ରତିଶୋଧ ନେବା ପାଇଁ ବ୍ରହ୍ମାଙ୍କୁ ଧ୍ୟାନ କରିବା ଉଦ୍ଦେଶ୍ୟରେ ମନ୍ଦର ପର୍ବତକୁ ଯାଇଛନ୍ତି। ସେଠାରୁ ଅମରତ୍ୱ ବର ଲାଭ କରି ପ୍ରତ୍ୟାବର୍ତ୍ତନ କରି ବିଷ୍ଣୁଙ୍କୁ ମାରିବା ପାଇଁ ଦୂତ ପ୍ରେରଣ କରିଛନ୍ତି ଏବଂ ନିଜ ବିଷ୍ଣୁଭକ୍ତ ପୁତ୍ର ପ୍ରହ୍ଲାଦକୁ ମାରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଯୋଜନା କରି ବିଫଳ ହୋଇଛନ୍ତି। ସର୍ବାଦୌ ବିଷ୍ଣୁଙ୍କୁ ନିନ୍ଦା କରି ଚାଲିଛନ୍ତି। ଶେଷରେ ବିଷ୍ଣୁ ନରକେଶରୀ ରୂପରେ ହିରଣ୍ୟକଶିପୁର ବିନାଶ କରିଛନ୍ତି। ବିଶେଷତଃ ଏ ପ୍ରସଙ୍ଗକୁ ୧୩-୧୪ ଦିନ ଧରି ମଞ୍ଚସ୍ଥ ହୁଏ। ବିଭିନ୍ନ ରାଗରାଗିଣୀ, ସଂସ୍କୃତ ଓ ଓଡ଼ିଆ ଶ୍ଳୋକଯୁକ୍ତ ଛନ୍ଦରେ ଏହାକୁ ଉପସ୍ଥାପନ କରାଯାଏ।

ସମ୍ପ୍ରତି ଏହି ନାଟକ କେବଳ ଓଡ଼ିଶା ଭିତରେ ସୀମିତ ନୁହେଁ। ଏହା ଓଡ଼ିଶା ବାହାରେ ମଧ୍ୟ ଅଭିନୀତ ହୋଇ ପ୍ରଶଂସା ସାଉଁଟିଛି। ଅନେକ କଳାକାର ରାଜ୍ୟ ଓ ଜାତୀୟ ସ୍ତରରେ ମଧ୍ୟ ପୁରସ୍କୃତ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଚଳିତ ବର୍ଷ ଜୁନ୍ ମାସରେ ପ୍ରହ୍ଲାଦ ନାଟକ ପ୍ରତି ସମର୍ପିତ ଥିବା ଜଣେ ବର୍ଷୀୟାନ୍

କଳାକାର ସୀମାଞ୍ଚଳ ପାତ୍ର ଭାରତ ସରକାରଦ୍ୱାରା 'ପଦ୍ମଶ୍ରୀ ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କ ନାଟ୍ୟ ଜୀବନ ସମ୍ପର୍କିତ ଆଲୋଚନା ହିଁ ଉକ୍ତ ଆଲେଖ୍ୟ ଉଦ୍ଦେଶ୍ୟ।

## ସୀମାଞ୍ଚଳ ପାତ୍ରଙ୍କ ଶୈଶବ:-

ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ୧୯୨୭ ମସିହା ଜୁଲାଇ ୦୭ ତାରିଖ ଦିନ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ନିକଟସ୍ଥ ବମକେଇ ଗ୍ରାମରେ ଏକ ସାଧାରଣ କୃଷକ ପରିବାରରେ ଭୂମିଷ୍ଠ ହୋଇଥିଲେ। । ତାଙ୍କ ପିତା ଓ ମାତାଙ୍କ ନାଁ ଯଥାକ୍ରମେ:- ସୁରୁ ପାତ୍ର ଓ ବାଙ୍ଗାରୀ ପାତ୍ର। ସାଧାରଣ ଭାବରେ ସେ ଜଣେ ଚଞ୍ଚଳ ସ୍ୱଭାବର ଥିଲେ ବୋଲି ସ୍ୱୀକାର କରନ୍ତି। ସେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିଥିଲେ, ତାହା ପରେ ଆଉ ସେ ବିଦ୍ୟାଳୟର ଏରୁଣ୍ଡି ମାଡ଼ି ନାହାନ୍ତି। ବାଲ୍ୟକାଳରୁ ବିଭିନ୍ନ ନାଟକ ତଥା ପ୍ରଦର୍ଶନ କଳା ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ଗାଁରେ କିମ୍ବା ଆଖପାଖ ଗାଁରେ ହେଉଥିବା ନାଟକ ଦେଖିବା ପାଇଁ ସର୍ବାଦୌ ପ୍ରସ୍ତୁତ ରହୁଥିଲେ। କୃଷକ ପରିବାରର ସନ୍ତାନ ହିସାବରେ ବାପାମାଆଙ୍କୁ ତାଙ୍କ କୌଳିକ ବୃତ୍ତିରେ ସହଯୋଗ କରିବା ସହ ପ୍ରହ୍ଲାଦ ନାଟକ ଅଭିନୟ ଶିକ୍ଷା ଲାଭ କରୁଥିଲେ। ବାଲ୍ୟ ସମୟରେ ହିଁ ଏ ନାଟକର କୌଶଳ ଶିକ୍ଷା କରିବାରେ ସଫଳ ହେବା ସହ ଜଣେ ପ୍ରତିଷ୍ଠିତ ଅଭିନେତା ହୋଇପାରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ହିରଣ୍ୟକଶିପୁଙ୍କ ମହାରାଣୀ ଲୀଳାବତୀ ବା କାୟାଧୁ ଭୂମିକାରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ପରବର୍ତ୍ତୀ ସମୟରେ ପ୍ରହ୍ଲାଦ ନାଟକର ମୁଖ୍ୟ ଚରିତ୍ର ହିରଣ୍ୟକଶିପୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

## ସୁଯୋଗ୍ୟ ଶିଷ୍ୟ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର:-

ପଦ୍ମଶ୍ରୀ ପାତ୍ର ପ୍ରହ୍ଲାଦ ନାଟକର ଜଣେ ଅସାଧାରଣ ଦର୍ଶକ ହେବା ସହ ନିରୀକ୍ଷଣ କରି କିଛି ମାତ୍ରାରେ ଅଭିନୟ କଳା କୌଶଳକୁ ନିଜ ଅକ୍ତିଆରକୁ ଆଣିପାରିଥିଲେ। ତଥାପି ପ୍ରାରମ୍ଭିକ ସମୟରେ ସେ ନିଜ ଗାଁ ବମକେଇର ନାଟ୍ୟ ଗୁରୁ କୋରା ପାତ୍ରଙ୍କଠାରୁ ନାଟକ ତଥା ଅଭିନୟ ଶିକ୍ଷା ଆରମ୍ଭ କରିଥିଲେ। ତା' ପରବର୍ତ୍ତୀ ସମୟରେ ମଙ୍ଗଳପୁର ଗ୍ରାମର ତ୍ରିନାଥ ପ୍ରଧାନ ଓ ରଘୁନାଥପୁର ଗ୍ରାମର ଲକ୍ଷ୍ମଣ ଶତପଥୀଙ୍କୁ ଗୁରୁ ଭାବରେ ଗ୍ରହଣ କରି ଶିକ୍ଷା ଗ୍ରହଣ କରିଥିଲେ। ସେ ନିଜ କଣ୍ଠକୁ ଶାଣିତ କରିବା ପାଇଁ ଗୁରୁଙ୍କ ଆଦେଶରେ କାର୍ତ୍ତିକ ମାସ ପାହାନ୍ତିଆ ସମୟରେ ପୋଖରୀ ପାଣି ଭିତରକୁ ପଶି ଗୀତର ଅଭ୍ୟାସ କରୁଥିଲେ। ଏଥିରେ ତ୍ରୁଟି ବିଚ୍ୟୁତି ହେଲେ ଗୁରୁଙ୍କ ଠାରୁ ଶାରୀରିକ ଦଣ୍ଡ ମଧ୍ୟ ପାଉଥିଲେ। ଏହାକୁ ବିନା କ୍ଲେଶରେ ସାଦରେ ସେ ଗ୍ରହଣ କରିନେଉଥିଲେ।

## ସୀମାଞ୍ଚଳ ପାତ୍ରଙ୍କ ନୃସିଂହ ଭକ୍ତି ଓ ଦେଉଳ ତୋଳା :-

ଆମେ ସବୁବେଳେ ଶୁଣୁ ଯେ ରାଜାମାନେ ତାଙ୍କ ରାଜୁତି ସମୟରେ ବିଭିନ୍ନ ପ୍ରକାର ମନ୍ଦିର ତୋଳିଥାନ୍ତି। ଜଣେ ସାଧାରଣ ମଣିଷ ମନ୍ଦିର ତିଆରି କରିବା ଖବର ପ୍ରାୟତଃ ଦେଖିବାକୁ ମିଳେନାହିଁ। ମାତ୍ର ସୀମାଞ୍ଚଳ ପାତ୍ର ଦିଗପହଣ୍ଡିର ଅନତିଦୂରରେ ଅବସ୍ଥିତ ଶୁଣ୍ଢିପଦର୍ ଗାଁରେ ନିଜେ ଗାଁ ଲୋକଙ୍କ ସହାୟତାରେ ଏକ ନୃସିଂହ ମନ୍ଦିର ତୋଳାଇଛନ୍ତି। ଏହା ତାଙ୍କର ନୃସିଂହ ଭକ୍ତି ତଥା ଉପାସନାର ଫଳଶ୍ରୁତି । ପଦ୍ମଶ୍ରୀ ପାତ୍ର ଯେତେବେଳ ନିଜ ଗାଁ ବମକେଇରେ ପ୍ରହ୍ଲାଦ ନାଟକ ଶିଖାଉଥିଲେ, ସେତେବବେଳେ ସେ ପ୍ରତିଜ୍ଞା ନେଲେ ଯେ, ସେ ଆଜୀବନ ନିରାମିଷ ଭୋଜନ କରିବେ, କୌଣସି ପ୍ରକାର ମାଦକ ଦ୍ରବ୍ୟ ଗ୍ରହଣ କରିବେ ନାହିଁ। ଗାଁ ପିଲାଙ୍କର ନାଟକ ପ୍ରତି ଅମନଯୋଗ ହେତୁ ସେ ଆଉ ନିଜ ଗାଁରେ ପ୍ରହ୍ଲାଦ ନାଟକ ଶିକ୍ଷା ପ୍ରଦାନ କଲେ ନାହିଁ। ପରେ ଦିଗପହଣ୍ଡି ନିକଟସ୍ଥ ଶୁଣ୍ଢିପଦର ଗାଁର ନାଟ୍ୟ ପ୍ରେମୀ ଯୁବକଙ୍କ ଅନୁରୋଧ କ୍ରମେ ଶୁଣ୍ଢିପଦରରେ ଅଭିନୟ ଶିଖାଇଲେ। ସେ ପ୍ରହ୍ଲାଦ ନାଟକ କ୍ଷେତ୍ରକୁ ପ୍ରବେଶ କରିବାଠୁ ଆରମ୍ଭ କରି ଏଯାବତ୍ ତାଙ୍କୁ ନାନା ପ୍ରକାର ପାରିବାରିକ, ଆର୍ଥିକ ସମସ୍ୟା କବଳିତ କରିବା ସତ୍ତ୍ୱେ ନାଟକ ପ୍ରତି ବିତୃଷ୍ଣା ଭାବ ନଆସିବା ପ୍ରଭୁ ନୃସିଂହଙ୍କ ଆଶୀର୍ବାଦ ବୋଲି ମଣୁଥିଲେ। ପରେ ପରେ ସେ ପରମ ବୈଷ୍ଣବ ଭାବରେ ନୃସିଂହଙ୍କ ଭକ୍ତ ଭାବରେ ଜୀବନ ଚର୍ଯ୍ୟାକୁ ବଦଳେଇ ଦେଲେ। । ସେ ଦିନକୁ ଥରେ ଅନ୍ନ ଆହାର କରିବା ଆରମ୍ଭ କରିଥିଲେ। ଶୁଣ୍ଢିପଦରର ଶିଷ୍ୟମାନଙ୍କ ନାଟକ ପ୍ରତି ସମର୍ପଣ ଭାବ ଓ ଗୁରୁଭକ୍ତି ତାଙ୍କୁ ବେଶ୍ ପ୍ରଭାବିତ କଲା। ଏ ଗାଁର ମଧ୍ୟବର୍ତ୍ତୀ ବା ଗାଁ ମଝିରେ ବିସ୍ତୀର୍ଣ୍ଣ ଖାଲି ଜାଗା ଥିଲା ଏବଂ ମଝି ଦାଣ୍ଡ ହିଁ ଆଖଡ଼ାଶାଳ ପାଲଟି ଥିଲା। ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କ ଇଚ୍ଛା ହେଲା ସେ ଦାଣ୍ଡ ମଝିରେ ପ୍ରଭୁ ନୃସିଂହଙ୍କ ମନ୍ଦିର ତିଆରି କରିବା ପାଇଁ। ଏଥିପାଇଁ ସେ ଶୁଣ୍ଢିପଦର୍ ଗ୍ରାମର ଶିଷ୍ୟ ଓ ଅଧିବାସୀଙ୍କୁ ପ୍ରସ୍ତାବ ଦେଲେ ଏବଂ ତାହା ଗ୍ରାମବାସୀଙ୍କୁ ମଧ ପସନ୍ଦ ଆସିଲା। ପଦ୍ମଶ୍ରୀ ପାତ୍ର ମନ୍ଦିର ତିଆରି ପାଇଁ ପ୍ରାରମ୍ଭିକ ସମୟରେ ନିଜ ଘର ତିଆରି ପାଇଁ ରଖିଥିବା ଦେଢ଼ ଲକ୍ଷ ମାଟି ଇଟା ପ୍ରଦାନ କଲେ। ନାଟକ ପ୍ରଦର୍ଶନରୁ ଆୟ ଅର୍ଥରାଶି ପ୍ରଦାନ କରିବା ସହ ଶ୍ରମିକ ଭାବେ ନିଜେ ମଧ ମନ୍ଦିର ତିଆରି ପାଇଁ ବାଲିଗୋଡ଼ି ମାଟି ବୋହିବା କାମ କରିଛନ୍ତି। ମନ୍ଦିରଟି ୧୯୯୧ ମସିହାରେ ସମାପ୍ତ ହେଲା।

## ଅସାଧାରଣ ଦର୍ଶକ ଭାବରେ ପଦ୍ମଶ୍ରୀ ପାତ୍ର:-

ଆଗରୁ କୁହାଯାଇଛି ଯେ, ସେ ତୃତୀୟ ଶ୍ରେଣୀରୁ ବିଦ୍ୟାଳୟ ପାଠପଢ଼ା ଛାଡ଼ି ପ୍ରହ୍ଲାଦ ନାଟକ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ସେ ଘର ଲୋକଙ୍କୁ ନଜଣାଇ ରାତ୍ରି ସମୟରେ ପଡ଼ୋଶୀ ଗାଁମାନଙ୍କରେ ଅନୁଷ୍ଠିତ ହେଉଥିବା ନାଟକ ଦେଖିବା ପାଇଁ ଯାଉଥିଲେ। ପରବର୍ତ୍ତୀ ସମୟରେ ନିଜେ ଜଣେ ପ୍ରତିଷ୍ଠିତ ଓ ପ୍ରବୀଣ କଳାକାର ତଥା ଅଭିନେତା ହେବା ପରେ ମଧ ଅନ୍ୟ କଳାକାରଙ୍କଦ୍ୱାରା ଅଭିନୀତ ନାଟକ ଦେଖିବା ପାଇଁ ଆଗଭର ହୁଅନ୍ତି। ସେ କହନ୍ତି ନିଜେ ଅଭିନୟ କରୁଥିବା ସ୍ଥାନରେ ନାଟକ ପରିସମାପ୍ତି ହେବାକ୍ଷଣି ଆଖପାଖ ଅଞ୍ଚଳରେ ହେଉଥିବା ନାଟକ ଦେଖିବା ପାଇଁ ଯାଆନ୍ତି। ସେଠାକାର ନାଟକ ତାଙ୍କୁ ପସନ୍ଦ ଆସିଲେ ମେଟାଲ୍( ଖୁସିରେ କଳାକାରକୁ ଦର୍ଶକମାନେ ଦେଉଥିବା ଟଙ୍କା) ମାରନ୍ତି। ଜଣେ ପ୍ରତିଷ୍ଠିତ ଅଭିନେତା ଭାବରେ ତାଙ୍କ ପାଖରେ ଟିକେ ହେଲେ ଆତ୍ମବଡ଼ିମା ଦେଖାଯାଏ ନାହିଁ। ଅନ୍ୟ ଅଭିନେତାଠାରୁ ଅନେକ ସମୟରେ ସେ ଶିକ୍ଷାଲାଭ କରନ୍ତି। ସେ ବିଶ୍ୱାସ କରନ୍ତି ଯେ, ଜଣେ ଅଭିନେତା ନିଜର ଭୁଲ୍ ଜାଣିବା ଅନେକ ସମୟରେ ସମ୍ଭବ ହୁଏ ନାହିଁ, ସେତେବେଳେ ସେ ଅନ୍ୟ ଅଭିନେତାର ଅଭିନୟ ଦେଖିଲେ ଭୁଲକୁ ଧରି ପାରେ ଓ ସଂଶୋଧନ କରିବାର ସୁଯୋଗ ପାଏ। ( ପାତ୍ର)

## ପ୍ରଶାସନର ଅଦୂରଦର୍ଶିତା ଓ ସୀମାଞ୍ଚଳ ପାତ୍ରଙ୍କ ଅସହାୟତା :-

ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ମିଳିବାପରେ ସେ ସରକାରଙ୍କ ତରଫରୁ ଭତ୍ତା ସ୍ୱରୂପ ମାସକୁ ୪୦୦୦ ଟଙ୍କା ଗ୍ରହଣ କରୁଥିଲେ। କାରଣ ସେତେବେଳକୁ ତାଙ୍କୁ ୬୦ ବର୍ଷ ଅତିକ୍ରମ କରିସାରିଥିଲା। ମାତ୍ର ପ୍ରାୟ ପାଞ୍ଚବର୍ଷ ହେବ ସେ ଭତ୍ତା ତାଙ୍କୁ ମିଳୁ ନାହିଁ। ସେ ସମସ୍ୟାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକାଧିକ ବାର ଜୀବିତ ଥିବାର ପ୍ରମାଣ ପତ୍ର ଦେଇ ଆସୁଛନ୍ତି। ଯାହା ଜଣେ ପ୍ରତିଷ୍ଠିତ କଳାକାର ପାଇଁ ବିଡ଼ମ୍ବନାର ବିଷୟ। ପ୍ରଶାସନର ଅସଚେତନତା ତଥା ଖିଆଲି ମନୋଭାବ ଯୋଗୁଁ ଏସବୁ ଘଟିଥାଇପାରେ। ଯାହାବି ହେଉ ଏହା ସମ୍ପର୍କରେ

ସ୍ଥାନୀୟ ପ୍ରତିନିଧି ସହ ସରକାରୀ ଅଧିକାରୀ ଏ ସମସ୍ୟା ପ୍ରତି ସଚେତନ ହେଲେ ଜଣେ କଳାକାରର ଦୁଃଖ ଓ କ୍ଷୋଭ ଲାଘବ ହେବା ସହ କଳା ପ୍ରତି ସକରାତ୍ମକ ପ୍ରଭାବ ପଡ଼ନ୍ତା।

## ଗୁରୁ ଭାବରେ ପଦ୍ମଶ୍ରୀ ପାତ୍ର:-

ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ଗୁରୁ ଭାବରେ ଅନେକ ଶିଷ୍ୟଙ୍କୁ ସେ ପ୍ରହ୍ଲାଦ ନାଟକ ଅଭିନୟ କଳା ଶିଖାଉଥିଲେ ଓ ଶିଖାଉଛନ୍ତି ମଧ୍ୟ। ତାଙ୍କଠାରୁ ଶିକ୍ଷା ଲାଭ କରିଥିବା ଅନେକ ଛାତ୍ର ରାଜ୍ୟ ତଥା ଜାତୀୟସ୍ତରରେ ବିଶିଷ୍ଟ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ଶିଷ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ଜେନା, ଦଣ୍ଡପାଣି ପାତ୍ର ( ନିଜ ବଡ଼ପୁଅ) ପ୍ରହ୍ଲାଦ ନାଟକ କ୍ଷେତ୍ରରେ ନିଜ ଅଭିନୟ କଳା ପାଇଁ ଶ୍ରେଷ୍ଠତା ଅର୍ଜନ କରିଛନ୍ତି। ବୃନ୍ଦାବନ ଜେନା, ସନ୍ତୋଷ ଜେନା (ବୃନ୍ଦାବନ ଜେନାଙ୍କ ଶିଷ୍ୟ/ ସୀମାଞ୍ଚଳ ପାତ୍ରଙ୍କ ନାତି ଶିଷ୍ୟ) ଉଭୟେ ବିଶମିଲ୍ଲା ଖାଁ ପୁରସ୍କାର ଲାଭ କରିଛନ୍ତି। ବିଶିଷ୍ଟ ଲୋକବାଦ୍ୟ ବାଦକ ଆଲୋକ ବିଷୋୟୀ ସିଧାସଳଖ ଭାବେ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କ ଶିଷ୍ୟ ନହେଲେ ବି, ତାଙ୍କ ଆଶୀର୍ବାଦରୁ ବିଶମିଲ୍ଲା ଖାଁ ପୁରସ୍କାର ପାଇଛନ୍ତି ବୋଲି ସ୍ୱୀକାର କରନ୍ତି।

## ପୁରସ୍କାର ଓ ସମ୍ମାନ ପତ୍ର:-

ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ଜଣେ ଦକ୍ଷ ଓ ପ୍ରବୀଣ ଅଭିନେତା ଭାବରେ ଅନେକ ରାଜ୍ୟ ଓ ଜାତୀୟସ୍ତରର ସଂସ୍ଥା ଦ୍ୱାରା ପୁରସ୍କୃତ ହେବା ସହ ଅନେକ ମଞ୍ଚରେ ସମ୍ମାନିତ ହୋଇଛନ୍ତି। ନିମ୍ନରେ ତାହାର ଏକ ତାଲିକା ପ୍ରଦାନ କରାଗଲା:-

୧- ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର - ୧୯୯୦
୨- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର - ୧୯୯୭
୩- ରାଷ୍ଟ୍ରୀୟ କଳା ସାଧକ ସମ୍ମାନ ( ସର୍ବଭାରତୀୟ ନାଟ୍ୟ ପରିଷଦ ତରଫରୁ)୨୦୨୬
୪- ଭଜନ ସମ୍ରାଟ୍ ଭିକାରୀ ବଳ ସ୍ମୃତି ସମ୍ମାନ – ୨୦୨୫
୫- ଅରୁନ୍ଧତୀ ସମ୍ମାନ ( ଅରୁନ୍ଧତୀ କଳା ସଂସଦ, ଭୁବନେଶ୍ୱର ତରଫରୁ) - ୨୦୨୪
୬- ପ୍ରଗତି ଗୌରବ ସମ୍ମାନ - ୨୦୨୬
୭- ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ - ୨୦୨୫
୮- ପଦ୍ମଶ୍ରୀ ସମ୍ମାନ - ୨୦୨୬ ଜୁନ୍

ଏଯାବତ୍ ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ସଭା ମଞ୍ଚ ଯଥା:- ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ, ବୁଦ୍ଧେଶ୍ୱର ଲୋକକଳା ସଂସ୍କୃତି ସଂଘ, ଖେମୁଣ୍ଡି ମହାବିଦ୍ୟାଳୟ ବାର୍ଷିକୋତ୍ସବ, କଳାର ମହକୁମ୍ଭ ତଥା କଳାକାର ସମାବେଶ, ମା' ତାରା ତାରିଣୀ ମହୋତ୍ସବ, ଉତ୍କଳ ଆଶ୍ରମ ଶତବାର୍ଷିକୀ ସମାରୋହ, ଖେମୁଣ୍ଡି ଲୋକ ମହୋତ୍ସବ, ଶ୍ରୀ ଶ୍ରୀ ଶ୍ରୀ ଗୋକର୍ଣ୍ଣେଶ୍ୱର ନାଟ୍ୟ ପରିଷଦ, ବ୍ରହ୍ମପୁର ଆଦି ସ୍ଥାନରେ ସମ୍ମାନିତ ହୋଇଛନ୍ତି।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ନିଜକୁ ଜଣେ ପ୍ରତିଷ୍ଠିତ କଳାକାର ଭାବରେ ଗଢି ତୋଳିବା ପାଇଁ ଅନେକ ସଂଘର୍ଷ କରିଛନ୍ତି । କଳାକାର ତଥା ଅଭିନେତା ଭାବରେ ଅନେକ ସମୟରେ ସେ ଆର୍ଥିକ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ନିଜ ପୈତୃକ ଜମିରୁ ପାଞ୍ଚ ଭରଣ ଜମି ବିକ୍ରି କରିଦେଇଛନ୍ତି । ବାସ୍ତବରେ ଯିଏ କଳାକୁ ଭଲପାଏ, ତାହାକୁ ଅନ୍ୟସବୁ ପ୍ରସଙ୍ଗ ମୂଲ୍ୟହୀନ ମନେହୁଏ । କଳାକୁ ବଞ୍ଚେଇ ରଖିବା ପାଇଁ ଜୀବନ ଓ ଯୌବନକୁ ମଧ୍ୟ ବାଜିରେ ଲଗେଇ ଦିଏ। ସେମିତି ଏକ ବ୍ୟକ୍ତିତ୍ୱ ହେଉଛନ୍ତି ପଦ୍ମଶ୍ରୀ ପାତ୍ର ।

## ସହାୟିକା :

୧ ) ମହାନ୍ତି, ବ୍ରଜମୋହନ, ଓଡ଼ିଶାର ଲୋକନାଟକ( ପ୍ରଥମାର୍ଦ୍ଧ), ଓଡ଼ିଶା ବୁକ୍ସ ଷ୍ଟୋର, କଟକ, ୧୯୯୮, ପ୍ରଥମ ପ୍ରକାଶ
୨) ରଥ, କାର୍ତ୍ତିକ ଚନ୍ଦ୍ର, ଓଡ଼ିଶାର ଲୋକନାଟ୍ୟ ପରମ୍ପରା, ସାହିତ୍ୟ ପ୍ରତିଷ୍ଠାନ, କଟକ, ୨୦୦୧, ପ୍ରଥମ ସଂସ୍କରଣ
୩) ପାତ୍ର, ସୀମାଞ୍ଚଳ, ବ୍ୟକ୍ତିଗତ ସାକ୍ଷତକାର, ୨୬ ଅଗଷ୍ଟ, ୨୦୨୬
୪) ବିଷୋୟୀ, ଆଲୋକ, ବ୍ୟକ୍ତିଗତ ସାକ୍ଷତକାର, ୨୬ ଅଗଷ୍ଟ, ୨୦୨୬

■ ■ ■

ISSN - 3139 - 9940 (ONLINE)
ପ୍ରଥମ ବର୍ଷ ।। ପ୍ରଥମ ଅର୍ଘ୍ୟ । ଏପ୍ରିଲ - ସେପ୍ଟେମ୍ବର ୨୦୨୬
Volume No -01 । Issue No - 01 । April - September 2026
ଷାଣ୍ମାସିକ ଓଡ଼ିଆ ଲୋକସାହିତ୍ୟଧର୍ମୀ ଗବେଷଣାତ୍ମକ ପତ୍ରିକା

# ବାୟାମନୁ ଚର୍ଚ୍ଚିଙ୍କ 'ଗଞ୍ଜାମର ଲୋକନାଟ୍ୟ ପରମ୍ପରା': ଏକ ମସ୍ୟାବଲୋକନ

ଅମ୍ରିତା ଶତପଥୀ iD

ଗବେଷିକା, ଶିକ୍ଷା ଓ ଅନୁସନ୍ଧାନ, ଭୁବନେଶ୍ୱର, ଓଡ଼ିଶା
DOI - https://doi.org/10.5281/zenodo.23350786

## ସାରାଂଶ

ଲୋକବିଦ୍ୟାର ବିଭିନ୍ନ ପ୍ରାରୂପ ଅଧ୍ୟୟନ କରିବା ସମୟରେ ଅନେକ ଉପାଦେୟ ପୁସ୍ତକ ଦେଖିବାକୁ ମିଳେ । ଯାହା ମାଧ୍ୟମରେ ଗବେଷକଟିଏ ତା'ର ଗବେଷଣାର କେତୋଟି ପାହାଚ ଅତିକ୍ରମ କରେ, ଜିଜ୍ଞାସୁ ପାଠକକୁ ମିଳେ କିଛି ଜ୍ଞାନ। ସେଇଭଳି ପୁସ୍ତକ ମଧ୍ୟରେ 'ଗଞ୍ଜାମର ଲୋକନାଟ୍ୟ ପରମ୍ପରା' କେଉଁ ଗୁଣରେ କମ୍ ନୁହେଁ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର; ପ୍ରକୃତିର ଏକ ସୁରମ୍ୟ ଲୀଳାକ୍ଷେତ୍ର - ଗଞ୍ଜାମ । କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଗୀତ କ୍ଷେତ୍ରରେ ଏହାର ଅବଦାନ ଚିର ସ୍ମରଣୀୟ। ସେହି ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ପବିତ୍ର ମାଟିରେ ଜନ୍ମଗ୍ରହଣ କରିଛନ୍ତି ଉପର୍ଯ୍ୟୁକ୍ତ ପୁସ୍ତକର ସ୍ରଷ୍ଟା- ଡକ୍ଟର ବାୟାମନୁ ଚର୍ଚ୍ଚି। ସେ ମଧ୍ୟ ନିଜ ମାତୃଭୂମିର ଗୌରବମୟ ଐତିହ୍ୟ ପାଇଁ ଗର୍ବିତ। ସେହି ସଂସ୍କୃତି ଓ ଲୋକକଳାର ସଂରକ୍ଷଣାର୍ଥେ ତାଙ୍କର ଗବେଷଣା ଉତ୍ସର୍ଗୀକୃତ। ଗଞ୍ଜାମର ଲୋକନାଟ୍ୟ ପରମ୍ପରାର ପୁସ୍ତକରେ, ଗଞ୍ଜାମର ପ୍ରାୟ ସମସ୍ତ ଲୋକନାଟକ ସଂପର୍କିତ ଅଳ୍ପ ବହୁତ୍ ତଥ୍ୟ ମିଳିଥାଏ । ଗବେଷକ ତଥା ଲୋକସାହିତ୍ୟପ୍ରେମୀ ପାଠକ ନିମନ୍ତେ ପୁସ୍ତକଟି ଉପାଦେୟ । ଏହି ପୁସ୍ତକର ଚର୍ଚ୍ଚା ହିଁ ଉକ୍ତ ଆଲେଖ୍ୟର ଉଦ୍ଦେଶ୍ୟ ।

ମୂଳଶବ୍ଦ - ଲୋକକଳା , ଗଞ୍ଜାମ ଲୋକ ପରମ୍ପରା , ଲକ୍ଷ୍ମୀପୁରାଣ ନାଟ , ରଣପା ନାଚ , ବାୟାମନୁ ଚର୍ଚ୍ଚି ।

"ଲୋକସଂସ୍କୃତି ଓ ଲୋକସାହିତ୍ୟର ଗବେଷଣା ଆଧୁନିକ ମାନବବିଦ୍ୟାର ଏକ ଅଭିନବତମ ଫଳଶ୍ରୁତି । ଏହାକୁ ସାଧାରଣ ଗ୍ରାମୀଣ ଲୋକଙ୍କ ଚଳଣି କହି ପଣ୍ଡିତ ବା ଶିଷ୍ଟଲୋକ ଗବେଷଣା ଆରମ୍ଭକରିଥିଲେ । ପ୍ରାୟ ୧୮୪୨ ମସିହା ବେଳକୁ ଏ ସମ୍ପର୍କରେ ଚର୍ଚ୍ଚାର ଆରମ୍ଭ । ଲୋକ ଅର୍ଥ 'ଅସଭ୍ୟ' 'ନିରକ୍ଷର' 'ଅପଣ୍ଡିତ'। କିନ୍ତୁ ତାଙ୍କ ସଂସ୍କୃତି, ପରମ୍ପରା, ଚଳଣି ଉପରେ ଚର୍ଚ୍ଚା କରୁଥିବା ଲୋକ ସଭ୍ୟ, ଉଚ୍ଚଶିକ୍ଷିତ, ପଣ୍ଡିତ। ସହରୀ ମଣିଷର ବିଶ୍ୱବିଦ୍ୟାଳୟରେ ପଠାପଢା, ଗବେଷଣା, ମୁଦ୍ରିତ ଲେଖାର ପ୍ରକାଶନ ପ୍ରଭୃତି ଶିଷ୍ଟସ୍ତରର କାର୍ଯ୍ୟ, ଅଥଚ ଗ୍ରାମ୍ୟ ଜନତାର ନିରକ୍ଷରତା ଓ ମୌଖିକତା ଲୋକସ୍ତରର । ସେ କାଳର ଶାସିତମାନଙ୍କ ମଧ୍ୟରେ ଭେଦ ସୃଷ୍ଟି ପାଇଁ ଏହା ଥିଲା ଶାସକମାନଙ୍କର ଏକ ଚମତ୍କାର ମନଭେଦି ଅସ୍ତ୍ର । ଊନବିଂଶ ଶତାବ୍ଦୀର ଶେଷଭାଗକୁ ଲୋକ ସଂସ୍କୃତି ଗବେଷଣା, ସାଂସ୍କୃତିକ ବିକାଶବାଦ ତତ୍ତ୍ୱ ଆଧାରିତ ହୋଇଛି । ମାନବ ଜାତିର ଐତିହ୍ୟ, ତା'ର ରୁଚି-ନୀତି-ଚଳଣି ଚିହ୍ନିବାକୁ ଲୋକବିଦ୍ୟା ଅଧ୍ୟୟନର ମାଧ୍ୟମ ହୋଇଛି । ଫଳରେ ଉପନିବେଶବାଦୀ ଆବଶ୍ୟକତାରୁ ଜନ୍ମ ଏହି ବର୍ଗର ଆଦିମ, ଅସଭ୍ୟ ମଣିଷମାନଙ୍କର ବିଚାରଧାରା କ୍ରମେ ମାନବବିଦ୍ୟାର ଏକ ବଳିଷ୍ଠ ଅଙ୍ଗର ସ୍ୱୀକୃତି ପାଇଛି । ଲୋକବିଦ୍ୟା କେବଳ ସୌଖିନ ଗବେଷଣାର ଆଧାର ନ ହୋଇ ଜୀବନର ଆବଶ୍ୟକତା ପରିପୂର୍ତ୍ତି ନିମିତ୍ତ ଏକ ସ୍ୱତନ୍ତ୍ର ବିଷୟ-ଶୃଙ୍ଖଳା ହୋଇଛି | ଏଥର ଆଉ କେବଳ ଶିଷ୍ଟ ଶିକ୍ଷିତମାନେ ନୁହନ୍ତି, ଲୋକମାନଙ୍କ ମଧ୍ୟରୁ ଲୋକେ ବାହାରିଛନ୍ତି, ଆପଣା ବିଦ୍ୟାର ଗବେଷଣା କରିବାକୁ ।"(ପଣ୍ଡା:୨୦୨୩:୧୧୮)

ଉପରୋକ୍ତ ଉକ୍ତିର ଅବତାରଣା ପରେ ଲୋକବିଦ୍ୟା ଚର୍ଚ୍ଚା ସମ୍ପର୍କରେ ଅଧିକ କହିବାର ଆବଶ୍ୟକ ମନେ ହୁଏ ନାହିଁ। ଓଡ଼ିଶାର ଲୋକବିଦ୍ୟା ବା ଲୋକକଳାର ଗୌରବମୟ ଐତିହ୍ୟ ଚର୍ଚ୍ଚାରେ ଗଞ୍ଜାମ ଜିଲ୍ଲା ସ୍ଥାନ ସର୍ବଥା ଅନନ୍ୟ । ସମୃଦ୍ଧ ଓ ବୈଚିତ୍ର୍ୟପୂର୍ଣ୍ଣ ସାଂସ୍କୃତିକ ପରମ୍ପରାଶୀଳ ଭୂମି - ଗଞ୍ଜାମ । ଯାହାର ମାଟିରେ ଗଢ଼ି ଉଠିଛି ପ୍ରାୟ ୬୩ ପ୍ରକାରରୁ ଅଧିକ ଲୋକକଳା। ଯେଉଁ କଳା ମାଧ୍ୟମରେ ସେହି ଅଂଚଳର ଲୋକବିଶ୍ୱାସ, ପର୍ବପର୍ବାଣୀ, ଧାର୍ମିକ ବିବିଧତା, ସମାଜର ପ୍ରଥାସିଦ୍ଧ ପରମ୍ପରା ତଥା ଲୋକଜୀବନର ସଚଳ, ସଚିତ୍ର ଜଳଛବି ପ୍ରତିବିମ୍ବିତ । ନାଚ, ଗୀତ, ବାଦ୍ୟ ବା ଲୋକବିଦ୍ୟାର ଯେକୌଣସି ବିଭାଗ ହେଉନା କାହିଁକି ତା'ର ସମୀକ୍ଷଣ ବା ମୂଲ୍ୟାୟନ ଏକ ସାଧାରଣ ପ୍ରସଙ୍ଗ ନୁହେଁ । ଏହି କାର୍ଯ୍ୟରେ କଳାକାର ସହ ଏକାକାର ହେବାକୁ ହୁଏ। ମାଟିର ସରଳ ବିଶ୍ୱାସୀ ଲୋକଙ୍କ ସହ ମିଶି ମାଟି ହେବାକୁ ହୁଏ । ପୁଣି ଆବଶ୍ୟକ ସହୃଦୟତାବୋଧ ଓ ତୀକ୍ଷ୍ଣ ବୈଜ୍ଞାନିକ ଦୃଷ୍ଟିକୋଣ। ସର୍ବୋପରି ସାଧାରଣ ପାଠକକୁ ମଧ୍ୟ ପାଠକୀୟ ଯୋଗ୍ୟତା ଓ ବିଷୟ ସମ୍ପର୍କରେ ସାଧାରଣ ଅବବୋଧର ଆବଶ୍ୟକତା ରହିଛ ; ଅନ୍ୟଥା ପଠନ, ମନନ, ସମୀକ୍ଷଣ ଅସାର ପ୍ରତିତ ହୁଏ।

୧୯୫୮ ମସିହା ଘୁମୁସରର ନିମିନାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ବାୟାମନୁ ଚର୍ଚ୍ଚି। ନିଜ ଅଞ୍ଚଳ ଓ ସଂସ୍କୃତିକୁ ପ୍ରାଣଭରି ଭଲ ପାଉଥିବା ତଥା ମାଟିମନସ୍କ ବ୍ୟକ୍ତିତ୍ୱଧାରୀ ଜଣେ ସାହିତ୍ୟ ସାଧକ। କବିତାରୁ ସାହିତ୍ୟ ଜୀବନ ଆରମ୍ଭ କରି ନାଟକ, ଗଳ୍ପ, ସମାଲୋଚନା ଓ ସମ୍ପାଦନା ଭଳି ସହିତ୍ୟକର୍ମ କରୁଥିବା ଶିଳ୍ପୀ,୧୯୮୭ ମସିହାରୁ ଲୋକନାଟ୍ୟ ଗବେଷଣାରେ ନିଜକୁ ସମର୍ପିତ କରିଥିବା ସାଧକ ରୂପେ; ଆପଣା ସ୍ୱୀକାରୋକ୍ତିରେ କୁହନ୍ତି - " ଲୋକନାଟ୍ୟ ଗବେଷଣା କ୍ଷେତ୍ରରେ ମୋତେ ପ୍ରୋତ୍ସାହିତ କରିଛନ୍ତି ମୋର ପରମ ପୂଜ୍ୟ ଦିଗ୍‌ଦର୍ଶକ, ଓଡ଼ିଶାର ପ୍ରଖ୍ୟାତ ଲୋକନାଟ୍ୟ ଗବେଷକ ପ୍ରାଧ୍ୟାପକ ଡକ୍ଟର ଉପେନ୍ଦ୍ର ନାୟକ ।"(ଚର୍ଚ୍ଚି:୨୦୧୨:୦୪)

୧୯୯୧ ମସିହାରେ, 'ଓଡ଼ିଆ ଲୀଳା ସାହିତ୍ୟକୁ ଗଞ୍ଜାମର ଅବଦାନ' ସଂଦର୍ଭ ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍. ଡି ଡିଗ୍ରୀ ପ୍ରାପ୍ତ କରିଛନ୍ତି । ସେତିକିରେ ଗବେଷଣାର ଜିଜ୍ଞାସା ପ୍ରଶମିତ ହୋଇପାରିନାହିଁ । ତତ୍‌ପରେ 'ଆମ

ଲୋକନାଟ୍ୟ ଭାରତଲୀଳା' ଓ 'ଗଞ୍ଜାମର ଲୋକନାଟ୍ୟ ପରମ୍ପରା' ଭଳି ଉଚ୍ଚକୋଟୀର ଲୋକସାହିତ୍ୟଧର୍ମୀ ସମାଲୋଚନା ପୁସ୍ତକ ସୃଷ୍ଟି କରିଛନ୍ତି । ଅଥଚ ଅନ୍ଧାର, ଧୂସର ପାହାଚ, ଭିନ୍ନ ସ୍ୱର, ରଂଗ ପରିଧି, ସମ୍ପର୍କ, ପାହାଚ ,ସ୍ମୃତି ବିସ୍ମୃତି , ନିସଙ୍ଗ ଅପରାହ୍ନ, ମହାବାତ୍ୟା, ସୁଦାମ, ଦାସିଆ ବାଉରୀ ଆଦି ନାଟକର ସୃଷ୍ଟିକର୍ତ୍ତା ଶ୍ରୀ ଚର୍ଚ୍ଚି; 'ଧୂସର ପାହାଚ' ନାଟକ ନିମନ୍ତେ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗିତାରେ ସମ୍ମାନିତ ମଧ୍ୟ । ଏହାଛଡ଼ା ତୃପ୍ତି ଗଳ୍ପ ସଂକଳନ, ସଂସ୍କୃତି ଓ ଐତିହ୍ୟ, ଆଧୁନିକ ଓଡ଼ିଆ ସାହିତ୍ୟ: ସ୍ରଷ୍ଟା ସୃଷ୍ଟି ଓ ବିଚାର ଭଳି ସମାଲୋଚନା ଗ୍ରନ୍ଥର ରଚୟିତା ଭାବେ ମଧ୍ୟ ପରିଚିତି ପ୍ରାପ୍ତ । ଓଡ଼ିଶା ଓ ଓଡ଼ିଶା ବାହାରର ବିଭିନ୍ନ ପତ୍ର ପତ୍ରିକାରେ ଲେଖଙ୍କର  ଅନେକ ପ୍ରବନ୍ଧ ପ୍ରକାଶିତ। ସର୍ବୋପରି ଲୋକସାହିତ୍ୟର ଗବେଷକ ତଥା ଲୋକନାଟ୍ୟପ୍ରେମୀ ସମାଲୋଚକ ଭାବରେ ସେ ବେଶ୍ ଜଣାଶୁଣା। ଶ୍ରୀଚର୍ଚ୍ଚିଙ୍କ 'ଗଞ୍ଜାମର ଲୋକନାଟ୍ୟ ପରମ୍ପରା' ପୁସ୍ତକଟି ୨୨୪ ପୃଷ୍ଠା ବିଶିଷ୍ଟ; ଅଥଚ ଗଞ୍ଜାମର ଲୋକକଳା ତଥା ଲୋକନାଟ ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ । ଯାହାକୁ ଲେଖକ ସମର୍ପିତ କରିଛନ୍ତି ତାଙ୍କର ପୂଜ୍ୟ ଦିଗ୍‌ଦର୍ଶକ ତଥା ଓଡ଼ିଶାର ବରେଣ୍ୟ ଲୋକନାଟ୍ୟ ଗବେଷକ ପ୍ରାଧ୍ୟାପକ ଡ଼. ଉପେନ୍ଦ୍ର ନାୟକଙ୍କୁ । ଏହି ପୁସ୍ତକରେ ଚାରୋଟି ମୁଖ୍ୟ ଅଧ୍ୟାୟ ସହିତ, ଉପସଂହାର, ପରିଶିଷ୍ଟ, ସହାୟକ ଗ୍ରନ୍ଥସୂଚୀ  ଓ ଫଟୋଚିତ୍ର ସ୍ଥାନ ପାଇଛି।

ପ୍ରଥମ ଅଧ୍ୟାୟରେ ଲୋକନାଟ ପରମ୍ପରା, ଓଡ଼ିଶାର ଲୋକନାଟ ଓ ଲୀଳାନାଟ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ପ୍ରାଚ୍ୟ ଓ ପାଶ୍ଚାତ୍ୟ ନାଟ୍ୟତତ୍ତ୍ୱବିଦ୍‌ମାନଙ୍କ ମତକୁ ନେଇ ସମାଲୋଚକ ପ୍ରମାଣ କରିଛନ୍ତି ଯେ - "ବିଶ୍ୱରେ ନାଟ୍ୟ ସୃଷ୍ଟିର ଆଦ୍ୟ ସ୍ଥଳୀ ହେଉଛି ଆମ ଭାରତ।" ବିଶ୍ୱରୁ ଭାରତ ଓ ଭାରତରୁ ଓଡ଼ିଶା ଲୋକନାଟ୍ୟ ପରମ୍ପରାର ଯୋଗସୂତ୍ର ସ୍ଥାପନପୂର୍ବକ ଲେଖକ, ଲୋକସାହିତ୍ୟର ବିଶିଷ୍ଟ ଓ ବଳିଷ୍ଠ ବିଭବ ଲୀଳାନାଟ୍ୟର ଉନ୍ମେଷ ସମ୍ପର୍କରେ ସମ୍ୟକ ବର୍ଣ୍ଣନା କରି, ଗଞ୍ଜାମ ଲୋକନାଟ ବିଭବ ସମ୍ପର୍କରେ ଆଲୋକପାତ କରିଛନ୍ତି । ଏପରିକି ଅଧ୍ୟାୟ ଶେଷରେ ସେ ପାଠକକୁ ଆହ୍ୱାନ କରିଛନ୍ତି ପରବର୍ତ୍ତୀ ଅଧ୍ୟାୟକୁ ପଢ଼ିବାକୁ ଓ ତାଙ୍କର ଜନ୍ମମାଟିର ଲୋକକଳାର ଐତିହ୍ୟକୁ ଜାଣିବାକୁ ।

'ଗଞ୍ଜାମର ଲୀଳାନାଟ୍ୟ' ଶୀର୍ଷକଟି ଦ୍ୱିତୀୟ ଅଧ୍ୟାୟର। ଯେଉଁଥିରେ ରାମଲୀଳା, କୃଷ୍ଣ ଲୀଳା, ରାସଲୀଳା, ଗୋପଲୀଳା, ରାଧାପ୍ରେମ ଲୀଳା, ଭାରତ ଲୀଳା ଆଦି ଲୀଳା ସଂପର୍କିତ ବିଶଦ ବର୍ଣ୍ଣନା ରହିଛି। ବିଭିନ୍ନ ଲୀଳାର ଉତ୍ପତ୍ତି, ସ୍ୱରୂପ, ରଚନା କାଳ, ଭାଷା ଶୈଳୀ, ବିବର୍ଦ୍ଧିତ ରୂପରେଖ ସହିତ ବିଭିନ୍ନ ଲୀଳାକାର, ଗାୟକ ଓ କଳାକାରଙ୍କ ପରିଚିତି ଏବଂ ରସଚର୍ଯ୍ୟାଦି ବିଷୟ ସହ ଉକ୍ତ ଲୀଳାର ସାମାଜିକ ଆବେଦନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗବେଷଣାତ୍ମକ  ତଥ୍ୟ ବର୍ଣ୍ଣନା କରାଯାଇଛି । ଭାରତ ଲୀଳା ସମ୍ପର୍କରେ ଲେଖକଙ୍କର ମତ ଏଠାରେ ଉପସ୍ଥାପନା କରିବା ପ୍ରାସଙ୍ଗିକ ମନେ ହୁଏ- "ସର୍ବୋପରି ଭାରତଲୀଳା ହେଉଛି ଗଞ୍ଜାମ ନାଟ୍ୟକଳାର ସୂଚୀପତ୍ର। ଏହି ଲୀଳା ପ୍ରତ୍ୟକ୍ଷ କଲେ ଗଞ୍ଜାମରେ ପ୍ରଦର୍ଶିତ ସମସ୍ତ ପ୍ରକାରର ଲୋକନାଟକର ପରିଚିତି ମିଳିଥାଏ। ପ୍ରଚଳିତ ଦଣ୍ଡନାଟ, ଚଢେୟା ନାଚ, ପ୍ରହ୍ଲାଦ ନାଟକ, ଘୁଡିକି, ପାଲା, ରାମଲୀଳା, କୃଷ୍ଣଲୀଳା ଆଦି ବିଭିନ୍ନ ଲୋକନାଟକର ଶୈଳୀ, ସ୍ୱର ଓ ଅଭିନୟ ଦୁଆରୀ ଚରିତ୍ରଦ୍ୱାରା ସମ୍ପାଦିତ ହୋଇଥାଏ। ଅର୍ଥାତ୍ ଦୁଆରୀ ଉପର୍ଯ୍ୟୁକ୍ତ ଲୋକନାଟ୍ୟର  ଶୈଳୀ ଓ ସ୍ୱରର ଅନୁକରଣରେ ଅର୍ଜୁନଙ୍କ ଦଶନାମ ଅଭିନୟ ମାଧ୍ୟମରେ ପରିବେଷଣ କରିଥାଏ । ବିଦଗ୍‌ଧତା ଓ ଲୋକଧର୍ମିତାର ଯୁଗପତ୍ ବିଳାସ ଭାରତଲୀଳାର ଅନ୍ୟତମ ବିଶେଷତ୍ୱ।"(ଚର୍ଚ୍ଚି : ୨୦୧୨: ୮୪)

ତୃତୀୟ ଅଧ୍ୟାୟଟି 'ଗଞ୍ଜାମର ନାଟକ ଓ ନାଟ'  ଶୀର୍ଷକରେ ନାମିତ । ପ୍ରହ୍ଲାଦ ନାଟକ, ରାମ ନାଟକ, ଅର୍ଜୁନ ନାଟକ, ଧ୍ରୁବ ନାଟକ, କଂସବଧ ନାଟକ, ମହୀରାବଣ ନାଟକ, କୀଚକବଧ ନାଟକ, ଜଳନ୍ଧରବଧ ନାଟକ,ଚନ୍ଦ୍ରଧ୍ୱଜ ନାଟକ, ଲକ୍ଷ୍ମୀପୁରାଣ ନାଟକ,ଦାସ କାଠିଆ, ସଖୀ ନାଟ,କଣ୍ଢେଇ ନାଟ,ଦଣ୍ଡ ନାଟ, ଓଷାକୋଠି, ଭୂତକେଳି, ଜାନୁଘଣ୍ଟ, ଧୋବା ନାଟ, ହରିକଥା, ଗଳ୍ପସାଗର, ଘୁଡୁକି ନାଟ, ଗୋଲା ନାଟ ଆଦି ନାଟକର ଉନ୍ମେଷ ଓ ବିକାଶ, ବିଷୟବସ୍ତୁ ପରିବେଷଣ ସମୟ, ଶୈଳୀ, ନାଟ୍ୟଗୁରୁମାନଙ୍କ ପରିଚୟ ଭଳି ତଥ୍ୟଭିତ୍ତିକ ଆଲୋଚନା ଭବିଷ୍ୟତର ଲୋକବିଦ୍ୟା ଗବେଷକମାନଙ୍କୁ ଉତ୍ତରୋତ୍ତର ଗବେଷଣା ନିମନ୍ତେ ସହାୟ ହେବ । ସର୍ବପ୍ରାଚୀନ ଦଣ୍ଡନାଟ ଓ ପ୍ରହ୍ଲାଦ ନାଟକ ସଂମ୍ପର୍କରେ ତଥ୍ୟଭିତ୍ତିକ ଚର୍ଚ୍ଚା ଏହି ଅଧ୍ୟାୟକୁ ଆହୁରି ରୋଚକ କରିଛି । ସେହିପରି, ପ୍ରାୟ ବିଲୁପ୍ତ 'ଲକ୍ଷ୍ମୀପୁରାଣ ନାଟ' ସମ୍ପର୍କରେ Ganjam District Gazetters ରୁ ତଥ୍ୟ ସଂଗ୍ରହ କରି ସେ କହିଛନ୍ତି – 'ଲକ୍ଷ୍ମୀପୁରାଣ ନାଟକ' ଶ୍ରୀ ଜଗନ୍ନାଥଙ୍କ ଲୀଳାମୃତର ଏକ ସଫଳ ରୂପାୟିତ ନାଟ୍ୟକଳା। ଏହା ମଧ୍ୟ ଯୋଗୀନ୍ଦ୍ର ମଳିକଙ୍କ ରଚନା । ଏହା ଗଂଜାମର ଠୁରୁବୁରେଇ, କଣଭାଗ ପ୍ରଭୃତି ସ୍ଥାନରେ ଅଭିନୀତ ହୋଇଥିଲା। ଏଥିରେ ମଧ୍ୟ ଦୁଇଟି ମଂଚ ବ୍ୟବହୃତ ହୋଇଥିଲା । ମା' ଲକ୍ଷ୍ମୀଙ୍କ ପାଇଁ ଗୋଟିଏ ଏବଂ ଅନ୍ୟଟି ପ୍ରଭୁ ଜଗନ୍ନାଥଙ୍କ ପାଇଁ । ଲକ୍ଷ୍ମୀ ପୁରାଣର ବିଷୟବସ୍ତୁ ଓ ଚରିତ୍ରକୁ ଆଧାରିତ କରି ଏହା ରଚିତ ।" (ଚର୍ଚ୍ଚି : ୨୦୧୨: ୧୦୮)

'ଗଞ୍ଜାମର ନାଚ ଓ ନୃତ୍ୟ'  ଚତୁର୍ଥ ଅଧ୍ୟାୟର ଶୀର୍ଷକ ଅଟେ । ପାଇକ ନାଚ, ରଣପା ନାଚ, ଚଢ଼େୟା ନାଚ, ବାଘ ନାଚ, କେଳା ନାଚ, ଡୁବୁଡୁବା ନାଚ, ମୁଣ୍ଡପୋତା ନାଚ, ବେଙ୍ଗୁଲୀ ନାଚ, ମାଙ୍କଡ଼ ନାଚ, କାଠି ନାଚ, କଳାଘୋଡ଼ା ନାଚ, ରାଜାରାଣୀ ନାଚ, ମାହାରୀ ନୃତ୍ୟ, କିଳିକିଳା ନୃତ୍ୟ, ଘଣ୍ଟ ନୃତ୍ୟ, ଯୋଡ଼ି ଶଙ୍ଖ ନୃତ୍ୟ ଆଦି ସମ୍ପର୍କରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି । ଉପରୋକ୍ତ ନାଟକର ଜନ୍ମ-ଜାତକ ଓ ତାକୁ ନେଇ ଗଢ଼ି ଉଠିଥିବା କିମ୍ବଦନ୍ତୀ, କଳାକାରଙ୍କ ବେଶ ପରିପାଟୀ, ମଂଚ, ବ୍ୟବହୃତ ବାଦ୍ୟଯନ୍ତ୍ର, ପରିବେଷଣର ଶୈଳୀ ଓ ନାଟ୍ୟଦଳ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ନୂତନ ତଥ୍ୟ ସହ ସବିଶେଷ ଆଲୋଚନା କରାଯାଇଛି । ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଲାଭ କରିଥିବା 'ରଣପା ନାଚ 'ର ନାମକରଣ ସହ ତା'ର କିମ୍ବଦନ୍ତୀ ଏବଂ ଏହି ନୃତ୍ୟ ପରିକଳ୍ପନାର ପୃଷ୍ଠଭୂମି ସମ୍ପର୍କରେ ଗବେଷକ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ରଣପା ନାଚର ଗୁରୁ ପଦ୍ମଶ୍ରୀ ଭଗବାନ ସାହୁଙ୍କ 'A brief sketch on Ranapa dance' ରେ ବର୍ଣ୍ଣିତ କିମ୍ବଦନ୍ତୀ ଆଧାରରେ ଲେଖକ କୁହନ୍ତି ଯେ, ଶ୍ରୀକୃଷ୍ଣ ଗାଈ ଚରାଇବା ସମୟରେ, ତାଙ୍କ ଗୋପାଳ ଭାଇମାନଙ୍କ ସହ ମିଶି , ମନୋରଞ୍ଜନ ନିମନ୍ତେ ଏହି ନୃତ୍ୟ ପରିବେଷଣ କରୁଥିଲେ ।ଏବଂ ସେହି ସମୟରୁ ଏହି ନୃତ୍ୟର ଉତ୍ପତ୍ତି। ବାସ୍ତବରେ ଲୋକକଳାର ଚିତ୍ରିତ-ବର୍ଣ୍ଣବିଭାର ଏକ ଲିଖିତ ସୂଚୀପତ୍ର ଏହି ଗ୍ରନ୍ଥ ମାଧ୍ୟମରେ ଲେଖକ ପ୍ରଦାନ କରିଛନ୍ତି।

ସମ୍ପୂର୍ଣ୍ଣ ପୁସ୍ତକର ଆଭିମୁଖ୍ୟ ଏବଂ ସାରଗର୍ଭକୁ ଅଳପ କେଇ ପୃଷ୍ଠାରେ ଉପସଂହାର  ଆକାରରେ ପ୍ରକାଶ କରିବାରେ ଲେଖକ ସଫଳ । ସେ ଗଞ୍ଜାମର ସମଗ୍ର ଲୋକନାଟକକୁ ତିନୋଟି ଶ୍ରେଣୀରେ  ବିଭକ୍ତ କରିଛନ୍ତି, ଯଥା - ଲୀଳାନାଟ୍ୟ, ନାଟକ ଓ ନାଟ, ନାଚ ଓ ନୃତ୍ୟ। ମାତ୍ର ଏହି ବିଭାଗୀକରଣର ଆଧାର ଦର୍ଶାଇ ନାହାନ୍ତି । ସେହିପରି ପୁସ୍ତକର ଅଧ୍ୟାୟଗୁଡ଼ିକରେ ମଧ୍ୟ ନାଚ ବା ନୃତ୍ୟ, ନାଟ ବା ନାଟକ ପରସ୍ପର ପରିପୂରକ ନା ପରସ୍ପରଠୁ ଭିନ୍ନ, ଏ ସମ୍ପର୍କରେ ସ୍ପଷ୍ଟ ଆଲୋଚନାର ଅଭାବ ଅନୁଭବ ହୋଇଥାଏ। ଏସବୁ ବ୍ୟତୀତ  ଲେଖକ ନଅ ଗୋଟି ସମ୍ଭାବ୍ୟ କାରଣ ଦେଇ

ପ୍ରମାଣ କରିଛନ୍ତି ଯେ , ଗଞ୍ଜାମ ଲୋକନାଟ୍ୟର ସମୃଦ୍ଧ ଐତିହ୍ୟ ତଥା ବିକଶିତ ପରମ୍ପରାର ପୃଷ୍ଠଭୂମି କେତେ ବଳିଷ୍ଠ ଓ ବିଶାଳ। ଉପସଂହାରର ଦ୍ୱିତୀୟ ଭାଗରେ ଲେଖକ ଅବକ୍ଷୟନ୍ମୁଖୀ ଲୋକକଳାକୁ ସମ୍ପ୍ରତି ବଞ୍ଚାଇବାର କେତୋଟି ଉପାୟ ଦେଇଛନ୍ତି । ଯାହାକୁ ପାଥେୟ କରି ଏହି ଅମୂଲ୍ୟ ଲୋକସାହିତ୍ୟ ଓ ସଂସ୍କୃତିକୁ ପୁନଃ ସଂରକ୍ଷିତ କରାଯାଇ ପାରିବ । ଏବଂ ଏହାକୁ ବଞ୍ଚାଇବା ଯେ ଆମର ଜାତୀୟ କର୍ତ୍ତବ୍ୟ;ଏହି କର୍ତ୍ତବ୍ୟ ପ୍ରତି ଯତ୍ନଶୀଳ ଓ ସଚେତନ ହେବା ଏକାନ୍ତ ବିଧେୟ ।

ଏହି ପୁସ୍ତକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାଗ ହେଉଛି, ଏହାର ପରିଶିଷ୍ଟ। ଯେଉଁଥିରେ ଲେଖକ ଦୁଇଶହରୁ ଊର୍ଦ୍ଧ୍ୱ ନାଟ୍ୟଗୁରୁ ବା କଳାକାରଙ୍କ ସାକ୍ଷାତ୍କାର କରି ତାହାର ଏକ ସୂଚୀ ପ୍ରଦାନପୂର୍ବକ ସେମାନଙ୍କ ଠିକଣା ଅବତାରଣା କରିଛନ୍ତି। ସହାୟକ ଗ୍ରନ୍ଥସୂଚୀ ମଧ୍ୟ ଅତ୍ୟନ୍ତ ଉପାଦେୟ ମନେ ହୁଏ, ଯେଉଁଥିରେ ଭିନ୍ନ ଭିନ୍ନ ଲୀଳା-ଚରିତର ତାଳପତ୍ର ପୋଥି ଓ ପାଣ୍ଡୁଲିପିର ସୂଚନା ରହିଛି । ଯାହାକୁ ସମ୍ପାଦନା କରାଯାଇ ସେହି ଲୀଳା ସମ୍ପର୍କରେ ଅଧିକ ଗବେଷଣା କରାଯାଇପାରିବାର ସମ୍ଭାବନା ସୃଷ୍ଟି କରୁଛି। ଶେଷରେ ବିଭିନ୍ନ ଲୀଳାର ଦୃଶ୍ୟ ଓ ଚରିତ୍ରମାନଙ୍କ ବେଶଭୂଷାର ଫଟୋଚିତ୍ର ଲେଖକଙ୍କର କ୍ଷେତ୍ର ଅଧ୍ୟୟନର ପାଟବତାକୁ ଦର୍ଶାଏ। ଓଡ଼ିଶାର ଲୋକସଂସ୍କୃତି ଓ କଳାର କଥା ଆସିଲେ ଗଞ୍ଜାମର ସ୍ଥାନ ବାରି ହୋଇପଡେ । ପରିମାଣାତ୍ମକ ଓ ଗୁଣାତ୍ମକ ମୂଲ୍ୟବୋଧ ଆଧାରରେ ଗଞ୍ଜାମ ଲୋକନାଟକର ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ। ଶ୍ରୀ ଚର୍ଚ୍ଚିଙ୍କ ଭାଷାରେ - " ଗଂଜାମ: ଓଡ଼ିଆ ଲୋକନାଟକର ଗୃହ ।" ଗଂଜାମରେ( ମାଡ୍ରାସ ପ୍ରେସିଡେନ୍ସି ସମୟର ) ଏମିତି ଗୋଟିଏ ଗାଁ ନଥିଲା , ଯେଉଁଠି ଆଖଡ଼ାଘର ବା ନାଟଘର ନଥିଲା, ଯେଉଁଠି ନଥିଲା ଲୀଳା ବା ଲୋକନାଟକର ପଦଚିହ୍ନ। ସରଳ , ଧର୍ମବିଶ୍ୱାସୀ ଗଂଜାମର ଜନତା । ଗାଁ ଗାଁରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିର। ଏବଂ ସେହି ଦେବଦେବୀଙ୍କୁ କେନ୍ଦ୍ରକରି ପରିବେଷିତ ହେଉଥିଲା ବିଭିନ୍ନ ନାଟକ । ଜନତା ପଲ୍ଲୀପ୍ରାଣତାର ଉପଭୋଗ କରନ୍ତି । ଆନନ୍ଦ ପାଆନ୍ତି। ଶିକ୍ଷା ପାଆନ୍ତି। ଧର୍ମ ପାଳନ୍ତି। ମାତ୍ର ସେଇ ଗହଳ ଚହଳରେ ଆଜି ଭଙ୍ଗା। ଯାହା ଶ୍ରୀ ଚର୍ଚ୍ଚିଙ୍କୁ ଆନ୍ଦୋଳିତ କରିଛି। ଏବଂ ସେହି ଅମୂଲ୍ୟ ପାରମ୍ପରିକ କଳାକୁ ସାଇତି ରଖିବାର ଚେଷ୍ଟାରେ ସେ ହୋଇଛନ୍ତି ଚଳଚଞ୍ଚଳ। ଯାହାର ଫଳଶ୍ରୁତି ଏହି ପୁସ୍ତକ ।

## ସହାୟକ ଗ୍ରନ୍ଥସୂଚୀ-

୧) ଚର୍ଚ୍ଚି,ବାୟାମନୁ, ୨୦୧୨, ଗଞ୍ଜାମର ଲୋକନାଟ୍ୟ ପରମ୍ପରା, ତୃପ୍ତି, ଭୁବନେଶ୍ୱର ।

୨) ପଣ୍ଡା,ପ୍ରଦୀପ୍ତ କୁମାର, ୨୦୨୩, ଲୋକବିଦ୍ୟା ଗବେଷଣାର ଭବ୍ୟ ଦିଗନ୍ତ, ଏଷଣା:୮୬, ଜୁନ୍,୨୦୨୩ ।

■ ■ ■

ISSN - 3139 - 9940 (ONLINE)




ପୂର୍ବ ସଂଖ୍ୟାର ପ୍ରଚ୍ଛଦ

Scan this QR code to visit
our Website.

The Panchara II Volume No - 01 Issue No - 02
A Half-Yearly Odia Folk Literary Rersearch Journal
www.pancharamagazine.com

At - Sahupada , PO- Manupali , District - Boudh
Subash Chandra Bhoi

ମୂଲ୍ୟ - ୫୦ ଟଙ୍କା ମାତ୍ର